ପ୍ରଜାତନ୍ତ୍ର
The Prajatantra
79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ
ସୀମାନ୍ତବାର୍ତ୍ତା ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ
fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୯ବର୍ଷ ❑ ସଂଖ୍ୟା-୧୯୭ ● କଟକ ● ରବିବାର ● ୨୨ ଫେବୃଆରୀ-୨୦୨୬ ● କୁମ୍ଭ-୨୨ ● ସାଲ୍-୧୪୩୧
CUTTACK ● SUNDAY ● 22 FEBRUARY-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## କେନ୍ଦ୍ରାପଡ଼ା: ଗୁରୁକୁଳରେ କଳଙ୍କ ଲଗାଇଲେ ଶିକ୍ଷକ

# ୭ମ ଛାତ୍ରୀଙ୍କୁ ଦୁଇବର୍ଷ ଧରି ଗଣଦୁଷ୍କର୍ମ

### ୩ ଶିକ୍ଷକ ଓ ପିଅନଙ୍କୁ ସହଯୋଗ କରୁଥିଲେ ଶିକ୍ଷୟିତ୍ରୀ

**ଜଘନ୍ୟ**

**ଅମାନବୀୟ**

**ଅକ୍ଷମଣୀୟ**

- ସହାୟିକାଙ୍କ ସହ ୫ ଅଟକ
- ସିଡବ୍ଲ୍ୟୁସିରେ ଅଭିଯୋଗ
- ଘଟଣାସ୍ଥଳକୁ ଯିବେ ଏସ୍‌ପି

କେନ୍ଦ୍ରାପଡ଼ା,(ପିପିଏସ୍):

କେନ୍ଦ୍ରାପଡ଼ା ରାଜକନିକାରେ ଲଜ୍ଜା। ପବ୍ଲିକ୍ ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସହ ଦୁଷ୍କର୍ମ ଅଭିଯୋଗ। ଦୁଷ୍କର୍ମରେ ସମ୍ପୃକ୍ତ ଅଛନ୍ତି ୩ ଜଣ ଶିକ୍ଷକ ଓ ଜଣେ ପିଅନ। ଏଥିରେ ସହଯୋଗ କରିଛନ୍ତି ସ୍କୁଲର ଜଣେ ଶିକ୍ଷୟିତ୍ରୀ। ବିଗତ ୪ବର୍ଷ ଧରି ନିୟମିତ ଛାତ୍ରୀଙ୍କ ସହ ଦୁଷ୍କର୍ମ କରି ଆସୁଥିଲେ ଏମାନେ। ଭାଇକୁ ମାରିଦେବାର ଧମକ ଦେଇ ଛାତ୍ରୀଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ୩ଜଣ ଶିକ୍ଷକ, ଜଣେ ପିଅନ ଓ ସେମାନଙ୍କୁ ସହଯୋଗ କରିଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଅଟକ ରଖିଥିଲା। ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଘଟଣାର ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଏଥିରେ ଜଣେ ମହିଳା ଡିଏସ୍‌ପି ଓ ଜଣେ ଆଡିସନାଲ ଏସ୍‌ପି ସାମିଲ ହୋଇଛନ୍ତି। ଏସ୍‌ପି ସିଦ୍ଧାର୍ଥ କଟାରିଆ ନିଜେ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଛାତ୍ରୀଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପୀଡ଼ିତାଙ୍କୁ ତ୍ୱରୀତ ଓ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ପୁଲିସ ଉଦ୍ୟମ କରୁଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀ ଗତ ଜାନୁଆରୀ ୧୪ତାରିଖରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ସ୍କୁଲର ପ୍ରିନ୍ସିପାଲଙ୍କୁ ଭେଟି ଅଭିଯୁକ୍ତ ଶିକ୍ଷକମାନଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରିନ୍ସିପାଲ ୧୫ ଦିନ ସମୟ ନେଇଥିଲେ। କିନ୍ତୁ ପ୍ରିନ୍ସିପାଲ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ଫଳରେ ଅଭିଯୁକ୍ତମାନଙ୍କ ସାହସ ବଢ଼ିଯାଇଥିଲା। ତେବେ ଘଟଣା ସମ୍ପର୍କରେ ଛାତ୍ରୀଙ୍କ ପରିବାର ଗତ ୧୮ତାରିଖରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷାଙ୍କୁ ଭେଟି ଅଭିଯୋଗ କରିଥିଲେ। ପରଦିନ ଅର୍ଥାତ୍ ୧୯ ତାରିଖରେ କମିଟିର ଏକ ଟିମ୍ ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅନେକ ଘଟଣା ସାମ୍ନାକୁ ଆସିଥିଲା, ଯାହାକି ଅଭିଯୁକ୍ତ ମାନଙ୍କ ସମ୍ପୃକ୍ତି ନେଇ ସୂଚନା ଦେଇଥିଲା। ଅଭିଯୋଗ ପାଇବା ପରେ ପ୍ରିନ୍ସିପାଲ କାହିଁକି ଚୁପ୍ ରହିଲେ ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସିଡବ୍ଲ୍ୟୁସିର କର୍ମକର୍ତ୍ତାମାନେ ଘଟଣାସ୍ଥଳ ପରିଦର୍ଶନ କରି ବୁଝିବା ପରେ ପୁଲିସ ଶନିବାର ତଦନ୍ତ କରିଥିଲା। ପରେ ପରିବାର ଲୋକେ ୨୧ ତାରିଖରେ ରାଜକନିକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ ସ୍କୁଲର ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି(୩୭), ବିଶ୍ୱରଞ୍ଜନ ସାହୁ(୩୧), ରଶ୍ମିକାନ୍ତ ବିଶ୍ୱାଳ(୪୭), ମିନତି ବାଇ(୩୪) ଓ ପିଅନ ରଶ୍ମୀରଞ୍ଜନ ରଣାଙ୍କ ନାମରେ ନଂ.୫୪/୨୬ରେ ପୋକ୍‌ସୋ ଆଇନରେ ମାମଲା ରୁଜୁ ପରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୀଡ଼ିତା ସପ୍ତମ ଶ୍ରେଣୀର ନାବାଳିକା ଛାତ୍ରୀ ଓ ଅଭିଯୁକ୍ତ ୫ଜଣଙ୍କର ବୟାନ ରେକର୍ଡ ହୋଇଥିବା ପ୍ରକାଶ। ସୂଚନାଯୋଗ୍ୟ, ଶେଷଥର ପାଇଁ ଜାନୁଆରୀରେ ପୀଡ଼ିତା ଛାତ୍ରୀ ସ୍କୁଲ୍‌ରେ ଥିଲେ। ମଧ୍ୟାହ୍ନ ସମୟରେ ତାଙ୍କୁ ସ୍କୁଲ ଅଫିସ୍‌କୁ ଡକାଇ ଏହି ଜଘନ୍ୟ କାଣ୍ଡ କରାଯାଇଥିବା ଅଭିଯୋଗ ରହିଛି। ଗଣଦୁଷ୍କର୍ମରେ ଭୟ ପାଇ ପୀଡ଼ିତା ସ୍କୁଲକୁ ଯାଉ ନ ଥିଲେ। ବିଦେଶରେ ଥିବା ବାପା ଘରକୁ ଫେରିବା ପରେ ପୀଡ଼ିତା ଛାତ୍ରୀ ଏ ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ। ସିଡବ୍ଲ୍ୟୁସି ଅଧକ୍ଷ ଗୀତାଞ୍ଜଳି ପାତ୍ରଙ୍କ ଟିମ୍ ପୀଡ଼ିତା ଛାତ୍ରୀଙ୍କ ବୟାନ ରେକର୍ଡ ସହ ଏହାର ରିପୋର୍ଟ ଏସ୍‌ପିଙ୍କୁ ୨୦ ତାରିଖରେ ଦେଇଛନ୍ତି। ଏନେଇ ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି, ଅଭିଯୁକ୍ତଙ୍କ ନାମରେ ପୋସ୍‌କୋ ଧାରାରେ ମାମଲା ରୁଜୁ ହୋଇଛି। ଘଟଣା



ସ୍ପର୍ଶକାତର ଥିବାରୁ ଏସ୍‌ପି କାଟାରିଆ ଏହି ମାମଲାରେ ତଦନ୍ତ କରୁଛନ୍ତି। ଛାତ୍ରୀଙ୍କ ମା' ଏହି ଘଟଣା ନେଇ ଲିଖିତ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗ ପତ୍ରରେ ଲେଖିଥିଲେ ଯେ ତାଙ୍କ ଝିଅ ଘରେ କାନ୍ଦୁଥିବାର ସେ ଦେଖିଥିଲେ। ପଚାରିବାରୁ ଝିଅ କହିଥିଲା ଯେ ସ୍କୁଲରେ ତାକୁ ୩ଜଣ ଶିକ୍ଷକ ସାଇନ୍ସ ଲାବ୍‌କୁ ଡାକି ନେଇ ତା' ସହିତ ଶାରୀରିକ ସମ୍ପର୍କ ରଖନ୍ତି। ଏ ବିଷୟରେ କାହାକୁ ନ କହିବାକୁ ଧମକ ଦିଅନ୍ତି। ଏ ବିଷୟରେ କାହାକୁ କହିଲେ ତାକୁ ଓ ତା' ସାନ ଭାଇକୁ ମାରିଦେବେ ବୋଲି ଧମକ ଦିଅନ୍ତି। ଛାତ୍ରୀଙ୍କ ମା' ଆହୁରି ଲେଖିଥିଲେ ଯେ ଏ ନେଇ ସେ ସ୍କୁଲ ଅଧକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଅପରପକ୍ଷରେ ଏହି ଘଟଣାକୁ ଜିଲ୍ଲା କଂଗ୍ରେସ ଗୁରୁତର ଭାବେ ଗ୍ରହଣ କରିଛି। ଜିଲ୍ଲା ସଭାପତି ଡା. ଦେବସ୍ମିତା ଶର୍ମା ଓ ବ୍ଲକ ଅଧକ୍ଷା ପୀଡ଼ିତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହା ଏକ ଲଜ୍ଜାଜନକ ଘଟଣା ଓ ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଶେଷ ପର୍ଯ୍ୟନ୍ତ ଜିଲ୍ଲା କଂଗ୍ରେସ ପରିବାର ସହିତ ଥିବା ଡା. ଶର୍ମା ପ୍ରକାଶ କରିଛନ୍ତି। ଶିଶୁ ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ, ପୀଡ଼ିତା ସ୍କୁଲରେ ପଢୁଛନ୍ତି। ସେ ନାବାଳିକା। ଆମକୁ ୧୦୯୮ ନମ୍ବରରେ ତାଙ୍କ ବାପା ଫୋନ୍ କରିଥିଲେ। ଉଭୟ ବିଭାଗ ଦ୍ୱାରା ମିଳିତ ତଦନ୍ତ କରାଯାଇ ଯାହା ରିପୋର୍ଟ ଆସିବ ସେନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବ୍ରାଜିଲ୍ ସହ ବଡ଼ଚୁକ୍ତି

- ଭାରତ ସହ ଦ୍ୱିପାକ୍ଷିକ ଆଲୋଚନା
- ୨୦ବିଲିୟନ୍ ଡଲାର ବାଣିଜ୍ୟ ଲକ୍ଷ୍ୟ

ନୂଆଦିଲ୍ଲୀ,(ଏଜେନ୍ସି):
ଭାରତ-ବ୍ରାଜିଲ୍ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଉଭୟ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସମୟରେ ଉଭୟ ଦେଶର ଅର୍ଥନୀତିକୁ ବୃଦ୍ଧି କରିପାରୁଥିବା ପ୍ରମୁଖ ପ୍ରସଙ୍ଗ ଉପରେ ସହମତି ପ୍ରକାଶ ପାଇଛି। ରାଷ୍ଟ୍ରପତି ଲୁଲା ଏବଂ ତାଙ୍କ ପ୍ରତିନିଧିମଣ୍ଡଳକୁ ଭାରତରେ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମୁଁ ରାଷ୍ଟ୍ରପତି ଲୁଲା ଏବଂ ତାଙ୍କ ପ୍ରତିନିଧିମଣ୍ଡଳକୁ ଭାରତରେ ସ୍ୱାଗତ କରି ଆନନ୍ଦିତ। ଭାରତ-ବ୍ରାଜିଲ ସମ୍ପର୍କ ତାଙ୍କ ଦୃଷ୍ଟିକୋଣ ଏବଂ ପ୍ରେରଣାଦାୟକ ନେତୃତ୍ୱରୁ ଦୀର୍ଘ ସମୟ ଧରି ଲାଭବାନ୍ ହୋଇଛି। ଶନିବାର ଦିଲ୍ଲୀରେ ଦୁଇ ଦେଶ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସମୟରେ, ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ୨୦୨୫ରେ, ଭାରତ ଏବଂ ବ୍ରାଜିଲ ମଧ୍ୟରେ ବାଣିଜ୍ୟ ୧୫.୨୧ ବିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ୨୫ ବିଲିୟନରୁ ଅଧିକ ବୃଦ୍ଧି ପାଇଥିଲା। ଭାରତର ରପ୍ତାନି ପରିମାଣ ୮.୩୫ ବିଲିୟନ ଡଲାର ଏବଂ ବ୍ରାଜିଲରୁ ଆମଦାନି ପରିମାଣ ୬.୮୫ ବିଲିୟନ ଡଲାର ଥିଲା। ଏହା ବ୍ୟତୀତ, ବ୍ରାଜିଲରେ ଭାରତୀୟ ନିବେଶ ୧୫ ବିଲିୟନ ଡଲାର ଅତିକ୍ରମ କରିଛି। ଉଲ୍ଲେଖନୀୟ ଯେ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଏବଂ ତାଙ୍କ ପ୍ରତିନିଧିମଣ୍ଡଳ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି। ଶନିବାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭାଙ୍କ ଉପସ୍ଥିତିରେ ହାଇଦ୍ରାବାଦ ହାଉସ୍‌ରେ ବୁଝାମଣାପତ୍ର ଆଦାନପ୍ରଦାନ କରାଯାଇଥିଲା। ଏହା ପରେ, ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ବ୍ରାଜିଲ ହେଉଛି ଲାଟିନ୍ ଆମେରିକାରେ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଆମେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାରରୁ ଅଧିକ ବୃଦ୍ଧି କରିବାକୁ ପ୍ରତିବଦ୍ଧ। ଆମର ବାଣିଜ୍ୟ କେବଳ ଏକ ସଂଖ୍ୟା ନୁହେଁ। ସେ କହିଛନ୍ତି, ଏହା ବିଶ୍ୱାସର ପ୍ରତୀକ। ଗତ କିଛିବର୍ଷ ମଧ୍ୟରେ ଦୁଇନେତା ଅନେକ ଥର ସାକ୍ଷାତ କରିଛନ୍ତି ଏବଂ ପ୍ରତ୍ୟେକ ଥର ରାଷ୍ଟ୍ରପତି ଲୁଲାଙ୍କ ଗଭୀର ବନ୍ଧୁତା ଏବଂ ଭାରତ ଉପରେ ବିଶ୍ୱାସ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। ରାଷ୍ଟ୍ରପତି ଲୁଲାଙ୍କ ଗସ୍ତ ଐତିହାସିକ ଏଆଇ ସମ୍ମିଳନୀକୁ ମଧ୍ୟ ଶକ୍ତିଶାଳୀ କରିଛି ଏବଂ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ମଜଭୁତ କରିଥିବା କୁହାଯାଉଛି।

# ଗତବର୍ଷ ଶ୍ରୀମନ୍ଦିରକୁ ମିଳିଛି ୩ କିଲୋ ସୁନା, ୧୮ କୋଟି ଟଙ୍କା

### ୧୯୮୧ରୁ ୨୦୨୫ ମଧ୍ୟରେ ମିଳିଛି ୫୮କେଜି ସୁନା

ଭୁବନେଶ୍ୱର,(ପିପିଏସ୍):

ମହାପ୍ରଭୁ ଜଗନ୍ନାଥଙ୍କୁ ମୁକ୍ତ ହସ୍ତରେ ଦାନ କରୁଛନ୍ତି ଶ୍ରଦ୍ଧାଳୁ। ଦାନ ହୁଣ୍ଡିରୁ କୋଟି କୋଟି ଟଙ୍କା ସଂଗ୍ରହ ସହିତ କେଜି କେଜି ସୁନା ମଧ୍ୟ ମିଳୁଛି। ଗତବର୍ଷ ଅର୍ଥାତ ୨୦୨୫ରେ ଶ୍ରୀଜଗନ୍ନାଥ ମନ୍ଦିର ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ୭୭୦ଟଙ୍କା ଦାନ ସଂଗ୍ରହ କରାଯାଇଛି। ଭକ୍ତମାନେ ଉକ୍ତ ବର୍ଷରେ ୩କିଗ୍ରା ୪୪୧ଗ୍ରାମ ମିଶ୍ରିତ ସୁନା ଓ ୩୩ କିଗ୍ରା ୬୪୮ଗ୍ରାମ ମିଶ୍ରିତ ରୁପା ଅଳଙ୍କାର ଦାନ କରିଛନ୍ତି। ଶନିବାର ଏ ସମ୍ପର୍କରେ ବିଧାନସଭାରେ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରଶ୍ନ କରିଥିଲେ, ଗତବର୍ଷ ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ, ହୁଣ୍ଡୀରୁ କେତେ ଟଙ୍କାର ଦାନ ସଂଗ୍ରହ କରାଯାଇଛି, ଏହା ଛଡ଼ା ଭକ୍ତମାନେ କେତେ ସୁନା, ରୁପା, ଅନ୍ୟାନ୍ୟ ଅଳଙ୍କାର ଓ ସମ୍ପତ୍ତି ବାଡ଼ି ଜଗନାଥ ମନ୍ଦିରକୁ ଦାନ କରିଛନ୍ତି, ହୁଣ୍ଡିରୁ ଆଦାୟ ହେଉଥିବା ଦାନର କେତେ ଭାଗ ମନ୍ଦିରକୁ ଯାଏ ଓ କେତେ ଭାଗ ଜଗନ୍ନାଥଙ୍କ ଅନ୍ୟ ସଂସ୍ଥାକୁ ଯାଏ ? ଗତବର୍ଷ ଅର୍ଥାତ ୨୦୨୫ରେ ଶ୍ରୀଜଗନ୍ନାଥ ମନ୍ଦିର



ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ୭୭୦ଟଙ୍କା ଦାନ ସଂଗ୍ରହ କରାଯାଇଛି। ଭକ୍ତମାନେ ଉକ୍ତ ବର୍ଷରେ ୩ କିଲୋ ୪୪୧ଗ୍ରାମ ମିଶ୍ରିତ ସୁନା ଓ ୩୩ କିଲୋ ୬୪୮ଗ୍ରାମ ମିଶ୍ରିତ ରୁପା ଅଳଙ୍କାର ଦାନ କରିଛନ୍ତି। ସେହିପରି ୧୯୮୧ରୁ ୨୦୨୪-୨୫ ସୁଦ୍ଧା ଶ୍ରୀମନ୍ଦିର ଦାନ ହୁଣ୍ଡିରୁ ମୋଟ୍ ୫୮ କେଜି ୩୧୭ ଗ୍ରାମ ସୁନା ମିଳିଛି। ସେହିପରି ୧୫୮ କେଜି ୮୩୬ ଗ୍ରାମ ରୁପା ସଂଗ୍ରହ ହୋଇଛି। ସେହିଭଳି ୨୦୧୧ରୁ ୨୦୨୫ ଭିତରେ ଶ୍ରୀମନ୍ଦିର ହୁଣ୍ଡି ଏବଂ ଅନ୍ୟ ଦାନରୁ ୩୦୪ କୋଟି ୫୭ ଲକ୍ଷ ଆଦାୟ ହୋଇଛି।

# ବୌଦ୍ଧରେ ପୁଣି ବାଣ ବିସ୍ଫୋରଣ

ବୌଦ୍ଧ,(ପିପିଏସ୍):
ପୁଣି ଥରେ ବାଣ ବିସ୍ଫୋରଣରେ ଥରି ଉଠିଛି ପୁରୁଣା କଟକ। ଶନିବାର ଅପରାହ୍ନ ୩ଟା ୩୦ ମିନିଟ୍ ସମୟରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣା କଟକ ଷ୍ଟେଟ୍ ବ୍ୟାଙ୍କ କଲୋନୀଠାରେ ବାଣ ଗୋଦାମରେ ପୁଣି ବାଣ ବିସ୍ଫୋରଣ ଘଟିଛି। କିଛି ମାସ ତଳେ ବାଣ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଥିବା ବେଳେ ବହୁ ସଂଖ୍ୟାରେ ସାଧାରଣ ଲୋକେ ଆହତ ହୋଇଥିଲେ। ଅନେକ ଘରଦ୍ୱାର ମଧ୍ୟ ବିସ୍ଫୋରଣରେ ଭାଙ୍ଗି ଯାଇଥିଲା। ପୁଲିସ୍ ଟ୍ରକ ଟ୍ରକ ପରିମାଣର ବାଣ ଜବତ କରିଥିଲା। ବାଣ ବ୍ୟବସାୟୀ ଆଲୋକ ଦତ୍ତ କାଷ୍ଟିକୁ ପୁଲିସ୍ ଗିରଫ କରି ଜେଲ୍ ପଠାଇ ଥିଲା। ଆଲୋକ ଜାମିନରେ ଆସିବା ପରେ ପୁଣି ବାଣ ବ୍ୟବସାୟ ଆରମ୍ଭ କରିଛି ଓ ଆଜି ତାଙ୍କ ଘରର ଉପର ମହଲାରେ ଥିବା ବାଣଗୁଡିକ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା ଓ ଲୋକେ ଭୟଭୀତ ହୋଇ ଏଣେ ତେଣେ ଦଉଡ଼ି ଥିଲେ। ଖବର ପାଇ ପୁରୁଣା କଟକ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବାଣ ବ୍ୟବସାୟୀ ଆଲୋକ ଦତ୍ତ କାଷ୍ଟିକୁ ଥାନାକୁ ନେଇ ଅଟକ ରଖି ପଚରା ଉଚୁରା କରୁଛି। ବାଣ ବିସ୍ଫୋରଣ ଘଟଣାରେ କେତେ ଜଣ ଆହତ କିମ୍ବା ଗୁରୁତର ହୋଇଛନ୍ତି ସେ ସମ୍ପର୍କରେ ତଥ୍ୟ ମିଳି ପାରିନାହିଁ।



# ମଣ୍ଡି ପାଇଁ ଗୃହ ଅଚଳ

### ଚାଷୀ ଝଡ଼ରେ ୪ଦିନ ହେଲା କମ୍ପୁଛି

**ଭୁବନେଶ୍ୱର,(ପିପିଏସ୍):** ମଣ୍ଡି ପାଇଁ ବିଧାନସଭା ଅଚଳ। ୪ ଦିନ ହେଲା ବିରୋଧୀଙ୍କ ହଟ୍ଟଗୋଳରେ ହୋଇପାରୁନି ଗୃହକାର୍ଯ୍ୟ। ଧୋଇଯାଉଛି ପ୍ରଶ୍ନକାଳ, ଶୂନ୍ୟକାଳ। ଗୃହ ବାହାରେ ବି ଶାସକ-ବିରୋଧୀ ମୁହାଁମୁହିଁ। କେଉଁ ଦିନ ୩ ମିନିଟ୍ ତ କେବେ ୭ ମିନିଟ୍। ଚାଷୀ ପ୍ରସଙ୍ଗରେ ହୁଲସ୍ଥୁଲ ବିଧାନସଭା। ସରକାର ଚାଷୀଙ୍କ ଧାନ କିଣୁନଥିବାରୁ ମଣ୍ଡିରେ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିବାଦରେ ବିଧାନସଭା ଆରମ୍ଭ ହେବା ଦିନଠାରୁ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ହାତରେ ପୋଷ୍ଟର, ବ୍ୟାନର୍ ଧରି ବିଜେଡି ସମସ୍ୟମାନେ ଗୃହରେ ନାରାବାଜି କରୁଛନ୍ତି। କଳାପଟି ବାନ୍ଧି କଂଗ୍ରେସ ବିଜେପି ସରକାରର ଚାଷୀମାରଣ ନୀତିକୁ ବିରୋଧ କରିଆସୁଛି। ଦୁଇ ବିରୋଧୀଙ୍କ ଗୋଟିଏ ଦାବି ମଣ୍ଡି ସମସ୍ୟା ଦୂରକରି ଚାଷୀଙ୍କ ଧାନକିଣ। ଚାଷୀଙ୍କ ଧାନ ନ କିଣି କୃଷି ଓ ସମବାୟ ମନ୍ତ୍ରୀ ଚାଷୀଙ୍କୁ ଅପମାନିତ କରିଛନ୍ତି। ପ୍ରଥମେ ଚାଷୀଙ୍କ ଧାନ କିଣନ୍ତୁ ତେବେ ଯାଇ ବିଧାନସଭା ସୁରୁଖୁରରେ ଚାଲିବ। ଚାଷୀଙ୍କ ଧାନ ନ କିଣି ଚାଷୀଙ୍କୁ ନକଲି ଚାଷୀ କହିବା, ନୌଟଙ୍କି କରୁଥିବା କହି ଅପମାନ କରିବା, ୮୦୦ ବଦଳରେ ୭୩୧ ଇନ୍‌ପୁଟ ସବସିଡି, ୧୫୦ କୁଇଣ୍ଟାଲ କ୍ୟାପିଙ୍ଗ ଭେଳିକି, ୩୦୦ ୟୁନିଟ୍ ମାଗଣା ବିଜୁଳିର ମିଛ ପ୍ରତିଶ୍ରୁତିକୁ ନେଇ ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଯେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ହୋଇନାହିଁ, ସେଯାଏ ଆନ୍ଦୋଳନ ଜାରିରହିବ ବୋଲି ଦୁଇ ବିରୋଧୀ ଚେତାବନୀ



ଦେଇଛନ୍ତି। କୃଷି, ଯୋଗାଣ ଓ ସମବାୟ ମନ୍ତ୍ରୀ ଚାଷୀଙ୍କୁ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଓ ବିଜେଡି ଦାବି କରିଛନ୍ତି। ଶାସକ ଦଳ କହିଛି ଗୃହ ଚାଲିଲେ କିଏ ଇସ୍ତଫା ଦେବ ସରକାର କ'ଣ କରିବେ ତାହା ସ୍ପଷ୍ଟ ହେବ। ଅପରାହ୍ନରେ ମଧ୍ୟ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହକୁ ସୋମବାର ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ। ବଜେଟ୍ ଅଧିବେଶନର ଆରମ୍ଭରୁ ଚାଷୀ ସମସ୍ୟା ନେଇ ହଟ୍ଟଗୋଳ ଜାରି ରଖିଥିବା ବେଳେ ଶାସକଦଳ ନିଜ ଜିଦ୍‌ରେ ଅଟଳ ରହିଛି। ଯାହାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ଦୁଇ ବିରୋଧୀ ଚେତାବନୀ ଦେଇଛନ୍ତି।

## ଧ୍ୱନିପ୍ରତିଧ୍ୱନି

**ମାଗଣା ଯୋଜନା ଓ ସୁପ୍ରିମ୍‌କୋର୍ଟ**

## ବାଟେଘାଟେ



ବଜେଟ୍‌ରେ ଏବେ ଗୋଲାପୀ ଚିତ୍ର
ଆଙ୍କିଲେ ମୋହନ ସର୍କାର
ସଡ଼କ ବିକାଶ ଗ୍ରାମୀଣ ବିକାଶ
ମନ୍ଦିର ପୁନରୁଦ୍ଧାର
ଗ୍ରାମାଞ୍ଚଳରୁ ସହର
ମଧୁବାବୁ ପେନସନ ଯୋଜନାରେ
ମିଳିବ ସୁଯୋଗ ଅପାର
ଦାଦନ ଶବ୍ଦ ବିଲୋପ ହୋଇବ
ନିଯୁକ୍ତି ପାଇବ ବେକାର
ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇବ
ଚମକିବ ଚାରି ସହର
ଶୈଳବାଳା କଲେଜକୁ ହତାଦର
ଲାଭ ମିଳିଲାନି ଏଥର - ରାହୀ

# ଆଦିମ ଜନଜାତିଙ୍କ ସ୍ୱତନ୍ତ୍ର ସର୍ଭେ ଖୁବ୍‌ଶୀଘ୍ର

### ସବୁ ଆଦିମ ଜନଜାତିଙ୍କୁ ମିଳିବ ଶତପ୍ରତିଶତ ସରକାରୀ ଯୋଜନାର ସୁବିଧା

ଭୁବନେଶ୍ୱର,(ପିପିଏସ୍):
ରାଜ୍ୟରେ ସାଧାରଣ ଜନଗଣନା ପୂର୍ବରୁ ରାଜ୍ୟ ସରକାର ଆଦିମ ଜନଜାତି(ପିଭିଟିଜି)ଙ୍କ ପାଇଁ ଏକ ସ୍ୱତନ୍ତ୍ର ସର୍ଭେ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସର୍ଭେ ମାଧ୍ୟମରେ ରାଜ୍ୟର ୧୪ଟି ଜିଲ୍ଲାରେ ବସବାସ କରୁଥିବା ୬୮୭୦୨ଟି ପିଭିଟିଜି ପରିବାରର ପ୍ରାୟ ୩.୧୨ଲକ୍ଷ ଲୋକଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ଶତପ୍ରତିଶତ ପହଞ୍ଚିପାରୁଛି କି ନାହିଁ ଓ କେଉଁଠି ଅଭାବ ରହୁଛି ତା'ର ବାସ୍ତବ ଡାଟାବେସ୍ ପ୍ରସ୍ତୁତ କରିବେ। ଦୁର୍ଗମ ଅଂଚଳରେ ବସବାସ କରୁଥିବା ପ୍ରତିଟି ପିଭିଟିଜି ପରିବାର ପାଖରେ ପହଂଚି ଡିଜିଟାଲ ସର୍ଭେ ମାଧ୍ୟମରେ ସେମାନଙ୍କ ପରିବାର ସଂକ୍ରାନ୍ତୀୟ ୪୮ଟି ଓ ସଦସ୍ୟମାନଙ୍କ ୧୪ଟି ତଥ୍ୟକୁ ସଂଗ୍ରହ କରାଯିବ। ସବୁ ତଥ୍ୟ ଏକ ନିର୍ଦ୍ଦିଷ୍ଟ ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ସଂଗୃହୀତ ହେବ। ମୋବାଇଲ ନେଟୱାର୍କ ନଥିଲେ ମଧ୍ୟ ଅଫଲାଇନରେ ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ଏହି ତଥ୍ୟ ସଂଗୃହୀତ ପରେ ଅପଲୋଡ କରାଯିବାର ସୁବିଧା ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ପ୍ରତିଟି ପିଭିଟିଜି ପରିବାର ପାଖରେ ପହଞ୍ଚିଥିବା ଓ ସେମାନଙ୍କୁ ସର୍ଭେଭୁକ୍ତ କରିଥିବା ନେଇ ଜିଓଟ୍ୟାଗ୍ ଓ ଫଟୋ ମଧ୍ୟ ଅପଲୋଡ୍ କରିବାର ପ୍ରାବଧାନ ରହିଛି। ସାଧାରଣ ଜନଗଣନା ପୂର୍ବରୁ ସରକାରଙ୍କ ଏହି ସର୍ଭେ ଆଦିବାସୀ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନରେ ଗେମଚେଞ୍ଜର ହେବ ବୋଲି କୁହାଯାଉଛି।



ରାଜ୍ୟରେ ସାଧାରଣ ଜନଗଣନା ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ରାଜ୍ୟରେ ବସବାସ କରୁଥିବା ଆଦିମ ଜନଜାତି ବା ପିଭିଟିଜିଙ୍କ ପାଇଁ ଏହି ସ୍ୱତନ୍ତ୍ର 'ଏଣ୍ଟାଇଟଲମେଣ୍ଟ ସର୍ଭେ' ଆରମ୍ଭ କରାଯିବ। ସାଧାରଣ ଜନଗଣନାବେଳେ ଅନେକ ତଥ୍ୟ ବାଦ୍ ପଡ଼ିଯାଉଥିବାରୁ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏହି ବ୍ୟାପକ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ଜନମନ ଅଭିଯାନକୁ ଶତପ୍ରତିଶତ ସୁଫଳ କରାଇବା ପାଇଁ ଏହି ଡାଟାବେସ୍ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ ରାଜ୍ୟର ୧୪ଟି ଜିଲ୍ଲାରେ ବସବାସ କରୁଥିବା ୧୩ଟି ଗୋଷ୍ଠୀର ୬୮,୭୦୨ ପିଭିଟିଜି ପରିବାର ଓ ସେମାନଙ୍କର ୩,୧୧,୭୬୦ ଜନସଂଖ୍ୟାକୁ ଏହି ସର୍ଭେ ପରିସରଭୁକ୍ତ କରାଯିବ। ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ୨୦ଟି ମାଇକ୍ରୋ ପ୍ରୋଜେକ୍ଟ ଏଜେନ୍ସି ମାଧ୍ୟମରେ ଏହି ଗଣନା କରାଯିବ। କେନ୍ଦୁଝର ଜିଲ୍ଲାର ବାଂଶପାଳ ଅଞ୍ଚଳରେ ସବୁଠାରୁ ଅଧିକ ୧୩୫୭୬ ପିଭିଜିଟି ପରିବାରର ପ୍ରାୟ ୬୮୩୧୩ ଲୋକ ରହୁଥିବାବେଳେ ରାୟଗଡ଼ାର ପୁଟାସିଂରେ ୬୯୩୩ଟି ପିଭିଟିଜି ପରିବାର ରହୁଛନ୍ତି। ଏହି ଦୁର୍ଗମ ଅଞ୍ଚଳଗୁଡ଼ିକୁ ଯାଇ ମୋବାଇଲ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ସେହି ସ୍ଥାନକୁ ଯାଇଥିବାର ପ୍ରମାଣସ୍ୱରୂପ ଅକ୍ଷାଂଶ ଓ ଦ୍ରାଘିମାର ସୂଚନା ମଧ୍ୟ ଦେବେ। ଏହି ସର୍ଭେ ପାଇଁ ପ୍ରସ୍ତୁତ ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ବିସ୍ତୃତ। ଯେଉଁଥିରେ ପରିବାରର ମୁଖ୍ୟଙ୍କୁ ପ୍ରାୟ ୪୮ଟି ପ୍ରଶ୍ନ ପଚରାଯିବ। ପରିବାରର ମୁଖ୍ୟଙ୍କ ଆଧାର କାର୍ଡ, ଶିକ୍ଷା, ବୃତ୍ତି, ଜମିବାଡ଼ର ମାଲିକାନା, ବ୍ୟାଙ୍କ ଆକାଉଣ୍ଟ, ଶୁଦ୍ଧ ପିଇବା ପାଣି, ବିଦ୍ୟୁତ ସଂଯୋଗ, ଶୌଚାଳୟ,ବାସଗୃହ ସୁବିଧା ଅଛି ନାହିଁ ସେ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ। ଏହାସହିତ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ୧୪ଟି ସ୍ୱତନ୍ତ୍ର ପ୍ରଶ୍ନ ରହିଛି। ଯେଉଁଥିରେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ସକିଲ୍ ସେଲ୍ ରୋଗ ପାଇଁ ପରୀକ୍ଷା ହୋଇଛି କି ନାହିଁ ତାହା ମଧ୍ୟ ଯାଞ୍ଚ ହେବ। ଏହି ସର୍ଭେ ସମୟରେ ସରକାରଙ୍କ ୧୬ଟି ଗୁରୁତ୍ୱପୂର୍ଣ୍ଣ ଯୋଜନାର ସୁଫଳ ସେମାନଙ୍କୁ ମିଳୁଛି କି ନାହିଁ ତାହା ଯାଞ୍ଚ ହେବ।

# ଆସୁଛି ଲଘୁଚାପ !

ଭୁବନେଶ୍ୱର,(ପିପିଏସ୍):
ବଦଳିପାରେ ରାଜ୍ୟର ପାଣିପାଗ। ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି। ଲଘୁଚାପର ଗତି ଓ ପ୍ରଭାବ ନେଇ ସ୍ପଷ୍ଟ ହୋଇନାହିଁ। ଭାରତ ମହାସାଗର ଓ ସଲଂଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଲଘୁଚାପ ସୃଷ୍ଟି ହେବା ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏନେଇ ରାଜ୍ୟରେ ୧୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପ୍ରଭାବରେ ଆସନ୍ତା ୨୩ ତାରିଖରୁ ରାଜ୍ୟର କେତେକ ସ୍ଥାନରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ପୁରୀ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଭଳି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୪ ତାରିଖ ପାଇଁ ଖୋର୍ଦ୍ଧା, କଟକ, ମୟୂରଭଞ୍ଜରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।






# ଆଜିର ରାଶିଫଳ

**ମେଷ** ନିଜର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପରେ ବିଜୟ ଲାଭ କରିବେ ଏବଂ ଶତ୍ରୁ ବିଜୟ ହେବ।ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ପ୍ରତିଯୋଗିତାରେ ଅନ୍ୟମାନଙ୍କୁ ପଛରେ ପକାଇ ଆଗକୁ ବଢ଼ିବେ। କୋର୍ଟ କଚେରୀ ମାମଲାରେ ରାୟ ଆପଣଙ୍କ ସପକ୍ଷରେ ଯାଇପାରେ।

**ବୃଷ** କର୍ମକ୍ଷେତ୍ରରେ ଏବଂ ପାରିବାରିକ ସ୍ତରରେ ଅନ୍ୟମାନଙ୍କ ଠାରୁ ସହଯୋଗ ବୃଦ୍ଧି ପାଇବ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ସହପାଠୀ ଓ ଶିକ୍ଷକଙ୍କ ପୂର୍ଣ୍ଣ ସାହାଯ୍ୟ ପାଇବେ। ମିଳିମିଶି କାର୍ଯ୍ୟ କଲେ ସଫଳତା ସୁନିଶ୍ଚିତ।

**ମିଥୁନ** ସତର୍କ ରୁହନ୍ତୁ, କୌଣସି କାରଣରୁ ସାମାଜିକ ସ୍ତରରେ ଅପମାନ ମିଳିବାର ଆଶଙ୍କା ରହିଛି। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ କୌଣସି ଭୁଲ ପାଇଁ ସମାଲୋଚିତ ହୋଇପାରନ୍ତି। ନିଜର ବ୍ୟବହାର ଓ କଥାବାର୍ତ୍ତାରେ ସଂଯମତା ରକ୍ଷା କରନ୍ତୁ।

**କର୍କଟ** ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ଖୁବ୍ ଭଲ ଏବଂ ବିଭିନ୍ନ ସୂତ୍ରରୁ ଧନ ଲାଭ ହେବ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ବୃତ୍ତି କିମ୍ବା ଆର୍ଥିକ ସହାୟତା ପାଇପାରନ୍ତି। ବ୍ୟବସାୟରେ ବକେୟା ଟଙ୍କା ଆଦାୟ ହେବାର ସୁଯୋଗ ଅଛି।

**ସିଂହ** ଘାତ ଚନ୍ଦ୍ର ଥିଲେ ମଧ୍ୟ ନିଜର କର୍ମ ପାଇଁ ସମାଜରେ ସମ୍ମାନିତ ହେବେ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ପୁରସ୍କୃତ ହୋଇପାରନ୍ତି। ତେବେ ଘାତ ଚନ୍ଦ୍ର ହେତୁ ମାନସିକ ସ୍ତରରେ ଟିକେ ସତର୍କ ରହିବା ଭଲ।

**କନ୍ୟା** ଉତ୍ତମ ବନ୍ଧୁଙ୍କ ସାନ୍ନିଧ ମିଳିବ ଏବଂ ବନ୍ଧୁ ଲାଭ ହେବ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ସାଙ୍ଗସାଥୀଙ୍କ ସହ ମିଶି ପାଠ ପଢ଼ିବାରେ ଆନନ୍ଦ ପାଇବେ। ବନ୍ଧୁଙ୍କ ସାହାଯ୍ୟରେ କୌଣସି ବଡ଼ କାମ ହୋଇଯିବ।

**ତୁଳା** ଅଯଥା ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ କାରଣ କଳହ ଯୋଗ ରହିଛି। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ସହପାଠୀଙ୍କ ସହ ବିବାଦରେ ପଡ଼ନ୍ତୁ ନାହିଁ। ଶାନ୍ତ ରହିବା ଏବଂ ବିବାଦୀୟ ପରିସ୍ଥିତିକୁ ଏଡ଼ାଇ ଯିବା ବୁଦ୍ଧିମାନର କାମ ହେବ।

**ବିଛା** ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ଅନୁଭବ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ପୂର୍ଣ୍ଣ ଏକାଗ୍ରତାର ସହ ପଢ଼ାପଢ଼ି କରିବେ। ପୁରୁଣା ରୋଗରୁ ଆରୋଗ୍ୟ ଲାଭ କରିବେ।

**ଧନୁ** ଯଶ ଓ କୀର୍ତ୍ତି ବଢ଼ିବ ଏବଂ ସମ୍ମାନ ବୃଦ୍ଧି ହେବ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ନେତୃତ୍ୱ ନେବାର ସୁଯୋଗ ପାଇବେ ଏବଂ ପ୍ରଶଂସିତ ହେବେ। ସମାଜରେ ଆପଣଙ୍କର ଗୁରୁତ୍ୱ ବଢ଼ିବ।

**ମକର** ଘାତବାର ରହିଛି, ତେଣୁ ସତର୍କ ରୁହନ୍ତୁ। ତଥାପି ଦିନ ଶେଷରେ ମାନସିକ ଶାନ୍ତି ମିଳିବ ଏବଂ ସୁଖ ନିଦ୍ରା ହେବ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ପରିଶ୍ରମ ପରେ ବିଶ୍ରାମ ନେବେ। କୌଣସି ବିପଦପୂର୍ଣ୍ଣ କାମ କରନ୍ତୁ ନାହିଁ।

**କୁମ୍ଭ** ହାତଖୋଲା ଖର୍ଚ୍ଚ ଯୋଗୁ ବ୍ୟୟ ବୃଦ୍ଧି ଘଟିପାରେ। ତେଣୁ ବଜେଟ୍ ପ୍ରତି ଧ୍ୟାନ ଦିଅନ୍ତୁ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ମନୋରଞ୍ଜନ ବା ଅନ୍ୟ କାର୍ଯ୍ୟରେ ସମୟ ଓ ଅର୍ଥ ଖର୍ଚ୍ଚ କରିପାରନ୍ତି। ଆବଶ୍ୟକ ନଥିବା ଜିନିଷ କିଣନ୍ତୁ ନାହିଁ।

**ମୀନ** ଯାତ୍ରାରେ ଶୁଭ ଫଳ ମିଳିବ। କୌଣସି କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଗଲେ ସଫଳତା ମିଳିବ। ଶିକ୍ଷା କ୍ଷେତ୍ରରେ ବିଦ୍ୟାର୍ଥୀମାନେ ଶିକ୍ଷାମୂଳକ ଭ୍ରମଣରେ ଯାଇପାରନ୍ତି। ଯାତ୍ରା ସମୟରେ ମନ ପ୍ରସନ୍ନ ରହିବ।

# ଚିକେନ ପିଆଜ କଷା

**ଆବଶ୍ୟକ ସାମଗ୍ରୀ :** ଚିକେନ୍, ପିଆଜ, ଟମାଟୋ, ତେଲ, ଲୁଣ, ହଳଦୀ, ଗରମ ମସଲା, କଞ୍ଚା ଲଙ୍କା, ଶୁଖିଲା ଲଙ୍କା ଗୁଣ୍ଡ ଓ ଧନିଆପତ୍ର

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲିରେ କଡ଼େଇ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ କଟା ଯାଇଥିବା ପିଆଜ ପକାନ୍ତୁ। ପିଆଜ ବାଦାମୀ ରଙ୍ଗ ହୋଇ ଆସିଲେ ସେଥିରେ କଞ୍ଚାଲଙ୍କା ପକାନ୍ତୁ। ତା'ପରେ ସେଥିରେ ଚିକେନ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ହଳଦୀ ଗୁଣ୍ଡ,ଲଙ୍କା ଗୁଣ୍ଡ, କଟା ଟମାଟୋ ଓ ଆବଶ୍ୟକ ଅନୁଯାୟୀ ଲୁଣ ପକାନ୍ତୁ। ଏହାପରେ ୨୦ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବେ କଷନ୍ତୁ। ଚିକେନ୍ କଷି ହୋଇଯିବା ପରେ ସେଥିରେ ଅଳ୍ପ ପାଣି ଦେଇ ଘୋଡ଼ଣି ଘୋଡେଇ ଦିଅନ୍ତୁ। ଚିକେନ୍ ସିଝିଯିବା ପରେ ସେଥିରେ ଗରମ ମସଲା ଓ ଧନିଆ ପତ୍ର ପକାଇ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ଚିକେନ୍ ପିଆଜ କଷା'। ଏହି ରେସିପିଟିକୁ ଗରମ ଗରମ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଘର ଲୋକଙ୍କୁ ପରଷନ୍ତୁ ।



# ପାଣି କେଉଁଠି ମଧୁର ତ କେଉଁଠି ଲୁଣିଆ କାହିଁକି

ଜଳ ବିନା ଜୀବନ ଅସମ୍ଭବ। ହେଲେ କେବେ ଭାବିଛନ୍ତି କି ପୃଥିବୀର ଭିନ୍ନ ଭିନ୍ନ ସ୍ଥାନରେ ପାଣିର ସ୍ୱାଦ ଅଲଗା ଅଲଗା କାହିଁକି ହୋଇଥାଏ ? ଗୋଟିଏ ଗ୍ରହରେ ଥାଇ ବି ଭିନ୍ନ ଭିନ୍ନ ସ୍ଥାନର ଲୋକେ ଭିନ୍ନ ଭିନ୍ନ ସ୍ୱାଦର ପାଣି କାହିଁକି ପିଅନ୍ତି ?

ତେବେ ପ୍ରକୃତରେ କହିବାକୁଗଲେ ବିଶୁଦ୍ଧ ଜଳର କୌଣସି ସ୍ୱାଦ ନ ଥାଏ। ହେଲେ ଯେବେ ଜଳ ଭୂମି ଭିତର ଦେଇ ଯାଏ ତାହା ବିଭିନ୍ନ ଖଣିଜ ପଦାର୍ଥ ସଂସ୍ପର୍ଶରେ ଆସେ। ଆଉ ଏହି ଖଣିଜ ପଦାର୍ଥ ଜଳରେ ମିଶିଯିବା ପରେ ଜଳର ସ୍ୱାଦ ପରିବର୍ତ୍ତନ ହୋଇଯାଏ। ପାଣିରେ ମିଶିଥିବା ଖଣିଜ ପଦାର୍ଥ ଯେମିତିକି କ୍ୟାଲସିୟମ୍, ମ୍ୟାଗନେସିୟମ୍, ସୋଡିୟମ୍ ଓ ପଟାସିୟମ୍ ଆଦିର ମାତ୍ରା ଜଳର ସ୍ୱାଦକୁ ପ୍ରଭାବିତ କରିଥାଏ। ଏହାବାଦ ଯେଉଁଠୁ ଜଳ ବାହାରିଥାଏ ସେଠାକାର ଭୂଗର୍ଭୀୟ ସଂରଚନା ବି



ପାଣିର ସ୍ୱାଦକୁ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ,ଚୁନପଥର ଥିବା ଅଞ୍ଚଳର ଜଳ କ୍ୟାଲସିୟମ ଯୁକ୍ତ ହୋଇଥାଏ। ଫଳରେ ଜଳ କଠୋର ବି ହୋଇଯାଏ।

ଏହାବାଦ ଜଳଚକ୍ର ଯୋଗୁ ଜଳ ବାଷ୍ପରେ ପରିଣତ ହୁଏ, ମେଘରେ ପରିଣତ ହୁଏ ଓ ପରେ ତାହା ବର୍ଷା ଅବା ତୁଷାରପାତ ରୂପରେ ଭୂମିକୁ ଆସିଥାଏ। ଏହି ପ୍ରକ୍ରିୟା ଭିତରେ ପାଣି ବିଭିନ୍ନ ପ୍ରକାରର ପଦାର୍ଥ ସମ୍ପର୍କରେ ଆସିଥାଏ। ଯାହାକି ଜଳର ସ୍ୱାଦକୁ ପ୍ରଭାବିତ କରିଥାଏ।

ଏହାବାଦ ପାଣିର ପିଏଚ୍ ସ୍ତର ବି ପାଣିର ସ୍ୱାଦକୁ ପ୍ରଭାବିତ କରିଥାଏ। ଅମ୍ଳୀୟ ପାଣି ଖଟା ଲାଗିଥାଏ। ହେଲେ କ୍ଷାରୀୟ ଜଳ ଲବଣାକ୍ତ ଲାଗେ। ସେହିଭଳି ବିଭିନ୍ନ ପ୍ରକାରର ଗ୍ୟାସ୍ ଯେମିତିକି ଅମ୍ଳଜାନ, କାର୍ବନ ଡାଇ ଅକ୍ସାଇଡ ଆଦି ଜଳରେ ମିଶିଲେ ବି ପାଣିର ସ୍ୱାଦ ବଦଳିଥାଏ।

# ବାରମ୍ବାର ମୁଣ୍ଡବିନ୍ଧା ହେଉଛି କି



ନ୍ୟୁରୋଲୋଜି ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ପ୍ରାୟତଃ ଚିହ୍ନଟ ହୁଏ ନାହିଁ କିମ୍ବା ସାମାନ୍ୟ ମନେହୁଏ, କିନ୍ତୁ ଏହା ଏକ ଗମ୍ଭୀର ରୋଗର ଲକ୍ଷଣ ମଧ୍ୟ ହୋଇପାରେ। ସଠିକ ସମୟରେ ନ୍ୟୁରୋଲୋଜିଷ୍ଟଙ୍କ ସହିତ ପରାମର୍ଶ କରିବା ଗୁରୁତ୍ୱପୂର୍ଣ୍ଣ, ଯାହା ଦାରା ସଠିକ ଚିକିତ୍ସା ସମୟ ମଧ୍ୟରେ ଦିଆଯାଇପାରିବ। କାରଣ ଏହାର ଅନେକ ଲକ୍ଷଣ ହୋଇପାରେ। ଯାହା ଆପଣ ଅନୁମାନ ମଧ୍ୟ କରିପାରିବେ ନାହିଁ।

କେତେକ ସମୟରେ ମୁଣ୍ଡବିନ୍ଧା ସ୍ୱାଭାବିକ, କିନ୍ତୁ ଯଦି ମୁଣ୍ଡବିନ୍ଧା ବାରମ୍ବାର ହେଉଛି କିମ୍ବା ବହୁତ ଗମ୍ଭୀର, ତେବେ ଏହା କୌଣସି ବଡ଼ ଲକ୍ଷଣ ଆଡ଼କୁ ଇଙ୍ଗିତ କରେ। ଯେପରିକି ଏହା ମାଇଗ୍ରେନ, କ୍ଲଷ୍ଟର କିମ୍ବା ଟେନସନ ଯୋଗୁ ହୋଇପାରେ। ଯଦି ମୁଣ୍ଡବିନ୍ଧା ସହିତ ବାନ୍ତି, ଦୃଷ୍ଟି ଝାପ୍ସା ଭଳି ସମସ୍ୟା ଅଛି, ତେବେ ଏହା ଗମ୍ଭୀର ହୋଇପାରେ।

ଯଦି ଶରୀରର କୌଣସି ଅଂଶରେ, ବିଶେଷକରି ଶରୀରର ଗୋଟିଏ ପାର୍ଶ୍ୱରେ ବାରମ୍ବାର ଝିମ ଝିମ, ଝିମ ଝିମ କିମ୍ବା ସଂବେଦନହୀନତା ହେଉଛି, ତେବେ ଏହା ସ୍ନାୟୁ କ୍ଷତି, ମଲ୍ଟିପଲ ସ୍କ୍ଲେରୋସିସ କିମ୍ବା ଷ୍ଟ୍ରୋକର ଲକ୍ଷଣ ହୋଇପାରେ। ଯଦି ଏପରି ଲକ୍ଷଣ ବାରମ୍ବାର ଦେଖାଯାଏ କିମ୍ବା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଡାକ୍ତରଙ୍କୁ ଦେଖା କରିବା ଗୁରୁତ୍ୱପୂର୍ଣ୍ଣ।

ଯଦି ବାରମ୍ବାର ଭୁଲିଯିବା, ଧ୍ୟାନ କେନ୍ଦ୍ରିତ କରିବାରେ ଅସୁବିଧା ହେବା କିମ୍ବା ଚିନ୍ତା କରିବାର ଉପାୟ ପରିବର୍ତ୍ତନ ହେବାର ଅଭିଯୋଗ ଅଛି, ତେବେ ଏହା ଡିମେନ୍ସିଆ, ଆଲଜାଇମର କିମ୍ବା ଅନ୍ୟ ମସ୍ତିଷ୍କ ସମ୍ବନ୍ଧୀୟ ରୋଗର ଲକ୍ଷଣ ହୋଇପାରେ। ନ୍ୟୁରୋଲୋଜିଷ୍ଟମାନେ ଏହି ଅବସ୍ଥା ପରୀକ୍ଷା କରି ସଠିକ ଚିକିତ୍ସା ଆରମ୍ଭ କରିପାରିବେ।

ଯଦି ଆପଣଙ୍କୁ ବାରମ୍ବାର ମୁଣ୍ଡ ଘୁରାଇବା, ମୁଣ୍ଡ ହାଲୁକା ଅନୁଭବ କରିବା କିମ୍ବା ଚାଲିବା ସମୟରେ ସନ୍ତୁଳନ ବଜାୟ ରଖିବାରେ ଅସୁବିଧା ହେଉଛି, ତେବେ ଏହା ମସ୍ତିଷ୍କ, ମେରୁଦଣ୍ଡ କିମ୍ବା କାନ ସମ୍ବନ୍ଧୀୟ ଏକ ସ୍ନାୟୁଗତ ସମସ୍ୟା ହୋଇପାରେ। ହଠାତ୍ କିମ୍ବା ଅନ୍ୟାନ୍ୟ ଲକ୍ଷଣ ସହିତ ଏପରି ସମସ୍ୟା ଅଧିକ ଗୁରୁତର ହୋଇପାରେ।

# ସମ୍ପର୍କ ପାଇଁ ସମୟ

**ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ଯେତିକି ଦରକାର ସେତିକି ଜରୁରୀ ସମ୍ପର୍କ। ହେଲେ ଏବେ ଅଧିକାଂଶ ମହିଳା କର୍ମକ୍ଷେତ୍ର ଓ ଘରକାମ ଭିତରେ ଏଭଳି ବ୍ୟସ୍ତ ରହୁଛନ୍ତି ଯେ ଅନ୍ୟ କୌଣସି ସମ୍ପର୍କ ନିଭାଇବାକୁ ସୁଯୋଗ ପାଉନାହାନ୍ତି। କିନ୍ତୁ ନିଜକୁ ସୁସ୍ଥ ରଖିବାକୁ ହେଲେ ସାମାଜିକ ସମ୍ପର୍କର ବି ମହତ୍ତ୍ୱ ରହିଛି ଏକଥା ଭୁଲିବା ଠିକ୍ ନୁହେଁ...**

କର୍ମଜୀବୀ ମହିଳା ହୁଅନ୍ତୁ କି ଗୃହିଣୀ କାମର ଚାପରେ ଏଭଳି ଛନ୍ଦି ହୋଇଯାଇଥାନ୍ତି ଯେ ସାମାଜିକ ସମ୍ପର୍କ ନିଭାଇବା କଥାକୁ ସେମାନେ ମନରୁ ଦୂରେଇ ଦେଇଥାନ୍ତି। କିନ୍ତୁ ଏହି ସମ୍ପର୍କ ଯେ ସେମାନଙ୍କ ପାଇଁ ନିହାତି ଜରୁରୀ ଏକଥା ବୁଝିବା ଦରକାର। ସାମାଜିକ ସମ୍ପର୍କ ବିନା ମଣିଷ ଜୀବନର ଅସ୍ତିତ୍ୱ ସମ୍ଭବ ନୁହେଁ। ଆଉ ସମ୍ପର୍କର ଅସ୍ତିତ୍ୱ ଯେତେବେଳେ ଦୋହଲିଯାଏ ସେତେବେଳେ ଅନେକ ସମସ୍ୟା ସୃଷ୍ଟି ହୁଏ। ଉଭୟ ଶାରୀରିକ ଓ ମାନସିକ ସମସ୍ୟାରୁ ଅନେକାଂଶରେ ମୁକ୍ତି ପାଇବା ପାଇଁ ହେଲେ ସାମାଜିକ ସମ୍ପର୍କକୁ ଭୁଲିଯିବା ଠିକ୍ ନୁହେଁ।

**ଡିପ୍ରେସନ କମ୍ କରେ:** ସାମାଜିକ ସମ୍ପର୍କ ପ୍ରତ୍ୟେକ ମଣିଷକୁ ଏକ ଭିନ୍ନ ଅନୁଭବ ଦେଇଥାଏ। ବିଭିନ୍ନ ସମ୍ପର୍କରେ ବନ୍ଧାହୋଇଥିବା ମଣିଷ ଅନେକଙ୍କ ସହ ଦେଖାସାକ୍ଷାତ କରି ପରସ୍ପର କଥାବାର୍ତ୍ତା ହେବାର ସୁଯୋଗ ପାଇଥାଏ। ତେଣୁ ମନ ଭିତରେ ଅନେକ ପ୍ରସଙ୍ଗ, ଅନେକ କଥା ଓ ଭାବନା ଆସିଥାଏ। ଏଥିପାଇଁ କେହି ବି ନିଃସଙ୍ଗତା ଅନୁଭବ କରିବେ ନାହିଁ।



ଅନ୍ୟପକ୍ଷରେ କେବଳ ନିଜ କାମ ଭିତରେ ବାନ୍ଧିହୋଇ ସମୟ କଟାଉଥିବା ମଣିଷ ହିଁ ସବୁବେଳେ ନିଜକୁ ଏକା ଭାବିଥାଏ। ବେଳେବେଳେ ଏଥିପାଇଁ ସେ ଡିପ୍ରେସନର ବି ଶିକାର ହୋଇଥାଏ। ତେଣୁ ମହିଳାମାନେ କିଛି ସମୟ ନିଜ ପଡ଼ୋଶୀ କିମ୍ବା ଅନ୍ୟ ବନ୍ଧୁମାନଙ୍କ ସହ କଥାବାର୍ତ୍ତା କରି ସମୟ କଟାଇବା ଦରକାର। ଫଳରେ ଡିପ୍ରେସନ, ହାର୍ଟଆଟାକ୍, ନିଦ୍ରାହୀନତା ଆଦି ବିଭିନ୍ନ ରୋଗର ଆଶଙ୍କା ମଧ୍ୟ ରହିବ ନାହିଁ।

**ଆଶାର କିରଣ:** କର୍ମଜୀବୀ ମହିଳାମାନେ ସାଧାରଣତଃ କାମର ଚାପରେ ନିଜ ପାଇଁ ସମୟ ବାହାର କରିବାକୁ ସୁଯୋଗ ପାଆନ୍ତି ନାହିଁ। ଏଥିପାଇଁ ସବୁବେଳେ କାମର ବୋଝ ଥିବା ଭଳି ଅନୁଭବ କରନ୍ତି। ଏହି କାରଣରୁ ଖୁବଶୀଘ୍ର ହତାଶ ହୋଇ ପଡନ୍ତି ଓ ମନରେ ନିରାଶାର ଭାବ ସୃଷ୍ଟି ହୁଏ। କିନ୍ତୁ ଯେଉଁମାନେ ବିଭିନ୍ନ ଲୋକଙ୍କ ସହ ସାମାଜିକ ସମ୍ପର୍କରେ ବନ୍ଧା ହୋଇଥାନ୍ତି ସେମାନଙ୍କ ପାଖରେ କିଛି ନା କିଛି ସମାଧାନର ପନ୍ଥା ମିଳିଯାଏ। ବନ୍ଧୁବାନ୍ଧବ କିମ୍ବା ସମ୍ପର୍କୀୟମାନେ ଅସୁବିଧା ସମୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି କିମ୍ବା ସମାଧାନର ବିଭିନ୍ନ ପ୍ରସ୍ତାବ ବି ଦେଇପାରନ୍ତି। ତେଣୁ ସମ୍ପର୍କରେ ବନ୍ଧା ମଣିଷ ମନରେ ନିରାଶା ବଦଳରେ ଆଶାର ସଞ୍ଚାର ହୋଇଥାଏ।

**କ୍ରୋଧ ଉପରେ ନିୟନ୍ତ୍ରଣ:** ସାମାଜିକ ସମ୍ପର୍କ ରଖୁ ନ ଥିବା ମଣିଷ ଅନେକ ସମୟରେ ଚିଡ଼ିଚିଡ଼ାପଣର ଶିକାର ହୋଇଥାନ୍ତି। କାରଣ କାର୍ଯ୍ୟର ଚାପ ଯୋଗୁ ସେମାନେ ବିରକ୍ତ ହୋଇ ଯାଆନ୍ତି। ଏଥିପାଇଁ ଅତିଶୀଘ୍ର ରାଗି ଯାଆନ୍ତି। କିନ୍ତୁ ସାମାଜିକ ସମ୍ପର୍କରେ ବନ୍ଧା ହୋଇଥିବା ମହିଳାମାନେ ବିଭିନ୍ନ ଲୋକ ତଥା ଅନୁଷ୍ଠାନ ସହ ଜଡ଼ିତ ଥାନ୍ତି। ସେମାନଙ୍କୁ ପ୍ରତିଦିନ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ହୋଇଥାଏ। ବେଳେବେଳେ ଅନ୍ୟମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା କିମ୍ବା ଅନ୍ୟକୁ ସାହାଯ୍ୟ କରିବାବେଳେ ମନ ବେଶ୍ ଖୁସି ହୋଇଯାଏ। ଫଳରେ ଏତେ ଶୀଘ୍ର କ୍ରୋଧ ଆସି ନ ଥାଏ। ଯଦି ବି କ୍ରୋଧ ଆସିଥାଏ ଲୋକଙ୍କ ଗହଳରେ ରହିବା ଫଳରେ କ୍ରୋଧ ଉପରେ ଆପେ ଆପେ ନିୟନ୍ତ୍ରଣ ଆସିଯାଏ।

# ୪୦ ବର୍ଷରେ ବିବାହ କାହିଁକି ହେଉଛି ନୂଆ ଟ୍ରେଣ୍ଡ୍

**ଗୋଟିଏ ସମୟ ଥିଲା ଯେତେବେଳେ ଜଣେ ୨୨-୨୫ ବର୍ଷ ବୟସରେ ପହଞ୍ଚିବା ମାତ୍ରେ ପଡ଼ୋଶୀ ଏବଂ ସମ୍ପର୍କୀୟମାନଙ୍କ ମଧ୍ୟରେ କୁହାକୁହି ହେଉଥିଲା ଯେ 'ପୁଅ କି ଝିଅ ତୁମ ହାତରୁ ଖସି ଯାଉଛି, ତାକୁ ବିବାହ କରିଦିଅ।' କିନ୍ତୁ ସମୟ ବଦଳି ଯାଇଛି। ଏବେ ଲୋକମାନେ କେବଳ ୩୦ କିମ୍ବା ୩୫ ନୁହେଁ ୪୦ ବର୍ଷରେ ବି ବିବାହ କରିବାକୁ ସଂକୋଚ କରୁ ନାହାନ୍ତି। ତେବେ ଏପରି କ'ଣ ପରିବର୍ତ୍ତନ ଆସିଛି ଯେଉଁଥିପାଇଁ ୪୦ ବର୍ଷ ବିବାହ ପାଇଁ ଉପଯୁକ୍ତ ବୟସ ମନେ ହେଉଛି ? ଆସନ୍ତୁ ଏହି ଟ୍ରେଣ୍ଡ୍ ପଛରେ ଥିବା ସମ୍ପୂର୍ଣ୍ଣ କାହାଣୀକୁ ବୁଝିବା।**

**କ୍ୟାରିଅର ଏବଂ ବ୍ୟାଙ୍କ ବାଲାନ୍ସ:**

ଲୋକମାନେ ଏବେ ପ୍ରଥମେ ନିଜ ଗୋଡ଼ରେ ଠିଆ ହେବାକୁ ଚାହାଁନ୍ତି। ୪୦ ବର୍ଷ ବୟସ ସୁଦ୍ଧା, ଜଣେ ବ୍ୟକ୍ତି ତାଙ୍କ କ୍ୟାରିଅରର ଏପରି ଏକ ପର୍ଯ୍ୟାୟରେ ପହଞ୍ଚି ଥାଆନ୍ତି ଯେଉଁଠାରେ ତାଙ୍କର ଆର୍ଥିକ ସୁରକ୍ଷା ଦୃଢ ହୋଇଥାଏ।



**କମ୍ ଡ୍ରାମା, ଅଧିକ ବୁଝାମଣା:**

୨୦ ବର୍ଷରେ ଥିବା 'ଜୋସ୍' ୪୦ ହେବା ବେଳକୁ 'ହୋସ୍'ରେ ବଦଳି ଯାଇଥାଏ। ଏହି ବୟସରେ ଲୋକମାନେ ସାମାନ୍ୟ କଥାରେ ଝଗଡ଼ା କରିବା ଅପେକ୍ଷା ସମସ୍ୟାର ସମାଧାନ କରିବାକୁ ଶିଖନ୍ତି। ଜୀବନରେ ଭାବପ୍ରବଣ ଡ୍ରାମା କମିଯାଏ ଏବଂ ସ୍ଥିରତା ବଢିଯାଏ।

**ଜଣେ ବୃତ୍ତିଗତ ସାଥୀ ଖୋଜା:**

ଏହି ସମୟରେ ଲୋକମାନେ କେବଳ ରୂପ ଖୋଜନ୍ତି ନାହିଁ, ବରଂ ଏପରି ଜଣେ 'ବୃତ୍ତିଗତ ସାଥୀ' ଖୋଜନ୍ତି ଯାହାର ଚିନ୍ତାଧାରା ସମାନ ଏବଂ ସେମାନଙ୍କ କାମ ଏବଂ ଜୀବନଶୈଳୀକୁ ବୁଝିପାରୁଥିବ।

**ଛାଡପତ୍ର ସାଥୀଙ୍କୁ ବି ଏଡ଼ାଇ ଯିବାର ଆବଶ୍ୟକତା ନାହିଁ:**

ସାମାଜିକ ଚିନ୍ତାଧାରା ବଦଳି ଯାଇଛି। ଆଜି, ୪୦ ବର୍ଷ ବୟସର ଅବିବାହିତ ଲୋକମାନେ ଛାଡପତ୍ର ପାଇଥିବା ସାଥୀଙ୍କୁ ବି ଖୁସିରେ ଗ୍ରହଣ କରୁଛନ୍ତି କାରଣ ସେମାନେ ବିଶ୍ୱାସ କରନ୍ତି ଯେ ପୂର୍ବ ଅଭିଜ୍ଞତା ଜଣେ ବ୍ୟକ୍ତିଙ୍କୁ ଅଧିକ ପରିପକ୍ୱ କରିଥାଏ।

# ଟିଭି ଅଭିନେତ୍ରୀ ଆଦା ଖାନ୍

ଜଣାଶୁଣା ଟିଭି ଅଭିନେତ୍ରୀ ଆଦା ଖାନ୍ । ବହୁ ଚର୍ଚ୍ଚିତ ନାଗିନ୍ ଫେମ୍ ଆଦା ଖାନ୍ ଘରେ ଘରେ ପରିଚିତ । ୩୬ ବର୍ଷୀୟ ଏହି ଅଭିନେତ୍ରୀ ଏଯାବତ ବିବାହ କରିନାହାନ୍ତି। ନିକଟରେ ଏକ ପ୍ରତିକ୍ରିୟାରେ କହିଥିଲେ କି, ସମସ୍ତେ କେବଳ ସେହି ଗୋଟିଏ ପ୍ରଶ୍ନ ପଚାରୁଛନ୍ତି । ଯାହା ଶୁଣି ଶୁଣି ବିରକ୍ତ ଲାଗିଲାଣି । ଏହାସହ ସେ କହିଛନ୍ତି କି, ଯେତେବେଳେ କାହା ସମ୍ପର୍କ ଯୋଡ଼ିବ ଯେତେବେଳେ କାହଲାସହ ମନ ମିଶିବ । ଆଦା ପୂର୍ବରୁ ଅଭିନେତା ଅଙ୍କିତଙ୍କ ସହ ଡେଟ୍ କରୁଥିଲେ । ଯେଉଁ ଖବର ଗଣମାଧ୍ୟମରେ ମଧ୍ୟ ଶିରୋନାମା ପାଲଟିଥିଲା । ଅନେକ ଦିନ ସମ୍ପର୍କରେ ରହିବା ପରେ ଆଦା ଦାବି କରିଥିଲେ କି, ଅଙ୍କିତ ତାଙ୍କୁ ଠକୁଛନ୍ତି । ଯେଉଁ କାରଣରୁ ପରବର୍ତ୍ତୀ ସମୟରେ ବ୍ରେକଅପ୍ ମଧ୍ୟ ହୋଇଥିଲା । ଆଉ ସେବେଠାରୁ ସେ ଅବିବାହିତ ଅଛନ୍ତି । ଏକ ଗଣମାଧ୍ୟମ ସହ ଇଣ୍ଟରଭିୟୁ ସମୟରେ ଆଦା କହିଥିଲେ କି, ଲୋକମାନେ ବାହାଘର ବାହାଘର କହି ଖାଲି ଚାପ ପକାଉଛନ୍ତି । ବିବାହ କରିବା ଏକ ଦାୟିତ୍ୱ । ମାତ୍ର ଆମ ଉପରେ ଅନେକ ଗୁଡ଼ିଏ ଦାୟିତ୍ୱ ମଧ୍ୟ ରହିଛି । କିନ୍ତୁ ସମସ୍ତେ କେବେ ବିବାହ କରିବ କହି କହି ଚାପ ପକାନ୍ତି । ମାତ୍ର ଯେତେବେଳେ ମନ ହେବ ସେତେବେଳେ ବିବାହ କରିବା ଠିକ୍ । ଏହାସହ ସେ କହିଛନ୍ତି କି, ବିବାହ କରିବା ଭଗବାନଙ୍କ ଇଛା । ଯେତେବେଳେ ଭଗବାନ ଚାହିଁବେ ମୁଁ ବିବାହ କରିବି । ଆଦା କହିଛନ୍ତି କି, ମୁଁ ଯେପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ ସେବେ ଯାଏ ବିବାହ କରିବି ନାହିଁ ।



# ବିଧାନସଭା ସମାଚାର

## ୧୨ ଜିଲ୍ଲାରେ ଅଧିକ ରହିଛି ବାଲ୍ୟ ବିବାହ

ଭୁବନେଶ୍ୱର, (ହି.ସ.)- ବିଧାନସଭାରୁ ଆସିଲା ବାଲ୍ୟବିବାହ ତଥ୍ୟ ଚିନ୍ତାଜନକ । ଜାତୀୟ ହାର ଠାରୁ ରାଜ୍ୟରେ କମ ବାଲ୍ୟ ବିବାହ ହାର । ରାଜ୍ୟରେ ୧୨ ଜିଲ୍ଲାରେ ଅଧିକ ରହିଛି ବାଲ୍ୟ ବିବାହ । ନବରଙ୍ଗପୁରରେ ୩୯.୪%, ନୟାଗଡରେ ୩୫. ୭%, କୋରାପୁଟରେ ୩୫.୫%, ରାୟଗଡାରେ ୩୩.୨%, ମାଲକାନଗିରିରେ ୩୨.୪, ମୟୁରଭଞ୍ଜରେ ୩୧.୩%, କେନ୍ଦୁଝରରେ ୨୯%, ଗଜପତିରେ ୨୮.୧, ବାଲେଶ୍ୱରରେ ୨୬.୪, ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ହାରରେ ବାଲ୍ୟ ବିବାହ ରେକର୍ଡ କରାଯାଇଛି. ତେବେ ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାରେ ୨୦.୫%. ବାଲ୍ୟ ବିବାହର ପାଞ୍ଚୋଟି କାରଣ : ସମାଜିକ ପ୍ରଥା ଓ ପାରମ୍ପରିକ ଧାରଣା, ଲିଙ୍ଗଭିତ୍ତିକ ବିଷମତା, ଦାରିଦ୍ୟ, ସାମାଜିକ ଅସୁରକ୍ଷା ଏବଂ କିଶୋରୀମାନଙ୍କ ଶିକ୍ଷାର ଅଭାବ । ବିଧାୟକ ଅମର ନାୟକଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉତ୍ତର ରଖିଛନ୍ତି ।

## ପୁରୀ ବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ ବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ ହୋଇପାରେ ସ୍ୱତନ୍ତ୍ର ବ୍ୟବସ୍ଥା । ଏହି ବିଷୟରେ ଅନୁଧ୍ୟାନ କରି ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛି ପରିଚାଳନା କମିଟି । ବିଧାନସଭାରେ ଆଇନ ମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।
ଜଗନ୍ନାଥ ମନ୍ଦିରରେ ପୁରୀ ବାସୀ ଙ୍କ ପାଇଁ ସ୍ୱତନ୍ତ୍ର ସମୟ, ବାର, ସପ୍ତାହ କିମ୍ବା ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ କି ନାହିଁ ବୋଲି ପ୍ରଶ୍ନ କରିଥିଲେ ପୁରୀ ବିଧାୟକ ।

## ରାଜ୍ୟରେ ଅତିଶୟ ପୃଷ୍ଟିହୀନ ଶିଶୁଙ୍କ ସଂଖ୍ୟା ୭୬୬୫

୨୦୨୬ରେ ତଥ୍ୟ ଅନୁଯାୟୀ ରାଜ୍ୟରେ ଅତିଶୟ ପୃଷ୍ଟିହୀନ ଶିଶୁ ଅଛନ୍ତି ୭ ହଜାର ୬ଶହ ୬୫ । ସବୁଠାରୁ ଅଧିକ ପୁଷ୍ଟିହୀନ ଶିଶୁ ଥିବା ଜିଲ୍ଲା ହେଉଛି ମୟୁରଭଞ୍ଜ ୭୪୬, କେଉଁଝରରେ ଅଛନ୍ତି ୬୩୪ ଶିଶୁ । ବିଧାୟକ ରୋମାଞ୍ଚ ବିଶ୍ୱାଳଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

## କାଚ ବୋତଲରେ ମିଳିବନି ମଦ

ଏଣିକି କାଚ ବୋତଲରେ ମିଳିବ ନାହିଁ ମଦ । ଫ୍ରୁଟି ପ୍ୟାକେଟ୍ ଭଳି ମୋଟା କାଗଜ ଖୋଳରେ ମିଳିବ ମଦ । କାଚ ବୋତଲର ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାର କରାଯିବ। ଅବକାରୀ ନୀତି ଅନୁସାରେ କାଚ ବୋତଲର ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦିଆଯାଇଛି, ଯାହା ପରିବେଶ ସୁରକ୍ଷା ପାଇଁ ଅନୁକୂଳ ମଧ ଅଟେ । ଏହା ସହିତ, ପରିବେଶ ସୁରକ୍ଷାର ଦୃଷ୍ଟିକୋଣରୁ ସରକାର ସମସ୍ତ ସମ୍ପୃକ୍ତ ସଂସ୍ଥା/ବ୍ୟକ୍ତି ମାନଙ୍କୁ କାଚ ବୋତଲର ପୁନଃ ବ୍ୟବହାର (ରିସାଇକ୍ଲି) ପାଇଁ ଉତ୍ସାହିତ କରୁଛି । ବିଧାୟକ ସନା ମହାକୁଡ଼ଙ୍କ ପ୍ରଶ୍ନରେ ଉତ୍ତର ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ଶ୍ରୀମନ୍ଦିର ଉପରେ ୧୦ ଥର ଉଡ଼ିଛି ଡ୍ରୋନ: ଆଇନମନ୍ତ୍ରୀ

ଭୁବନେଶ୍ୱର, (ହି.ସ.)- ଜୁନ ୨୦୨୪ ରୁ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିର ଉପରେ ୧୦ ଥର ବେଆଇନ ଭାବେ ଉଡ଼ିଛି ଡ୍ରୋନ । ୧୦ ଟି ମାମଲା ରୁଜ୍ଜୁ କରାଯାଇଥିବା ବେଳେ ୨ ଟି ମାମଲାରେ ଫାଇନାଲ ଫର୍ମ ପ୍ରଦାନ କରାଯାଇଛି ଏବଂ ବାକି ୮ ଗୋଟି ମାମଲାର ତଦନ୍ତ ଜାରି ରହିଛି । ସେହିପରି ଜୁନ ୨୦୨୪ ମସିହାରୁ ବର୍ତ୍ତମାନ ସୁଦ୍ଧା ଶ୍ରୀମନ୍ଦିର ପରିସରକୁ ୭୦୦ ଜଣ ବ୍ୟକ୍ତି ଅନଧିକୃତ ଭାବେ ମୋବାଇଲ ଫୋନ ଧରି ପ୍ରବେଶ କରିଛନ୍ତି । ଯେଉଁଥିପାଇଁ ୬ ଲକ୍ଷ ୯୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି । ଏହି ଘଟଣାରେ ସିଂହଦ୍ୱାର ଥାନାରେ ୯ ଗୋଟି ମାମଲା ରୁଜ୍ଜୁ କରାଯାଇଥିବା ବେଳେ ୭ ଟିର ଫଇସଲା ହୋଇଛି ଓ ୨ ଟି ମାମଲା ତଦନ୍ତ ଚାଲିଛି । ଶ୍ରୀମନ୍ଦିର ଭିତରେ/ପରିସରରେ ବେଆଇନଭାବେ ଫଟୋ/ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ୮ ଥର ପ୍ରସାରଣ କରିଥିବାର ନଜରକୁ ଆସିଥିବାରୁ ସିଂହଦ୍ୱାର ଥାନାରେ ୮ ଗୋଟି ମାମଲା ରୁଜ୍ଜୁ କରାଯାଇଛି ଓ ସେଥି ମଧ୍ୟରୁ ୫ ଗୋଟି ମାମଲାର ତଦନ୍ତ ସରିଛି ଓ ୩ ଗୋଟି ମାମଲା ତଦନ୍ତାଧୀନ ଅଛି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ।

## ଧଳା ଜହର କବଳରେ ଓଡିଶା

ଭୁବନେଶ୍ୱର, (ହି.ସ.)- ରାଜ୍ୟରେ ବଢୁଛି ବ୍ରାଉନ ସୁଗାର କାରବାର। ବ୍ରାଉନ ସୁଗାର ହବ ପାଲଟିଛି ବାଲେଶ୍ୱର, ପୁରୀ, ଭୁବନେଶ୍ୱର ଏବଂ ଜଗତସିଂପୁର ଜିଲ୍ଲା। ବିଧାନସଭାରେ ଆସିଲା ସାଙ୍ଘାତିକ ତଥ୍ୟ। ବିଜେଡ଼ି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଉତର ରଖି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହକୁ ଜଣାଇଛନ୍ତି ଯେ ୨୦୨୫-୨୬ ଫେବୃଆରୀ ମାସ ସୁଦ୍ଧା ୪୦ କେଜି ୨୭୮ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ୪୮୧ ଜଣ ଗିରଫ ହୋଇଛନ୍ତି । ୨୦୨୪-୨୫ ରେ ୨୮ କେଜି ୫୭୫ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିଲା , ୩୬୧ ଜଣ ଗିରଫ ହୋଇଥିଲେ। ୨୦୨୩-୨୪ ବର୍ଷରେ ୩୪ କେଜି ୪୨୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ଗିରଫ ହୋଇଛନ୍ତି ୪୪୮ ଜଣ । ୨୦୨୨ - ୨୩ ରେ ୩୨ କେଜି ୮୨୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବା ବେଳେ ୩୮୨ ଜଣ ଗିରଫ ହୋଇଛନ୍ତି।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋପ ପାଇବାକୁ ଯାଉଛି ବାଉଁଶ

ଧାମନଗର (ପିପିଏସ): ବାଉଁଶ ହେଉଛି ପ୍ରକୃତିର ଅମୂଲ୍ୟ ଦାନ। ଏହା ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର ଏବଂ ପରିବେଶ ସୁରକ୍ଷାର ଶକ୍ତିଶାଳୀ ସାଥୀ।ଘର ଛପର, କାନ୍ଥ ତିଆରି, ବାଡ଼ ତିଆରି, ଟେଷ୍ଟ ମାରିବା, ଇନ୍ଧନ ସାମଗ୍ରୀ, ଠିକାଦାର କାର୍ଯ୍ୟ ସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀ, କୃଷି କାମର ଉପକରଣ ତଥା କାଗଜ ଶିଳ୍ପ ପର୍ଯ୍ୟନ୍ତ ବାଉଁଶର ବ୍ୟାପକ ବ୍ୟବହାର ରହିଛି। କିନ୍ତୁ ଦୁଃଖର କଥା, ଆଜି ବାଉଁଶ ଦୁର୍ଲ୍ଲଭ ହୋଇଯାଉଛି। ଜଳବାୟୁ ପରିବର୍ତ୍ତନ ଓ ଅନିୟନ୍ତ୍ରିତ କଟା ଯୋଗୁଁ ବାଉଁଶ ଲୋପ ପାଇବାକୁ ଯାଉଛି। ପ୍ରଥମେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉଲ୍ଲେଖନୀୟ ପ୍ରଭାବ ଯଥା ଅସମୟରେ ବର୍ଷା, ଅତ୍ୟଧିକ ତାପମାତ୍ରା, ଦୀର୍ଘସ୍ଥାୟୀ ଖରା ଓ ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ବାଉଁଶ ଚାଷକୁ ପ୍ରଭାବିତ କରୁଛି। ବାଉଁଶ ଦ୍ରୁତ ବୃଦ୍ଧି ପାଉଥିବା ଗଛ ହେଲେ ମଧ ଏହାର ମୂଳ ବ୍ୟବସ୍ଥା ସ୍ଥିର ପରିବେଶ ଚାହେଁ। ତାପମାତ୍ରା ବୃଦ୍ଧି ଓ ମାଟିର ଆର୍ଦ୍ରତା କମିବାରୁ ବାଉଁଶ ଚାରା ନଷ୍ଟ ହେଉଛି। ଅନେକ ଅଞ୍ଚଳରେ ବାଉଁଶ ଫୁଲିବା ପରେ ପୁନର୍ଜନ୍ମ ହେଉନାହିଁ, ଯାହା ଏହାର ସଂଖ୍ୟା କମିବାର ମୁଖ୍ୟ କାରଣ। ବିକାଶ ନାମରେ ଜଙ୍ଗଲ କଟାଯାଉଛି। ରାସ୍ତା, ଶିଳ୍ପ କାରଖାନା ଓ ନଗରୀକରଣ ପାଇଁ ବିଶାଳ ପରିମାଣରେ ବନ ଭୂମି ଧ୍ୱଂସ ହେଉଛି। ବାଉଁଶ ଜଙ୍ଗଲ ମଧ ଏଥିରୁ ବଞ୍ଚି ପାରୁନାହିଁ। ଅନେକ ସ୍ଥାନରେ ବାଉଁଶ ରୋପଣ ଅପେକ୍ଷା ଅତ୍ୟଧିକ କଟା ହେଉଥିବାରୁ ଏହାର ସଂଖ୍ୟା ଶୀଘ୍ର କମିଯାଉଛି। ତୃତୀୟତଃ, ସଚେତନତାର ଅଭାବ ଓ ପ୍ରକାର ନୀତିର ଅଭାବ ମଧ୍ୟ ଏହାର ବଂଶ ଲୋପ ପାଇବାର ଅନ୍ୟ ଏକ କାରଣ। ଅନେକ ଲୋକ ବାଉଁଶକୁ ସାଧାରଣ ଗଛ ଭାବି ଏହାର ମୂଲ୍ୟ ବୁଝି ପାରୁନାହାନ୍ତି। କିନ୍ତୁ ବାଉଁଶ ମାଟିର କ୍ଷୟ ରୋକେ, ବାୟୁକୁ ଶୁଦ୍ଧ କରେ ଓ ପରିବେଶର ସନ୍ତୁଳନ ରକ୍ଷା କରେ। ବାଉଁଶ ଦ୍ରୁତ ପାଉଥିବା ଗୁଳ୍ମ ହୋଇଥିବାରୁ କାର୍ବନ ଶୋଷଣରେ ମଧ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାଉଁଶର ଆବଶ୍ୟକତା ଆଜି ଅଧିକ। ପ୍ଲାଷ୍ଟିକ ପ୍ରଦୂଷଣ ବଢୁଥିବା ସମୟରେ ବାଉଁଶ ଏକ ପରିବେଶ ଅନୁକୂଳ ବିକଳ୍ପ। ବାଉଁଶରେ ତିଆରି



ହେଉଥିବା ସାମଗ୍ରୀ, ଆସବାବପତ୍ର, ଘରୋଇ ସାମଗ୍ରୀ ଓ ଶିଳ୍ପ ପଦାର୍ଥ ପ୍ରକୃତିକୁ କ୍ଷତି କରେନାହିଁ। ଅନେକ ପରିବାର ବାଉଁଶ ନିର୍ମିତ ହସ୍ତଶିଳ୍ପ ଉପରେ ନିର୍ଭରଶୀଳ। ବାଉଁଶ ଲୋପ ଯୋଗୁଁ ସେମାନଙ୍କର ଜୀବିକା ମଧ ସଙ୍କଟରେ ପଡ଼ିଛି। ବାଣ ଫୁଟାଇବା ପାଇଁ ବାଉଁଶ ଦରକାର ପଡ଼ିଥାଏ। ଧାମନଗର ବ୍ଲକ ଅନ୍ତର୍ଗତ ଦୋବାଲ, ଖଡ଼ିପଦା, ମୁସ୍ତଫାପୁର, ପଳିକିରୀ, ଇଛଦା, ବ୍ରହ୍ମପୁର ଓ ଏନଏସି ଅନ୍ତର୍ଗତ ବରଗଡ଼ିଆ, ଜୟନଗର, ଭଣ୍ଡାରିପଦୀ ଆଦି ଅଞ୍ଚଳରେ ବାଉଁଶ ଅଧିକ ଦେଖିବାକୁ ମିଳୁଥିବାବେଳେ ଏଠାରେ ଏହାର ସଂଖ୍ୟା ଧିରେ ଧିରେ କମୁଛି। ଏହି ପରିସ୍ଥିତିରେ ବାଉଁଶ ସୁରକ୍ଷା ପାଇଁ ସରକାର ଓ ସାଧାରଣ ଲୋକଙ୍କ ଏକତ୍ର ପ୍ରୟାସ ଆବଶ୍ୟକ। ବାଉଁଶ ଚାଷକୁ ପ୍ରୋତ୍ସାହନ, ପୁନଃ ରୋପଣ ଯୋଜନା ଓ ସଚେତନତା ଅଭିଯାନ ଚଲାଇବା ଦରକାର। ଶିକ୍ଷା ସଂସ୍ଥାନରେ ପରିବେଶ ସୁରକ୍ଷା ବିଷୟରେ ଜୋର ଦିଆଯିବା ଉଚିତ। ଯଦି ଆମେ ଆଜି ସଚେତନ ହେବାକୁ ବିଫଳ ହେବୁ, ଆଗାମୀ ପିଢ଼ି ବାଉଁଶକୁ କେବଳ ପୁସ୍ତକରେ ଦେଖିବେ। ଏହିପରି ସମୟରେ ବାଉଁଶ ସୁରକ୍ଷା କେବଳ ପରିବେଶର ନୁହେଁ, ପରନ୍ତୁ ଅର୍ଥନୀତି ଓ ସଂସ୍କୃତିର ସୁରକ୍ଷା ମଧ। ଜଳବାୟୁ ପରିବର୍ତ୍ତନ ଓ ସଚେତନତାର ଅଭାବ ରୋକି ବାଉଁଶକୁ ବଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ।

### ଦୟାପଲ୍ଲୀ ହତ୍ୟାକାଣ୍ଡ ଘଟଣା

# ୧୪ବର୍ଷପରେ ଚୂଡାନ୍ତ ରାୟ, ୮ଜଣଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର (ପିପିଏସ୍): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଦୟାପଲ୍ଲୀ ଗ୍ରାମରେ ୨୦୧୨ ମହାଶିବରାତ୍ରୀରେ ହୋଇଥିବା ହତ୍ୟାକାଣ୍ଡ ଘଟଣାର ୧୪ବର୍ଷପରେ ଚୂଡ଼ାନ୍ତରାୟ ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ସାମଲ ମାମଲାର ଶୁଣାଣିକରି ୮ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମୋଟ ୧୪ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାରକରି କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି । ଦୋଷୀମାନେ ହେଲେ ଦୟାପଲ୍ଲୀ ଗାଁର କୈଳାସ ଦାସ, ଦାଶରଥୀ ଦାସ, ସଦାନନ୍ଦ ଦାସ, ଅଲେଖ ଦାସ, ଅଭି ଦାସ, ରିଙ୍କୁ ଦାସ, ଅମିନ ଦାସ ଓଫୁଲଟା ଗ୍ରାମର କାଳୁ ଦାସ। ଏହାସହ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟସ୍ଥଳେ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅନ୍ୟ ୧୫ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସରକାରଙ୍କ ପକ୍ଷରୁ କ୍ୟାଡର୍ ଅତିରିକ୍ତ ପିପି ନିହାର ରଞ୍ଜନ ଜେନା ମକଦ୍ଦମା ପରିଚାଳନା କରିଥିବା ବେଳେ ସରକାରୀ ଓକିଲ ପ୍ରଦୀପ କୁମାର ପାଢ଼ି ଓ ଗଙ୍ଗାଧର ପଣ୍ଡା ସହଯୋଗ କରିଥିଲେ ।
ସୂଚନାଯୋଗ୍ୟ ଯେ, ୨୦୧୨ ଫେବୃଆରି ୨୦ତାରିଖ ରାତି ୯ଟାରେ ଦୟାପଲ୍ଲୀ ଗ୍ରାମ ଶିବ ମନ୍ଦିରକୁ ଏକ ଗୋଷ୍ଠୀର ଲୋକମାନେ ଜାଗର ପାଇଁ ଆଲୋକୀକରଣ କରୁଥିଲେ। ଏହି ସମୟରେ କୈଳାଶ ସେଠାରେ ପହଞ୍ଚି ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଳଜ କରିଥିଲା । ଆଲୋକୀକରଣ କରୁଥିବା ଗୋଷ୍ଠୀର ଲୋକେ ମଧ ପାଲଟା ଗାଳିଗୁଳଜ କରିଥିଲେ। ଏହାକୁନେଇ ଉଭୟଗୋଷ୍ଠୀ ମଧରେ ଉତ୍ତେଜନା ହୋଇଥିଲା। ପରଦିନ ଅର୍ଥାତ ୨୧ ତାରିଖରେ ସାକା ପୀତାମ୍ବର, ଦୁବ ପୀତାମ୍ବର ଓ ସାଲା ଦେବରାଜ ଖଳାରୁ କାମସାରି ଫେରୁଥିବା ବେଳେ ପୂର୍ବରୁ ଶିବ ମନ୍ଦିର ନିକଟରେ ଲୁଚି ରହିଥିବା ଅନ୍ୟ ଗୋଷ୍ଠୀର ଲୋକେ ଖଣ୍ଡା, କାତି ଓ ଠେଙ୍ଗାରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସାକାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁବ ଓ ସାଲା ଗୁରୁତର ହୋଇଥିଲେ। ଦୁବଙ୍କ ଅଭିଯୋଗକ୍ରମେ ହିଞ୍ଜିଳି ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ଅଧିକାରୀ ଅଜୟ କୁମାର ବାରିକ ୨୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲେ।

## ବଜେଟ୍‌ରେ ଜଗତସିଂହପୁର ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଘୋଷଣା

### ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାର ଯୁବବର୍ଗ

ଭୁବନେଶ୍ୱର, (ହି.ସ.)- ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ଠାରେ ଜଗତସିଂହପୁର ଜିଲ୍ଲାର ନାଗରିକ ସମାଜ ଓ ଯୁବ ସମାଜ ପକ୍ଷରୁ ଏକ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପସ୍ଥିତ ରହି ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ସୂଚନାଯୋଗ୍ୟ ଯେ, ଗତକାଲି ବିଧାନସଭାରେ ଉପସ୍ଥାପିତ ହୋଇଥିବା ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ ଜଗତସିଂହପୁର ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ଓ ପାରାଦୀପରେ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଛି । ଏହି ନିଷ୍ପତି ପାଇଁ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ, ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଏବଂ ଜିଲ୍ଲାର ଅନ୍ୟାନ୍ୟ ନେତୃବର୍ଗଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାର ଚାରୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଏକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବିଶେଷକରି ଯୁବବର୍ଗ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ । ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜିଲ୍ଲାବାସୀ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ । ଏହି ଅବସରରେ ଶିକ୍ଷ ମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି କହିଥିଲେ ଯେ, ଏହି ନିଷ୍ପତି ହେଉଛି ବିକଶିତ ଜଗତସିଂହପୁର ଜିଲ୍ଲା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ । ଏହା ମାଧ୍ୟମରେ ଜଗତସିଂହପୁର ଜିଲ୍ଲାରେ ଗୁଣାତ୍ମକ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆସିବ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ।

## ଥାଇଲାଣ୍ଡରୁ ଫେରିଲେ ୪ ଓଡ଼ିଆ ଯୁବକ

ଭୁବନେଶ୍ୱର, (ହି.ସ.)- ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣ ଓଡ଼ିଆ ଯୁବକମାନଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଶନିବାର ଦିନ ୪ଜଣ ଓଡ଼ିଆ ଯୁବକ - ଜୟନ୍ତ କୁମାର ମଲ୍ଲିକ, ହେମନ୍ତ କୁମାର ବେହେରା, ମନରଞ୍ଜନ ସାହୁ ଓ ବିଜୟ କୁମାର ସ୍ୱାଇଁ ଓଡ଼ିଶାରେ ଆସି ପହଂଚିଛନ୍ତି।
ଓଡ଼ିଶାର କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରୁ ୬ ଜଣ ଯୁବକ ବିଗତ ୨୦୨୫ ମସିହା ଅଗଷ୍ଟ ମାସରେ ଥାଇଲାଣ୍ଡର ଏକ ପ୍ଲାଏଉଡ଼ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ ଉକ୍ତ ପ୍ଲାଏଉଡ଼ କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉନଥିବାର ଅଭିଯୋଗ କରିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଓଡ଼ିଶାକୁ ଫେରି ଆସିବା ପାଇଁ ସେମାନେ ଓଡ଼ିଶା ସରକାରଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଥିଲେ।
ଏହି ସମ୍ବନ୍ଧରେ ଜାଣିବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ୪ଜଣ ଓଡ଼ିଆ ଯୁବକଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଆଜି ଓଡ଼ିଶାକୁ ଫେରିବାପରେ ଯୁବକମାନେ ସମସ୍ତ ସହାୟତା ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ମାତୃଭାଷା ହିଁ ଆମ ଅସ୍ତିତ୍ୱ ଓ ଆମ ଅସ୍ମିତା

ଭୁବନେଶ୍ୱର,(ହି.ସ.)- ବିଶ୍ୱ ଓଡ଼ିଆ ପରିବାର' ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ 'ବିଶ୍ୱ ମାତୃଭାଷା ଦିବସ' ପାଳିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ 'ଭାବ ବିନିମୟ ସଭା' ଅନୁଷ୍ଠିତ ହୋଇଥିଲା। ଏହି ସଭାରେ 'ଆମ ଅସ୍ମିତା ଆମ ଅସ୍ତିତ୍ୱ, ଆମ ଭାଷା ଆମ ଦାୟିତ୍ୱ' ଶୀର୍ଷକ ଆଲୋଚନା ଚକ୍ରରେ ବିଶିଷ୍ଟ ବକ୍ତାମାନେ ମାତୃଭାଷା କିଭଳି ଆମ ଅସ୍ତିତ୍ୱ ଆମ ଅସ୍ମିତାର ପ୍ରତୀକ, ତାହା ଉପରେ ଆଲୋକପାତ କରିଥିଲେ। ଏଭଳି ପରିସ୍ଥିତିରେ ଆମ ଭାଷାକୁ ରକ୍ଷା କରିବା ଆମର ସର୍ବପ୍ରଧାନ କର୍ତ୍ତବ୍ୟ ଅଟେ। ବକ୍ତାମାନଙ୍କ ସୁଚିନ୍ତିତ ମତାମତ ଏହି ସମସ୍ୟାଗୁଡ଼ିକୁ ବିଶେଷ ଭାବରେ ଆଲୋଚନା କରି ଏଥିପାଇଁ ଅନେକ ପ୍ରୟାସ ଉପସ୍ଥାପନ କରିଥିଲେ। ବିଶେଷ କରି ଓଡ଼ିଶା ସରକାର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଯେଉଁ ସବୁ ପଦକ୍ଷେପ ନେଉଛନ୍ତି, ତାହା ବିଶ୍ୱ ଓଡ଼ିଆ ପରିବାର ସାକାର କରିବା ଦିଗରେ ନିଜର ଅଙ୍ଗିକାରବଦ୍ଧତା ପ୍ରକାଶ କରିଥିଲା।

## ରାଜଧାନୀରୁ ୩ କୁଖ୍ୟାତ ବ୍ରାଉନସୁଗର ବେପାରୀ ଗିରଫ

ଭୁବନେଶ୍ୱର, (ହି.ସ.)- ଭୁବନେଶ୍ୱରର ଆଚାର୍ଯ୍ୟ ବିହାର ଅଂଚଳରୁ ୩ କୁଖ୍ୟାତ ବ୍ରାଉନସୁଗର ବେପାରୀ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ୩୭୦ଗ୍ରାମ ବ୍ରାଉନସୁଗର ଜବତ ସହ ଗିରଫ କରିଛି ସ୍ପେଶାଲ କ୍ରାଇମ ୟୁନିଟ । ୩ କୁଖ୍ୟାତ ବ୍ରାଉନସୁଗର ବେପାରୀ ହେଲେ ସମୀର ଖାନ, ସେଖ ଇର୍ଷାଫ ମହମଦ ଓ ମୁନା ଖାନ । ସେମାନେ ବାଲେଶ୍ୱର ଜଳେଶ୍ୱର ଅଂଚଳରୁ ବ୍ରାଉନସୁଗର ଆଣି ରାଜଧାନୀରେ ବିକ୍ରି କରୁଥିଲେ । ସେମାନଙ୍କ ନିକଟରୁ ୩ଟି ବାଇକ, ୪ଟି ମୋବାଇଲ ଏବଂ ଟଙ୍କା ମଧ୍ୟ ଜବତ ହୋଇଛି।

# ମାର୍ଚ୍ଚ ୬ରୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ

ବ୍ରହ୍ମପୁର (ପିପିଏସ୍): ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଓ ହଳଦିଆପଦର ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ମାର୍ଚ୍ଚ ୬ ତାରିଖ ଧାର୍ଯ୍ୟ ହୋଇଛି। ଗେଟବଜାର ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମଧ ନିଷ୍ପତି ହୋଇଛି। ବସ୍ ମାଲିକ ସଂଘ, ଓଏସ୍‌ଆର୍‌ଟିସି କର୍ମଚାରୀ, କ୍ଲଟ୍ କର୍ତ୍ତୃପକ୍ଷ, ଆଞ୍ଚଳିକ ପରିବହନ ବିଭାଗ, ଟ୍ରାଫିକ୍ ଅଧିକାରୀ ଓ ପୁଲିସ ବିଭାଗକୁ ନେଇ ଅନୁଷ୍ଠିତ ବୈଠକରେ ଉପରୋକ୍ତ ତାରିଖ ଧାର୍ଯ୍ୟ ହୋଇଛି ବୋଲି ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ସୂଚନା ଦେଇଛନ୍ତି। ଏଥିସହିତ ବସ୍ ମାଲିକ ସଂଘର ଅନୁସଙ୍ଗିକ ନିର୍ମାଣ ଓ ମରାମତି ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ସେ କହିଛନ୍ତି। ଗେଟ୍ ବଜାର ଫ୍ଲାଏ ଓଭର ନିର୍ମାଣ ଆରମ୍ଭ ହୋଇସାରିଛି। ଯାତ୍ରୀବାହୀ ବସ୍ ଯାତାୟାତ ଯୋଗୁଁ କାମ ତ୍ୱରାନ୍ୱିତ ହୋଇପାରୁନି। ସେଥିପାଇଁ ଡୁଡୁମା କଲୋନୀରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣକରି ଭଞ୍ଜନଗର ଓ ଦିଗପହଣ୍ଡି ଦିଗରୁ ଆସୁଥିବା ବସ୍ ସେଠାରେ ରହିବାର ବନ୍ଦୋବସ୍ତ ହୋଇଛି। ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ମଧ ସରିଛି । ଅଥଚ ସ୍ଥାନାନ୍ତର ହୋଇନଥିବାରୁ ଫ୍ଲାଏଓଭର କାର୍ଯ୍ୟ ମନ୍ଥର ହୋଇପଡୁଛି । ଏହାକୁ ନେଇ ଆଜି ବିଡିଏ ସମେତ ଅନ୍ୟ ସମସ୍ତ ଅଂଶୀଦାରଙ୍କୁ ନେଇ ବୈଠକ ହୋଇଥିଲା। ସ୍ଥାନାନ୍ତର ପୂର୍ବରୁ ବସ୍ ରହଣି ପାଇଁ ନିର୍ମିତ ଗ୍ୟାମ୍



ସମ୍ପ୍ରସାରଣ, ବସ୍‌ଷ୍ଟାଣ୍ଡ ବାହାରେ ଅଟୋ ପାର୍କିଂ ପାଇଁ ବସ୍ ମାଲିକମାନେ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ ଆସନ୍ତାକାଲି ଠାରୁ କାମ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛି। ଏଥିସହିତ ମାର୍ଚ୍ଚ ୬ରୁ ନୂଆବସ୍‌ଷ୍ଟାଣ୍ଡ ପରିବର୍ତ୍ତେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ହଳଦିଆପଦର ବସ୍‌ଷ୍ଟାଣ୍ଡକୁ ବସ୍ ଯାତାୟାତ କରିବାକୁ ସମସ୍ତ ପକ୍ଷ ସହମତି ଜଣାଇଥିବା କମିଶନର କହିଛନ୍ତି । ବିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଟ୍ରାଫିକ୍ ଡିଏସ୍‌ପି ତ୍ରିପତୀ ଚୌଧୁରୀ, ଆର୍‌ଟିଓ ଦେବାଶିଷ ସ୍ୱାଇଁ, ବଡବଜାର ଥାନାଧିକାରୀ ଆଶିଷ ସ୍ୱାଇଁଙ୍କ ସମେତ ଓଏସ୍‌ଆର୍‌ଟିସି, ବସ୍ ମାଲିକ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଓପିଟିସିଏଲ୍‌ର ୫ଏକର ଜମିରେ ୧.୫୬କୋଟି ବ୍ୟୟରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କରାଯାଇଛି । ବସ୍ ରହଣି ପାଇଁ ୧୫ଟି ପ୍ଲାଟଫର୍ମ ହୋଇଛି । ଯାତ୍ରୀଙ୍କ ପାଇଁ ୱେଟି ସେଡ୍, ଶୌଚାଳୟ ୧୦ଟି, ପିଇବା ପାଣି ସୁବିଧା କରାଯାଇଛି । ବିଦ୍ୟୁତ୍ ବିଭାଗ ପୁରୁଣା କ୍ୱାର୍ଟରର ପୁନରୁଦ୍ଧାର କରାଯାଇ ସେଠାରେ ପୁଲିସ୍ ପାଣ୍ଡି, ଓଏସ୍‌ଆର୍‌ଟିସି ଓ ଘରୋଇ ବସ୍ ଟିକଟ ଘର ସୁବିଧା କରାଯାଇଛି । ବସ୍ ଅଟକି ରହିବା କିମ୍ବା ରାତ୍ରି ପାର୍କିଂ ପାଇଁ ଦୁଇ ଏକର ଜମି ସମତୁଲ ହୋଇଛି ।

# ପୂର୍ବତଟ ରେଳପଥ ଜିଏମ୍‌ଙ୍କ ନୟାଗଡ଼ - ଜଖପୁରା ସେକ୍ସନର ନିରୀକ୍ଷଣ

ଭୁବନେଶ୍ୱର, (ହି.ସ.)- ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରମୁଖ ରେଳ ସ୍ଥାପନଗୁଡ଼ିକରେ ସୁରକ୍ଷା ମାନଦଣ୍ଡ, ଭିତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷା କରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ନୟାଗଡ - ଜଖପୁରା ସେକ୍ସନର ଏକ ବ୍ୟାପକ ସୁରକ୍ଷା ଯାଂଚ କରିଥିଲେ। ତାଙ୍କ ସହିତ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି, ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।
ଏହି ନିରୀକ୍ଷଣ ନୟାଗଡ ରେଳ ଷ୍ଟେସନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ମହାପ୍ରବନ୍ଧକ ପ୍ଲାଟଫର୍ମ, ପରିଚାଳନା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧା ସମେତ ଷ୍ଟେସନ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ ଆହୁରି ମଧ କ୍ରୁ ଲବି, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରନିଂ ରୁମ୍, ରେଳବାଇ କଲୋନି ଏବଂ ଶିଶୁ ଉଦ୍ୟାନଏବଂ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳ ଷ୍ଟେସନରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥାର ମଧ ପୁଙ୍ଖାନୁପୁଙ୍ଖ ଯାଂଚ କରିଥିଲେ।
ଫ୍ରଂଟଲାଇନ୍ କର୍ମଚାରୀ ଏବଂ ଗ୍ୟାଙ୍ଗ-ମ୍ୟାନଙ୍କ ସହିତ ଆଲୋଚନା ଏହି ନିରୀକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା, ଯେଉଁ ସମୟରେ ମହାପ୍ରବନ୍ଧକ ସେମାନଙ୍କର କାର୍ଯ୍ୟଜ୍ଞାନ, ସୁରକ୍ଷା ସଚେତନତା ଏବଂ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିର୍ଣ୍ଣ ଚ୍ୟାଲେଞ୍ଜ ଗୁଡିକ ଉପରେ ଖୋଲା ମତାମତ ଦେବାକୁ ଉତ୍ସାହିତ କରିଥିଲେ। ଶ୍ରୀ ଫୁଙ୍କୱାଲ କର୍ମଚାରୀ କଲ୍ୟାଣ ଏବଂ ଉନ୍ନତ ଜୀବନଯାପନ ପରିସ୍ଥିତି ପ୍ରତି ପ୍ରଶାସନର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି ରେଳ ପରିବାରମାନଙ୍କ ସହିତ ମଧ ଆଲୋଚନା କରିଥିଲେ।
ସୁରକ୍ଷା ଯାଞ୍ଚର ଅନ୍ୟ ପ୍ରମୁଖ ଅଂଶ-ଗୁଡ଼ିକ ଥିଲା ଲେଭଲ କ୍ରସିଂ ଗେଟ୍, ଟାୱାର ୱାଗନ ସେଡ୍, ଟ୍ରାକ୍ସନ୍ ସବ୍ ଷ୍ଟେସନ୍, ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପାମାର୍ଗ, କର୍ଭ, ଓ ସେତୁମାନଙ୍କୁ ପରିଦର୍ଶନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁରକ୍ଷା ନିୟମ ପାଳନ, ପ୍ରାଥମିକ ଢାଞ୍ଚାର ସ୍ଥିତି ଓ ରକ୍ଷାବେକ୍ଷଣ ପ୍ରସ୍ତୁତିକୁ ମୂଲ୍ୟାଙ୍କନ କରିବା ଥିଲା । ନିରୀକ୍ଷଣ ସମୟରେ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ରକ୍ଷଣାବେକ୍ଷଣ ମାନ ବୃଦ୍ଧି କରିବା ଏବଂ ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତୀ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଥିଲେ। କର୍ତବ୍ୟ ପ୍ରତି ସେମାନଙ୍କର ଆନ୍ତରିକ ପ୍ରତିବଦ୍ଧତା ପାଇଁ ପ୍ରଶଂସା ସ୍ୱରୂପ ସେ ଫ୍ରଣ୍ଟଲାଇନ୍ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ସମନ୍ୱିତ ଶିଶୁ ବିକାଶ ଯୋଜନା ସମୀକ୍ଷା ବୈଠକ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନଙ୍କ ଜାନୁଆରୀ ମାସର ଟୁର ଡାଇରୀ ଓଡ଼ିଆରେ ପ୍ରସ୍ତୁତ କରାଯାଇଥିଲା । ଏହାକୁ ନେଇ ଜିଲ୍ଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ । ସେ କହିଲେ ଯେ, ପ୍ରତି ମାସ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମାନେ ମୋଟ୍ ଅଙ୍ଗନୱାଡ଼ି କେନ୍ଦ୍ରର କମ୍ ସେ କମ୍ ୫୦ ଶତାଂଶ କେନ୍ଦ୍ର ପରିଦର୍ଶନ କରିବେ । ଶିଶୁ ଓ ମାତୃ ମୃତ୍ୟୁହାରକୁ ଶୂନ୍ୟ ସ୍ତରକୁ ଆଣିବା ପାଇଁ ସମସ୍ତେ ସମନ୍ୱିତ ଭାବେ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ମାସର ପ୍ରତ୍ୟେକ ଶୁକ୍ରବାର ଦନ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କ ଦ୍ୱାରା ଶିଶୁ ଓ ମାତୃ ସେବା ସମ୍ପର୍କିତ ସଚେତନତା ରାଲି ଆୟୋଜନ କରିବାକୁ ମଧ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କ କାର୍ଯ୍ୟନିଷ୍ପାଦନ, ପୋଷଣ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଗର୍ଭବତୀ ଓ ନବମାତାଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ସହ "ଶାଶୁ–ବୋହୂ ମେଳି" ଓ "ସ୍ୱାମୀ–ସ୍ତ୍ରୀ ମେଳି" ପରି ସମୁଦାୟ ଭିତିକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି ଅବସରରେ ଅବସରଗ୍ରହଣ କରିବାକୁ ଯାଉଥିବା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ସୁପ୍ରଭା ଜୋଶୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ସେହିପରି ସର୍ବଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ, ସୁପରଭାଇଜର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଆଗାମୀ ଦିନରେ ସମ୍ମାନିତ କରାଯିବ ବୋଲି ଜିଲ୍ଲାପାଳ ଘୋଷଣା କରିଥିଲେ । ବୈଠକରେ ଉପ-ଜିଲ୍ଲାପାଳ ସୂର୍ମି ସୋରେନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ, ସୁପରଭାଇଜର ଓ ଅନ୍ୟାନ୍ୟ ସମ୍ପୃକ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଡାଆଣୀ ପ୍ରଥା ନିଷେଧ ଓ ସଚେତନତା କର୍ମଶାଳା



ରାୟଗଡ଼ା(ପିପିଏସ୍) : ଡାଆଣୀ ସନ୍ଦେହରେ ଘଟୁଥିବା ନିର୍ଯାତନା ଭଳି ଅମାନବିକ କୁପ୍ରଥାକୁ ରୋକିବା ଓ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ରାୟଗଡ଼ା ମିନତୀ ଦେଓଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡାଆଣୀ ସନ୍ଦେହ ନାମରେ ନିର୍ଦ୍ଦୋଷ ବ୍ୟକ୍ତି , ବିଶେଷକରି ନାରୀ ନିର୍ଯାତନା, ସାମାଜିକ ବହିଷ୍କାର ଓ ହିଂସା ,ହତ୍ୟା ଭଳି ଅମାନୁଷିକ କାଣ୍ଡ ରୋକିବା ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ଏବଂ ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ଏହାର ମୂଳୋତ୍ପାଟନ କରିବାକୁ ଚେଷ୍ଟା ଜାରି ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋସନାର ବରଲା ଆରକ୍ଷୀ ଅଧିକ୍ଷକ ରାୟଗଡ, ଏଡିପିଏଚ୍ଓ ଡ଼ଃ. ଶ୍ୟାମଚରଣ ଗୁରୁ , ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ବେହେରା, ପ୍ରତିମାରାଣୀ ଦାସ ଜିଲ୍ଲା ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ଅହଲ୍ୟା ସୁନା କାର୍ଯ୍ୟକ୍ରମ ଅଧିକାରୀ, ମୀନତି ପାତ୍ର ୟୁନିସିଏଫ ଜିଲ୍ଲା ସଂଯୋଜକ , ହେନା ରାଣୀ ପ୍ରଧାନ ଆଭା ସଂଯୋଜକ , ହେନବାନୀ ପ୍ରଧାନେ ଏଭିଏ ସଙ୍ଗଠନ, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସଂକଳ୍ପ ହବ୍ କର୍ମୀ ,ଓ୍ୱାନ୍ ଷ୍ଟପ ସେଂଟର୍ କର୍ମୀ, ଶକ୍ତି ସଦନ କର୍ମୀ, କିଶୋର ବାଳକ ବାଳିକା ,ସେଚ୍ଛାସେବୀ ମହିଳା ମଣ୍ଡଳୀର ସଦସ୍ୟା ପ୍ରମୁଖ ୭୦ ଜଣରୁ ଅଧିକ ମହିଳା ଯୋଗ ଦେଇଥିଲେ । ଡାହାଣୀ ଏକ ଭ୍ରାନ୍ତଧାରଣା, ବହୁଚରିତ୍ର ସ୍ୱଭାବ ଭଳି ଏହା ଏକ ମାନସିକ ରୋଗ, ଗୁଣିଆ ପାଖକୁ ନଯାଇ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବାକୁ କର୍ମଶାଳାରେ ଯୋଗଦେଇ ବିଶେଷଜ୍ଞ ଶ୍ରୀଯୁକ୍ତ ରବି ନାରାୟଣ ଶତପଥୀ, ଆଡ଼ଭୋକେଟ ଏବଂ ନରେଶ ଶର୍ମା, ପୀରାମଲ ସଂସ୍ଥା ପରାମର୍ଶ ଦେବା ସହ ବିଭିନ୍ନ ଅଞ୍ଚଳରେ ଘଟିଥିବା ଡାହାଣୀ ସନ୍ଦେହ ଘଟଣା ସମ୍ପର୍କରେ ନିଜର ଅଭିଜ୍ଞତା ବ୍ୟାଖ୍ୟା କରିଥିଲେ । ଯଦିଓ ବିଜ୍ଞାନ ଯୁଗରେ ଆମେ ବଞ୍ଚୁଛନ୍ତି ତଥାପି ଡାହାଣୀ ସନ୍ଦେହ ଭଳି କୁପ୍ରଥା ଏବେ ଯାଏ ସଂପୂର୍ଣ୍ଣ ଭାବେ ସମାଜରୁ ଦୂର ହୋଇନାହିଁ । ଏହା ଏକ ପ୍ରକାର ଘରୋଇ ହିଂସା, ଏହା ଘରଠାରୁ ଆରମ୍ଭ ହୋଇ ସମାଜ କୁ ବ୍ୟାପିଛି ତେଣୁ ଏ ନେଇ ନିଜ ପରିବାରରୁ ହିଁ ସଚେତନତା ଆରମ୍ଭ ହେବା ଆବଶ୍ୟକ । ଓଡ଼ିଶା ଡାହାଣୀ ଶିକାର ନିରାକରଣ ଆଇନ ୨୦୧୩ ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଆଇନଗତ ଦଣ୍ଡବିଧାନ ସମ୍ପର୍କରେ ଅଂଶଗ୍ରହଣକାରୀ ଙ୍କୁ ଅବଗତ କରାଇଥିଲେ ।ଅଧିନିୟମ ରେ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ସହିତ ୫ ,୦୦୦ ବା ତଦୁର୍ଦ୍ଧ ଟଙ୍କା ଜୋରିମାନା ହେବ ବୋଲି ତାଲିମ ଦାତା ବରିଷ୍ଠ ଓକିଲ , ରବିନାରାୟଣ ଶତପଥୀ ମାମଲା ପରିଚାଳନା କ୍ଷେତ୍ରରେ ଥିବା ସମସ୍ୟା, ସମାଧାନର ବାଟ, ଆଇନର ଧାରା, ଦଫା, ଏଫଆଇଆର ରୁ ଚାର୍ଜସିଟ ପର୍ଯ୍ୟନ୍ତ କିପରି ତଦନ୍ତ କରିବେ, ସାକ୍ଷୀ ମାନଙ୍କୁ କିପରି ଜେରା କରିବେ, ଅଭିଯୁକ୍ତକୁ କିପରି ଦଣ୍ଡ ଦିଆଯିବ, ଏହି ସବୁ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଡାହାଣୀ ସନ୍ଦେହ ଦ୍ୱାରା ଜଣେ ନାଗରିକର ୩ଟି ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଥାଏ, ତାହା ହେଉଛି ଧାରା-୧୫ ଲିଙ୍ଗଗତ ଭେଦଭାବ ,ଧାରା- ୧୪ ଆଇନଗତ ଅଧିକାର କ୍ଷୁର୍ଣ୍ଣ , ଏବଂ ଧାରା-୨୧ ସମାଜରେ ସମ୍ମାନର ସହିତ ବଞ୍ଚିବାର ଅଧିକାର । ଡାହାଣୀ ଭଳି କୁପ୍ରଥା କୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଥିଲା । ଏହି କୁପ୍ରଥା ଯୋଗୁଁ ନିଃସହାୟ ମହିଳା ଶିକାର ହୁଅନ୍ତି, ନିର୍ଯାତିତା ହୁଅନ୍ତି । ମହିଳା ମାନଙ୍କୁ ଡାହାଣୀ ଆଖ୍ୟା ଦେଇ ସେମାନଙ୍କ ସମ୍ପତ୍ତି ହଡ଼ପ କରାଯାଏ । ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଏହା ହୁଏ ବୋଲି ଆଲୋଚନା ହୋଇଥିଲା । ଡାହାଣୀ, ତନ୍ତ୍ର ମନ୍ତ୍ର, ଚେଙ୍କ ଦେବା ଏସବୁ କୁପ୍ରଥା ଏବଂ ଅନ୍ଧ ବିଶ୍ୱାସରୁ ଦୁରେଇ ରହିବା ପାଇଁ ଏବଂ ଶରୀରରେ ରୋଗ ହେଲେ ଡ଼ାକ୍ତରଖାନା ଯିବାପାଇଁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ଅଙ୍ଗନବାଡି କର୍ମୀ, ଆଶା,କିଶୋରୀ ବାଳିକା , ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଶେଷଜ୍ଞ ମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡାହାଣୀ ନିର୍ଯାତନା ଏବଂ ବାଲ୍ୟ ବିବାହ ସମ୍ପର୍କିତ ମାମଲା ପାଇଁ ପୋଲିସ ହେଲ୍ପ ଲାଇନ୍, ମହିଳା ହେଲ୍ପ ଲାଇନ୍ - ୧୮୧ , ଶିଶୁ ସହାୟତା ହେଲ୍ପ ଲାଇନ୍ - ୧୦୯୮ ସୁଭଦ୍ରା ହେଲ୍ପ ଲାଇନ୍ - ୧୪୬୭୮କୁ କଲ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏବଂ ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ୧୦୦ ଦିନିଆ କାର୍ଯକ୍ରମ ରେ ହୋଇଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତର ରେ ହୋଇଥିବା ରଚନା ଓ ବିତର୍କ ପ୍ରତିଯୋଗିତା ରେ ବିଜୟୀ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ସହ ଟ୍ରୋଫି ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲା ସଂକଳ୍ପ ହବ ର ସଂଯୋଜକ ଶ୍ରୀ ଦିବାକର ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦୁପତ୍ର କର୍ମଚାରୀ ସଂଘପକ୍ଷରୁ ୧୭ ଦଫା ଦାବି ନେଇ ଗଣଧାରଣା

ମାଲକାନଗିରି: ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ୧୭ ଦଫା ଦାବି ନେଇ ଗଣ ଧାରଣା ପ୍ରତ୍ୟେକ କେନ୍ଦୁପତ୍ର ବନାଚଂଳରେ ଚାଲିଥିବା ବେଳେ ମାଲକାନଗିରି ଜିଲ୍ଲାରେ ଥିବା ୬ ଗୋଟିଏ କେନ୍ଦୁପତ୍ର ବନାଚଂଳରେ ମଧ କେନ୍ଦୁପତ୍ର କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଏହି ଧାରଣା ଦୁଇ ଦିନ ବ୍ୟାପି ଚାଲିବ ବୋଲି ସଂଘର କର୍ମକର୍ତାମାନେ ପ୍ରକାଶ କରିଛନ୍ତି । ଆଜିର ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବା ମାଲକାନଗିରି ଜିଲ୍ଲାର ୬ ଗୋଟିଏ କେନ୍ଦୁପତ୍ର ବନାଚଂଳ ଗୁଡ଼ିକ ମଧରେ କାଲିମେଲା,ଏମଭି-୭୯, କଟାମେଟା, ମାଥିଲି, ବାଲିମେଲା ଓ ମାଲକାନଗିରି ସଂପୃକ୍ତ । କେନ୍ଦୁପତ୍ର କର୍ମଚାରୀ ସଂଘର ଦାବି ଗୁଡିକ ହେଲା, କେନ୍ଦୁପତ୍ର କେରି ବୃଦ୍ଧି, ଋତୁକାଳୀନ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି, ବୋନସ ପରିମାଣ ବୃଦ୍ଧି,ବନ୍ଧେଇ କର୍ମଚାରୀ ମାନଙ୍କ କେନ୍ଦୁପତ୍ର ବିଡା ପ୍ରତି ଦରବୃଦ୍ଧି, ପଡି ଉଚ୍ଛେଦ, ୬ ଗୋଟି ଡାଇଭିଜନରେ ଘରୋଇକରଣ ବନ୍ଦ, କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଆହ୍ୱାନ, ମୃତ୍ୟୁକାଳୀନ ସହାୟତା ରାଶି ୨ ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି, ଋତୁକାଳୀନ କର୍ମଚାରୀଙ୍କ ରୋଗରେ ପୀଡିତ ଛୁଟି, ଜୟପୁର, ନବରଙ୍ଗପୁର ଓ ଖଡିଆଳ ଡିଭିଜନର ଫାଲ ଏରିଆକୁ ପ୍ରୋସେସିଙ୍ଗ ଏରିଆରେ ପରିଣତ, ବିଭିନ୍ନ ଡିଭିଜନର ଖାଲି ପଡ଼ିଥିବା ଋତୁକାଳୀନ କର୍ମଚାରୀଙ୍କ ପଦବୀ ପ୍ରମୋଶନ ମାଧମରେ ପୂରଣ କରାଯାଉ, କେନ୍ଦୁପତ୍ର ବଜେଟରେ ଶ୍ରମିକମାନଙ୍କ ସାମାଜିକ ନିରାପତା ସହାୟତା ପାଇଁ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଉ ଆଦି ଦାବିରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ମାଲକାନଗିରି କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣାରେ ସଂପାଦକ ରାମ ମାଢି, କୃତିକ ନାୟକ, ଭବତୋଷ ମଣ୍ଡଳ ପ୍ରମୁଖ ନେତୃତ୍ୱ ନେଇଥିବା ଜଣାପଡ଼ିଛି ।

# କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା

ଜୟପୁର: କୋରାପୁଟ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି । ୯ ଦଫା ଦାବି ନେଇ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି ଛାତ୍ରଛାତ୍ରୀ । ଏପରିକି ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ଅଧାପକ ଓ କର୍ମଚାରୀଙ୍କୁ ମଧ ବିଶ୍ୱବିଦ୍ୟାଳୟକୁ ପ୍ରବେଶ କରାଇଦେଉନଥିବା ସୂଚନା ମିଳିଛି । ସେମାନଙ୍କର ୯ ଦଫା ଦାବି ମଧରେ ପ୍ରମୁଖ ଦାବି ରହିଛି ବସ୍ ବ୍ୟବସ୍ଥା, ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ ଏବଂ ଓ୍ୱାଇଫାଇ ସମସ୍ୟାର ସମାଧାନ ।

# ନିଶାଗଡ଼ିଆ ଗ୍ରାମରେ ନିର୍ମାଣଧୀନ ଡ୍ରେନ୍ କାମ ଅଧପନ୍ତରିଆ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତର ନିଶାଗଡ଼ିଆ ଗ୍ରାମରେ ନିର୍ମାଣଧିନ ଡ୍ରେନ କାମ ଅଧାପନ୍ତରିଆ ଭାବେ ପଡିରହିଥିବାରୁ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଡେଜୁଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଂଚାୟତର ନିଶାଗଡ଼ିଆ ଗ୍ରାମରେ ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ଗ୍ରାମ୍ୟ ରାସ୍ତା କଡରେ ମୁକ୍ତା ମୁଣ୍ଡାଙ୍କ ଘର ଠାରୁ ଟଙ୍କ ମୁଣ୍ଡାଙ୍କ ଘର ପର୍ଯ୍ୟନ୍ତ ଜଳ ନିଷ୍କାସନ ପାଇଁ ସିମେଣ୍ଟ କଂକ୍ରିଟ ଡ୍ରେନ ନିର୍ମାଣ ନିମନ୍ତେ ଅଟକଳ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ଏହି କାର୍ଯ୍ୟର କାର୍ଯ୍ୟାଦେଶ ଚମ୍ପୁଆ ପଂଚାୟତ ସମିତି ନାମରେ ଥିବାବେଳେ ଡ୍ରେନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଅଧା ଢ଼ଳେଇ କାମ ହୋଇଥିବା ବେଳେ ଅଧା ଖାଲ ଭିତରୁ ରଡ଼ ବାହାରକୁ ବାହାରି ରହିଛି । ଏହି କାର୍ଯ୍ୟ ପାଇଁ ଲାଗିଥିବା ସୂଚନା ଫଳକରେ କାର୍ଯ୍ୟାରମ୍ଭ ସମ୍ପର୍କିତ ତାରିଖ ନ ଲେଖି ବିଭାଗ ପକ୍ଷରୁ କିଛି ଲୁଚାଇବାକୁ ଚେଷ୍ଟା କରାଯାଉଛି । ଏହି ଡ୍ରେନ ର ଢ଼ଳେଇ କାମ ଦେଖିବାକୁ କୌଣସି ଅଧିକାରୀ ଆସି ନ ଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣିବା ସହିତ କାର୍ଯ୍ୟର ସମ୍ପୂର୍ଣତାକୁ ନେଇ ସନ୍ଦେହ କରିଛନ୍ତି ସ୍ଥାନୀୟ ବାସିନ୍ଦା । ତାସହିତ ଲୋକଙ୍କ ସୁବିଧା ନିମନ୍ତେ ନିର୍ମାଣ କରା ଯାଉଥିବା ଏହି ଡ୍ରେନ କାର୍ଯ୍ୟ ଦୀର୍ଘ ଦିନ ଧରି ଅଧାପନ୍ତରିଆ ଭାବେ ପଡି ରହିବାରୁ ନିକଟରେ ଥିବା ଘରର ଲୋକମାନେ ଯିବା ଆସିବାରେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତି ଅନ୍ଧାରରେ ଯିବା ଆସିବା କରିବାରେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଫଳରେ ଏହାକୁ ନେଇ ଗ୍ରାମରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏସମ୍ପର୍କରେ ପଡୁଆ ପଂଚାୟତ ଦାୟିତ୍ୱରେ ଥିବା ଜେଇଙ୍କୁ ଫୋନ ମାଧମରେ ଯୋଗାଯୋଗ କରିବାକୁ ଚେଷ୍ଟା କରା ଯାଇଥିଲା କିନ୍ତୁ ଫୋନ ଉଠାଇ ନ ଥିବାରୁ କୌଣସି ସୂଚନା ମିଳି ପାରି ନାହିଁ । ତେଣୁ ଏଥିପ୍ରତି ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି ।

# ମାରାଗୁଡ଼ା ଲୋକ ମହୋତ୍ସବର ସ୍ମରଣିକା କମିଟି ବୈଠକ

ନୂଆପଡା: ନୂଆପଡ଼ା ସ୍ଥିତ ସଦ୍ଭାବନା ସଭାଗୃହରେ ମାରାଗୁଡା ଲୋକ ମହୋତ୍ସବର ସ୍ମରଣିକା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧକ୍ଷତା କରିଥିଲେ । ନୂଆପଡ଼ାର ସାହିତ୍ୟ, ସଂସ୍କୃତି, ଇତିହାସ, ଐତିହ୍ୟ ତଥା ପ୍ରଗତି ଉପରେ ଆଧାରିତ ଓଡ଼ିଆ, କୋସଲି, ହିନ୍ଦୀ ବା ସଂସ୍କୃତରେ ସ୍ୱରଚିତ ଲେଖା ସର୍ବାଧିକ ୨୫୦୦ ଶବ୍ଦରେ ଡିଟିପି କରି ପ୍ରବୋଧ ହୋତା କିମ୍ବା ରମେଶ ମହାରାଙ୍କ ପାଖକୁ ତା ୧୦/୦୩/୨୬ ସୁଦ୍ଧା ପଠାଇବା ପାଇଁ ଆହ୍ୱାନ କରାଯାଉଛି । ଲେଖା ସମ୍ବନ୍ଧୀୟ ବିଚାର ପାଇଁ ସମ୍ପାଦନା ମଣ୍ଡଳୀର ନିଷ୍ପତି ଚୂଡ଼ାନ୍ତ ହେବ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା, ମେଜର ରାମଚନ୍ଦ୍ର ମିଶ୍ର, ଫଣିନ୍ଦମ ଦେଓ, ପ୍ରସନ୍ନ ପାଢ଼ୀ, ମୁରଲୀଧର ପଣ୍ଡା, ବାସୁଦେବ ସୁନାନୀ, ଲୋହିତାକ୍ଷ ଯୋଶୀ, ସାମୁଏଲ ଦାନୀ, ପ୍ରବୋଧ ହୋତା ଓ ସୁଶାନ୍ତ ବିଶି ପ୍ରମୁଖ ଉପସ୍ଥିତ ରହି ସବିଶେଷ ଆଲୋଚନା କରିଥିଲେ ।

# ସ୍ଥାନୀୟ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଠୁ ସାମଗ୍ରୀ କ୍ରୟ ବଢ଼ାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା: ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ବିକ୍ରେତା ବିକାଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମ୍ବଲପୁରର ଏମସିଏଲ୍, ବାନହରପାଲିର ଓପିଜିସି ଲିମିଟେଡ୍, ବେଦାନ୍ତ ଲିମିଟେଡ୍ ଭଳି ବୃହତ ଶିଳ୍ପସଂସ୍ଥାର କ୍ରୟ ବିଭାଗ ମୁଖ୍ୟ ମାନଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ଏବଂ ଜିଲ୍ଲାର ଅନ୍ୟାନ୍ୟ ଏମଏସଏମଇ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ । ଆଂଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ ) ଗୁଡ଼ିକ ଠାରୁ ଅଧିକ ପରିମାଣର ସାମଗ୍ରୀ କ୍ରୟ କରିବାକୁ ଜିଲ୍ଲାପାଳ ବୃହତ ଶିଳ୍ପ ସଂସ୍ଥାଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଆଲୋଚନା ସମୟରେ ବିଭିନ୍ନ ବୃହତ ଶିଳ୍ପର କ୍ରୟ ବିଭାଗ ମୁଖ୍ୟମାନେ ସେମାନଙ୍କର ଆବଶ୍ୟକତା ଏବଂ ସେହି ସମସ୍ତ ସାମଗ୍ରୀର ଏକ ତାଲିକା ପ୍ରଦାନ କରିଥିଲେ, ଯାହା ସ୍ଥାନୀୟ ଏମଏସଏମଇଗୁଡ଼ିକ ଯୋଗାଇ ଦେଇପାରିବେ । ସ୍ଥାନୀୟ ଉଦ୍ୟୋଗୀମାନେ ଯେପରି ବୃହତ ଶିଳ୍ପର ଚାହିଦା ଓ ମାନ ଅନୁଯାୟୀ ସାମଗ୍ରୀ ପ୍ରସ୍ତୁତ କରି ସେମାନଙ୍କ ସହ ସଫଳ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଏକ ସହାୟକ ବାତାବରଣ ସୃଷ୍ଟି କରାଯିବ । ବୃହତ ଶିଳ୍ପ ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ମଧ୍ୟରେ ଏହି ସମନ୍ୱୟ ଜିଲ୍ଲାର ଶିଳ୍ପ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ ।

# ବ୍ରଜରାଜନଗରରେ ଟ୍ରକ୍ ଟର୍ମିନସ ସମ୍ପ୍ରସାରଣ ସ୍ଥିତି ସମୀକ୍ଷା

ଝାରସୁଗୁଡ଼ା: ଜିଲ୍ଲାରେ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ଗସ୍ତ କରି ପ୍ରସ୍ତାବିତ ଟ୍ରକ୍ ଟର୍ମିନସର ସମ୍ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଜମିର ସ୍ଥିତି ଅନୁଧ୍ୟାନ କରିଛନ୍ତି । ସ୍ଥଳ ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଟର୍ମିନସ ପାଇଁ ଉଦ୍ଦିଷ୍ଟ ସରକାରୀ ଜମିରୁ ସମସ୍ତ ପ୍ରକାର ଜବରଦଖଲ ହଟାଇବା ପାଇଁ ଝାରସୁଗୁଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ରାସ୍ତା କଡ଼ରେ କିମ୍ବା ପ୍ରସ୍ତାବିତ ସ୍ଥାନରେ ପଡ଼ି ରହିଥିବା ପରିତ୍ୟକ୍ତ ଯାନବାହନଗୁଡ଼ିକୁ ତୁରନ୍ତ ସେଠାରୁ ହଟାଇବା ପାଇଁ ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ ଅଂଚଳର ଭିତିଭୂମି ବିକାଶ ପାଇଁ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏକ ବିସ୍ତୃତ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଟର୍ମିନାଲ୍ ପରିସରରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବନଖଣ୍ଡ ଅଧିକାରୀଙ୍କୁ ବ୍ୟାପକ ବୃକ୍ଷରୋପଣ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ଗସ୍ତ ସମୟରେ ସ୍ଥାନୀୟ ତହସିଲଦାର, ଆର.ଟି.ଓ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ ।

# 'ଭାଷା ହିଁ ଜୀବନର ମୂଳ'



ବଲାଙ୍ଗିର(ପିପିଏସ୍) : ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାର ପ୍ରଧାନ ଶିକ୍ଷକ ଡଃ ରବିଚନ୍ଦ୍ର ପଶାୟତଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ସଭାକୁ ସଂଯୋଜନା କରିବା ସହ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଦୈନିକ ଖବରକାଗଜର 'ପ୍ରଜାତନ୍ତ୍ର' ସମ୍ବାଦଦାତା ରାଜୀବ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ' ଭାଷା ହିଁ ଜୀବନର ମୂଳ' ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀ ଖବରକାଗଜର ସାମ୍ବାଦିକ ଆକୁଳ ବେହେରା ଯୋଗଦାନ କରି ଭାଷା ବିନା ଜାତିର ସମୃଦ୍ଧି ଅସମ୍ଭବ ବୋଲି ମତ ପ୍ରକାଶ କରିଥିଲେ । ଶିକ୍ଷକ ନନ୍ଦିଘୋଷ ବାରିକ ଓ ସ୍ନିଗ୍ଧା ପ୍ରଧାନ ମଞ୍ଚାସୀନ ହୋଇ ଛାତ୍ର ଛାତ୍ରୀମାନଙ୍କ ଉଦବୋଧନ ପ୍ରଦାନ କରିଥିଲେ । ଛାତ୍ରୀ ଶ୍ରିମୟୀ ସେଠ୍, ଜାଗୃତି ଓ ଡିପ୍ତିଶିଖା ବାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଗତବର୍ଷ ବାର୍ଷିକ ପରୀକ୍ଷାରେ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ଙ୍କୁ ଅତିଥିମାନେ ଉପଢୌକନ ଓ ପ୍ରତିଫଳନ ପ୍ରଦାନ କରି ସମ୍ମାନିତ କରିଥିବା ବେଳେ ଛାତ୍ରୀ ଜନନିକା ନାୟକଙ୍କୁ ମାତୃଭାଷା ଓଡ଼ିଆ ରେ ଅଧିକ ନମ୍ବର ରଖିଥିବା ଯୋଗୁ ପୁରସ୍କୃତ କରିଥିଲେ । ଶେଷରେ ଶିକ୍ଷକ ଚିନ୍ମୟ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମୀନକେତନ ଦାସ ସୁରଜ୍ ଖମାରୀ, ସୋଭାଗିନି ସାହୁ, ସୂର୍ଯ୍ୟକନ୍ତୀ କାଣ୍ଡ ପ୍ରଭୃତି ସହଯୋଗ କରିଥିଲେ ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

# ନିଆଁ ନିବାରଣ ସଚେତନତା ପ୍ରହସନ

ଚମ୍ପୁଆ: ବନ ବିଭାଗ ନିଆଁ ନିବାରଣ ସଚେତନତା ଦିବସ ପାଳନ କରୁଥିବା ବେଳେ ସେପଟେ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି । ଯାହା ବିଭାଗୀୟ ସଚେତନତା କାର୍ଯ୍ୟକ୍ରମ ପ୍ରହସନକୁ ପଦାରେ ପକାଇଛି । ଖବର ଅନୁସାରେ, ଚମ୍ପୁଆ ରେଞ୍ଜ କର୍ତ୍ତୃପକ୍ଷ ଜଙ୍ଗଲରେ ଲାଗୁଥିବା ନିଆଁକୁ କିପରି ଆୟତ କରାଯିବ ସେ ସମ୍ପର୍କରେ ଉପଖଣ୍ଡ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଚମ୍ପୁଆ ନଗର ଭବନ ଠାରେ ପାଳନ କରୁଛି । ବନ ବିଭାଗ ଏପଟେ ସଚେତନତା କାର୍ଯ୍ୟକ୍ରମ ପାଳନ କରୁଥିବା ବେଳେ ସେପଟେ ମଧ୍ୟାହ୍ନରେ ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନ ଚିତ୍ରପୁର ଗ୍ରାମର ଶାଳ ଜଙ୍ଗଲରେ ନିଆଁ ଲାଗି ଗଛ ପତ୍ର ସହିତ ଜାଳେଣି ପତ୍ର ଓ ଛୋଟ ଛୋଟ ଚାରା ଗଛ ଗୁଡ଼ିକ ସବୁ ପୋଡି ନଷ୍ଟ ହୋଇ ଯାଉଥିବା ଦେଖିବାକୁ ମିଳିଛି । ଚିତ୍ରପୁର ଗ୍ରାମବାସୀ ନିଜ ତ୍ୱତାବଧାନରେ ଶାଳ ଜଙ୍ଗଲକୁ ରକ୍ଷଣାବେକ୍ଷଣ କରି ଆସୁଛନ୍ତି । ସେହି ଜଙ୍ଗଲରୁ ଶୁଖୁଲା କାଠ ଏବଂ ଶୁଖିଲା ପତ୍ରକୁ ଗ୍ରାମବାସୀ ସଂଗ୍ରହ କରି ଘରେ ସାଇତି ରଖି ବର୍ଷସାରା ରୋଷେଇ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । କିନ୍ତୁ ହଠାତ୍ ଜଙ୍ଗଲରେ ନିଆଁ ଲାଗି ଯିବାରୁ ଜଙ୍ଗଲ ପୋଡି ଯିବା ସହିତ ଶୁଖିଲା ପତ୍ର ସବୁ ପୋଡି ପାଉଁଶ ହୋଇ ଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଜଙ୍ଗଲରେ ଉଠିଥିବା ଛୋଟ ଛୋଟ ଚାରା ଗଛ ଗୁଡ଼ିକ ମଧ ପୋଡି ପାଉଁଶ ହୋଇ ଯାଇଛି । ବନ ବିଭାଗ କେବଳ ସଭାସମିତିରେ ସଚେତନତା ବାର୍ତା ପ୍ରଦାନ କରୁଛନ୍ତି କିନ୍ତୁ ବାସ୍ତବରେ ଜଙ୍ଗଲରେ ଲାଗୁଥିବା ନିଆଁ କୁ ଆୟତ କରିବା ଦିଗରେ ଗୁରୁତ୍ୱ ଦେଉ ନ ଥିବା କହିଛନ୍ତି ଗ୍ରାମବାସୀ । ତେଣୁ ବିଭାଗ ସଭାସମିତିରେ ସଚେତନତା ବାର୍ତା ଦେବା ଦିଗରେ ଗୁରୁତ୍ୱ ନ ଦେଇ ଜଙ୍ଗଲରେ ଲାଗୁଥିବା ନିଆଁ କୁ କିପରି ଆୟତ କରାଯିବ ସେ ଦିଗରେ ବିଶେଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି ।

# ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍ ଉଦ୍‌ଘାଟିତ

ନୂଆପଡା: ନୂଆପଡା ଜିଲ୍ଲା ସଦର ବସ୍ ଷ୍ଟାଣ୍ଡର ନୂତନ ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍‌କୁ ଜଣେ ସାଧାରଣ ଯାତ୍ରୀ, ଗୋବର୍ଦ୍ଧନ ମହାନନ୍ଦ ଉଦ୍‌ଘାଟନ କରିଛନ୍ତି । ବ୍ୟାଙ୍କ୍ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ମୁଖ୍ୟଅତିଥି ଭାବରେ ଏଥିପାଇଁ ନିମନ୍ତ୍ରଣ କରା ଯାଇଥିଲା । ନିର୍ଦ୍ଦିଷ୍ଟ ସମୟରେ ଜିଲ୍ଲାପାଳ ମଧ ପହଂଚିଥିଲେ । କିନ୍ତୁ ସେ ନିମନ୍ତ୍ରଣ କଲେ ଜଣେ ସାଧାରଣ ଯାତ୍ରୀ ଗୋବର୍ଦ୍ଧନ ମହାନନ୍ଦ, ଧରମ ବନ୍ଧାଙ୍କୁ ଏହା ଉଦ୍‌ଘାଟନ ପାଇଁ, ଯିଏକି ନିଜ ଗାଁକୁ ଯିବା ପାଇଁ ବସ୍ ଷ୍ଟାଣ୍ଡ ଆସିଥିଲେ । ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ୍ ଆର୍ ଏମ୍ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ନୂଆପଡା ଶାଖା ମୁଖ୍ୟ ପରିଚାଳକ ଲିଙ୍କନ ଦାଶ, ଡି ଟି ଏମ୍ ଆକାଶ ମହାପାତ୍ର, ଆର୍ ଟି ଓ ଶର୍ମିଳା ମହାରଣା ଏବଂ ଆମ ବସ୍ ଷ୍ଟାଣ୍ଡ ପରିଚାଳନା କମିଟିର ସଦସ୍ୟ ଯାଜ୍ଞସେନୀ ମହାପାତ୍ର, ବିଜୟ କୁମାର ରାଉତ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏ ବିଷୟରେ ଜିଲ୍ଲାପାଳ କହିଲେ ଯେ, ଏହା ହେଉଛି ଲୋକମାନଙ୍କ ସରକାର ଏବଂ ପ୍ରଶାସନ । ଏଥିରେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ସମ୍ମାନର ଅଧିକାରୀ । ଏଣୁ ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମାନଜନକ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଜଣେ ସାଧାରଣ ଯାତ୍ରୀଙ୍କୁ ଅବସର ଦିଆଗଲା କ୍ଷ ଜନ ସାଧାରଣଙ୍କ ସରକାରରେ ସମସ୍ତ ବ୍ୟକ୍ତି ଅସାଧାରଣ ଏବଂ ଜିଲ୍ଲାର ପ୍ରଗତିରେ ସମସ୍ତଙ୍କ ଯୋଗଦାନ ରହିଛି ବୋଲି ଜିଲ୍ଲାପାଳ କହିଥିଲେ ।

# କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା

କେନ୍ଦୁଝର: ସାହାରପଡା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଏବଂ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଆଗାମୀ ପଂଚାୟତ ନିର୍ବାଚନ କୁ ଆଖି ଆଗରେ ରଖି କିପରି ସଂଗଠନ ମଜବୁତ କରି ହେବ ସେନେଇ ବିଶେଷ ଆଲୋଚନା କରିଥିଲେ କ୍ଷ ଏହି ସଭାରେ ନୂତନ ଭାବେ ନିଯୁକ୍ତ ହୋଇଥିବା ବ୍ଲକ ସଭାପତି ସରୋଜ କୁମାର ବଘେଲ ଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେବା ସହ ସଙ୍ଗଠନ କୁ କିପରି ମଜବୁତ କରିବେ ସେ ନେଇ ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ନୂତନ ଦିଶା ଦେଖାଇଛନ୍ତି କ୍ଷ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଗୌରହରି ନାଏକଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରି ସଭା କାର୍ଯ୍ୟ କୁ ଆଗେଇ ନେଇଥିଲେ କ୍ଷ ଏହି ସଭାରେ ପୂର୍ବତନ ବ୍ଲକ ସଭାପତି ଭୋଳାନାଥ ବଘେଲ, ପୂର୍ବତନ ସରପଂଚ ସାରଥି ମୁଦୁଲି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନସିଂ ମୁଣ୍ଡା, ପୂର୍ବତନ ଲ୍ୟାମ୍ପ ସଭାପତି ଗୌରହରି ଦାସ, ଚିତ୍ତରଞ୍ଜନ ରାଉତ, ନାରାୟଣ ନାଏକ, ଯଶୋବନ୍ତ ମହାନ୍ତ, ବଳରାମ ମହାନ୍ତ, ଚିତ୍ତରଞ୍ଜନ ତରେଇ, ହେମ ରଞ୍ଜନ ବେହେରା, ବେଣୁଧର ନାୟକ, ବିମ୍ବାଧର ନାଏକ, ଯୁବ କଂଗ୍ରେସ ସମ୍ପାଦକ ରାଜୁ ମହାନ୍ତ ଏବଂ ପଙ୍କଜ ନାଏକଙ୍କ ସମେତ ୨୦ ଗୋଟି ଗ୍ରାମ ପଂଚାୟତ ରେ ଥିବା ବରିଷ୍ଠ, ଯୁବକ ମାନେ ଉପସ୍ଥିତ ରହି ଆଗାମୀ ପଂଚାୟତ ନିର୍ବାଚନରେ ବହୁ ସଂଖ୍ୟକ ସରପଂଚ, ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ମାନଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଜିତାଇବାକୁ ସଂକଳ୍ପ କରିଥିଲେ ।

# ହିରା ସିସାଙ୍କୁ କବିତା ସ୍ମାରକୀ ପୁରସ୍କାର

ଜୟପୁର: ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ହିରା ସିସାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏନ୍‌ସିସି ନିର୍ଦ୍ଦେଶାଳୟ ଓଡିଶା ତରଫରୁ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ହିରା ସିସା ଜାତୀୟ ଶିକ୍ଷାର୍ଥି ବାହିନୀ ସଂଗଠନରେ ସେବା କରୁଥିବା ସମୟରେ ତଥା ତାଙ୍କର ପର୍ବତାରୋହଣ ଶିବିରରେ ସାହାସ ପ୍ରଦର୍ଶନ କରିଥିବାରୁ ଜାତୀୟ ଶିକ୍ଷାର୍ଥି ବାହିନୀର ପ୍ରତିଛବି ବୃଦ୍ଧି ପାଇଛି ଏବଂ ଓଡିଶା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ତାଙ୍କର ଏଭଳି କୃତିତ୍ୱ ପାଇଁ କମାଣ୍ଡର ବିକ୍ରମ ସିଂହ, ଡେପୁଟି ଡାଇରେକ୍ଟର ଜେନେରାଲ, ଏନସିସି ନିର୍ଦ୍ଦେଶାଳୟ ଓଡିଶା କବିତା ସ୍ମାରକୀ ପୁରସ୍କାର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ କଳିଙ୍ଗ ଷ୍ଟାଡିୟମ ଆଡିଟୋରିୟମରେ ଆୟୋଜିତ ହୋଇଥିଲା । ଏଭଳି କୃତିତ୍ୱ ପାଇଁ ହୀରା ସିସାଙ୍କୁ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ଲ୍ୟାପ୍ଟନାଂଟ ସନ୍ତୋଷିନି ମୁଣ୍ଡା ସମ୍ବର୍ଦ୍ଧନା ଜଣାଇଛନ୍ତି ।

# ନୂଆପଡ଼ାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ

ନୂଆପଡା: ନୂଆପଡା ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ସ୍ଥାନୀୟ ପଥ ପ୍ରାନ୍ତ ସୁବିଧା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ–୨୦୨୬ ପାଳନ ସମାରୋହ ଆଜି ଆୟୋଜିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ କ୍ଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଜିଲ୍ଲା ପ୍ରଶାସନ ବରିଷ୍ଠ ନାଗରିକମାନଙ୍କୁ ସମ୍ପୂର୍ଣ୍ଣ ସାମାଜିକ ସୁରକ୍ଷା ଯୋଗାଇବା ପାଇଁ ସର୍ବଦା ପ୍ରତିବଦ୍ଧ । ସେ ସେମାନଙ୍କୁ ସ୍ୱାସ୍ଥ୍ୟ ସଚେତନ ରହିବା ପାଇଁ ପରାମର୍ଶ ଦେଇ ପ୍ରତ୍ୟେକ ସୋମବାର ଜନଶୁଣାଣି ସମୟରେ ଆୟୋଜିତ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଶିବିରରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ସେଗୁଡିକର ପ୍ରତିକାର ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାସ ସେମାନଙ୍କ ଆଇନ ଗତ ଅଧିକାର ସମ୍ବନ୍ଧରେ ସଚେତନ କରିଥିଲେ କ୍ଷ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର କୁମାର ବଡାଇ ନିୟମିତ ଯୋଗାଭ୍ୟାସ ଓ ଅନ୍ୟାନ୍ୟ ହାଲୁକା ବ୍ୟାୟାମ କରି ସ୍ୱାସ୍ଥ୍ୟ ଭଲ ରଖିବାକୁ ପରାମର୍ଶ ଦେଇଥିଲେ । ଏସବିଆଇ ନୂଆପଡା ଶାଖାର ମୁଖ୍ୟ ପରିଚାଳକ ଲିଙ୍କନ ଦାସ ସେମାନଙ୍କ ପାଇଁ ବ୍ୟାଙ୍କ ସେବା, ପେନ୍‌ସନ ଓ ଆର୍ଥିକ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଦେଇଥିଲେ । ସେହିପରି ଜିଲ୍ଲା ଇ-ଶାସନ ପରିଚାଳକ ବିରେନ୍ଦ୍ର ସିଂହ ଦଣ୍ଡସେନା ଡିଜିଟାଲ ସାକ୍ଷରତା ଓ ସାଇବର ସୁରକ୍ଷା ସଚେତନତା ବିଷୟରେ ଉପସ୍ଥାପନା କରିଥିଲେ । ଏହି ଅବସରରେ ଡିଏମଓ ତଥା ସୁପରିଟେଣ୍ଡେଂଟ ଡା. ଲଳିତ ମୋହନ ବିଶି, ବରିଷ୍ଠ ଆଇନଜୀବୀ ପ୍ରକାଶ ସେନାପତି ସହିତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସମାଜରେ ବରିଷ୍ଠ ନାଗରିକଙ୍କ ଅଧିକାର, ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ଆର୍ଥିକ ସୁବିଧା ଓ ଡିଜିଟାଲ ସଚେତନତା ମାଧ୍ୟମରେ ସମ୍ମାନଜନକ ଜୀବନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମାରୋହରେ ଜିଲ୍ଲାର ସମସ୍ତ ବ୍ଲକ୍ ରୁ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ ।

ଦାନ ମାଗିବା ଓ ଦାନ ଗ୍ରହଣ କରିବା ଉଚିତ ନୁହେଁ । ସେଥିରେ ଅନ୍ୟର ଦୋଷ ଗୁଣର ଭାଗୀ ଜଣେ ହୋଇଯାଏ ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୨୧୭)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୨।୦୨।୨୦୨୬ ■ ରବିବାର

# କୋର୍ଟରେ ଏଆଇ

ସମୟର ଚାହିଦା ଅନୁସାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଅନୁଷ୍ଠିତ ହେବା ଅବସରରେ ନ୍ୟାୟପାଳିକାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗକୁ ନେଇ ମଧ୍ୟ ଏକ ଅଧିବେଶନର ଆୟୋଜନ କରାଯାଇଛି । ଏଥିରେ ବିଚାର କରାଗଲା ମେସିନ ଦକ୍ଷତା କିପ୍ରକାରେ ଭାରତର ନ୍ୟାୟ ବ୍ୟବସ୍ଥାକୁ ମଜବୁତ କରିପାରିବ । ଯେହେତୁ ଏହି କାର୍ଯ୍ୟକ୍ରମରେ ଆଇନଜ୍ଞମାନଙ୍କ ସହ ବିଧିବିତ୍ତମାନେ ମଧ୍ୟ ଅଂଶଗ୍ରହଣ କରିଛନ୍ତି, ତେଣୁ ଆଶା କରାଯାଉଛି ଆଗାମୀ ଭବିଷ୍ୟତରେ ନ୍ୟାୟିକ ବ୍ୟବସ୍ଥାରେ ଏଆଇର ଉପଯୋଗ ଆହୁରି ବଢ଼ିବ ଏବଂ ଏହାଫଳରେ ସାଧାରଣ ନାଗରିକଙ୍କୁ ଫାଇଦା ମଧ୍ୟ ମିଳିବ । ଯେବେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏଆଇର ଉପଯୋଗ ହେଉଛି, ସେତେବେଳେ ନ୍ୟାୟପାଳିକା କ୍ଷେତ୍ରରେ ମଧ୍ୟ ତାହାର ବ୍ୟବହାର ହେବା ଦରକାର । ଏମିତି ଦେଖିବାକୁ ଗଲେ, ସୀମିତ ସ୍ତରରେ ନ୍ୟାୟିକ ବ୍ୟବସ୍ଥାରେ ଏଆଇର ଉପଯୋଗ ହେଉଛି, କିନ୍ତୁ ଏଯାଏ ତାହାର ଆକଳନ କରାଯାଇ ନାହିଁ ତାହା ଦ୍ୱାରା ବାଞ୍ଛିତ ପରିଣାମ ମିଳିପାରୁଛି କି ନା । ଏବେକାର ସମୟରେ ଇ-କୋର୍ଟ ଯୋଜନା ଅନୁସାରେ ନ୍ୟାୟିକ ବ୍ୟବସ୍ଥାରେ ଏଆଇ ଆଧାରିତ କେତେକ ପ୍ରକାରର ଟୁଲ୍ସ ଉପଯୋଗ ହେବାରେ ଲାଗିଛି । ଯେପରି ମେସିନ ଲର୍ଣ୍ଣିଙ୍ଗ ।

ମେସିନ ଲର୍ଣ୍ଣିଙ୍ଗ ଟୁଲ୍ସ ଅଦାଲତ ରାୟର ଇଂରାଜୀରୁ ଭାରତୀୟ ଭାଷାରେ ସହଜରେ ଅନୁବାଦ କରିପାରୁଛି । ଏହା ମାଧ୍ୟମରେ ହଜାର ହଜାର ନିର୍ଣ୍ଣୟକୁ ବିଭିନ୍ନ ଭାଷାମାନଙ୍କରେ ଅନୁଦିତ କରାଯାଇଛି । ଅନ୍ୟ ଏକ ଟୁଲ୍ ଫାଇଲଗୁଡ଼ିକର ବିଶ୍ଳେଷଣ କରିବା, ପ୍ରାସଙ୍ଗିକ ଆଇନ ଓ ଉଦାହରଣ ସବୁକୁ ଖୋଜିବାରେ ସହାୟ ମଧ୍ୟ ହେଉଛି । ଏହିପରି କେତେକ ହାଇକୋର୍ଟମାନଙ୍କରେ ଏପରି ଟୁଲର ପ୍ରୟୋଗ ହେଲାଣି, ଯାହା ସାକ୍ଷୀଙ୍କ ବୟାନକୁ ସିଧା ଡିଜିଟାଲ ଟେକ୍ସ୍ଟର ରୂପ ଦେବାର କାର୍ଯ୍ୟ ମଧ୍ୟ କରୁଛି । ନ୍ୟାୟିକ ବ୍ୟବସ୍ଥାରେ ଏଆଇର ଉପଯୋଗ ଏପରି ଢଙ୍ଗରେ ହେବା ଦରକାର ଯାହା ଫଳରେ ଲୋକମାନଙ୍କୁ ସଠିକ୍ ସମୟ ଭିତରେ ନ୍ୟାୟ ମିଳିବାର ସମ୍ଭାବନା ବଢ଼ିବ । ଅବଶ୍ୟ ଏଆଇ ନିର୍ଣ୍ଣୟ ଦେବା କାମ କରିପାରିବ ନାହିଁ କି ତାହାଠାରୁ ଏପ୍ରକାର କାର୍ଯ୍ୟ ନେବା ଲାଗି ଉଦ୍ୟମ ହେବା ଦରକାର । ମାନବୀୟ ବିବେକର ସ୍ଥାନ ଏଆଇ ଆଦୌ ନେଇପାରିବ ନାହିଁ, କିନ୍ତୁ ତାହାଠାରୁ ଏତିକି ତ ସହଯୋଗ ନିଆଯାଇପାରିବ, ଯାହାଫଳରେ କାଗପତ୍ର ଦ୍ୱାରା ହେଉଥିବା କାର୍ଯ୍ୟର ବୋଝ ଲାଘବ ହେବ, କୋର୍ଟର କାର୍ଯ୍ୟମୁଖ୍ୟତଃ ମାମଲାର ବୋଝ ଯୋଗୁଁ ବିଳମ୍ବିତ ।

ମାମଲାର ବୋଝକୁ ଯଦି ଏଆଇର ପ୍ରୟୋଗ ଦ୍ୱାରା କମ୍ କରାଯିବ ତେବେ ତାହା ନ୍ୟାୟ ପ୍ରଦାନରେ ଅବଶ୍ୟ ସହାୟକ ହେବ । ଅନୁସନ୍ଧାନ, ବିଶ୍ଳେଷଣ ଓ ଡାଟା ସଂଗ୍ରହର କାର୍ଯ୍ୟ ମଧ୍ୟ ଏଆଇ ଜରିଆରେ ହୋଇପାରିବ । ଏସବୁ ସହିତ ଏକଥା ମଧ୍ୟ ବୁଝିବା ଦରକାର ଯେ, ନ୍ୟାୟିକ ବ୍ୟବସ୍ଥାରେ ଏଆଇର ବ୍ୟବହାର ତେବେ ଯାଇ ପ୍ରଭାବ ପକାଇପାରିବ, ଯେବେ ଆଶାନୁରୂପ ନ୍ୟାୟିକ ସୁଧାର ମଧ୍ୟ କରାଯିବ । ତାରିଖ ପରେ ତାରିଖ ଯେପରି କୋର୍ଟମାନଙ୍କରେ ହୁଏ ତହିଁରେ ବିରାମ ଲାଗିବା ଦରକାର । ସେହିପରି ଜନସ୍ୱାର୍ଥ ମାମଲା ନାମରେ ଯେପରି ବାଜେ ଆବେଦନ ଉପରେ ଲଗାମ କଷାଯାଇପାରିବ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବା ଉଚିତ । ପ୍ରତ୍ୟେକ କ୍ଷେତ୍ରରେ ଯେତେବେଳେ ସୁଧାର ହୋଇଚାଲିଛି, ସେତେବେଳେ ମୌଳିକ ନ୍ୟାୟିକ ସୁଧାର ଆଗକୁ ବଢ଼ିପାରୁ ନାହିଁ । ଫଳରେ ଜିଲ୍ଲା କୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପଡ଼ିରହିଥିବା ମକଦ୍ଦମାର ସଂଖ୍ୟା ବୃଦ୍ଧି ପାଇଚାଲିଛି । କୋଟିକୋଟି ସଂଖ୍ୟାରେ ପଡ଼ିରହିଥିବା ମକଦ୍ଦମା କେବଳ କୋଟିକୋଟି ଲୋକଙ୍କୁ ହତାଶ-ନିରାଶ କରୁନାହିଁ ବରଂ ଦେଶର ପ୍ରଗତିରେ ବାଧକ ମଧ୍ୟ ହେଉଛି ।□□

# ରକ୍ତର ସଂପର୍କ

ମହାଭାରତ ଯୁଦ୍ଧରେ କୌରବମାନେ ଯୁଦ୍ଧର ନିୟମ ଭଙ୍ଗ କରି ଅଭିମନ୍ୟୁଙ୍କୁ ଚାରିପଟୁ ଘେରି ମାରି ପକାଇଲେ। ଏ ଦୁଃସମ୍ବାଦରେ ସମସ୍ତ ପାଣ୍ଡବ ବାହିନୀ ଦୁଃଖରେ ଭାଙ୍ଗି ପଡ଼ିଲେ। ଅର୍ଜ୍ଜୁନ ଧନୁ ଫିଙ୍ଗିଦେଇ ଆଉ ଯୁଦ୍ଧ କରିବେ ନାହିଁ ବୋଲି ଅଡ଼ି ବସିଲେ। ପୁତ୍ର ରକ୍ତରେ ରଞ୍ଜିତ ରାଜ୍ୟକୁ ଭୋଗ କରିବାକୁ ସେ ଅନିଚ୍ଛା ପ୍ରକାଶ କଲେ। ଅର୍ଜ୍ଜୁନଙ୍କ ସିଦ୍ଧାନ୍ତ ଥିଲା ଅଟଳ। ଶ୍ରୀକୃଷ୍ଣ ତାଙ୍କୁ ଅନେକ ବୁଝାଇଲେ। ଏ ଶରୀର ଅନିତ୍ୟ, ମୃତ୍ୟୁ ଅନିବାର୍ଯ୍ୟ। ସଂସାରରେ କେହି କାହାର ନୁହନ୍ତି ବୋଲି ଅନେକ ବୁଝାଇଲେ। ତଥାପି ଅର୍ଜ୍ଜୁନ ନିଜ ଜିଦ୍‌ରୁ ଟଳିଲେ ନାହିଁ। ଅଭିମନ୍ୟୁ ନ ଫେରିଲେ ମୁଁ ଆଉ ଯୁଦ୍ଧ କରିବି ନାହିଁ। ଶ୍ରୀକୃଷ୍ଣ କହିଲେ ତୁମ ସହିତ ମୁଁ ତାର ଭେଟ କରାଇ ଦେଉଛି। ତାକୁ ଆଣି ପାରିବାଟା ତୁମ ଉପରେ ନିର୍ଭର କରେ। ସେ ଅର୍ଜ୍ଜୁନଙ୍କୁ ଲୋକାଲୋକ ପର୍ବତର ଆରପାରିକୁ ନେଇଗଲେ। ସେଠାରେ ପୃଥିବୀ ନଥିଲା କି ସୂର୍ଯ୍ୟ ନ ଥିଲେ। ଚକ୍ର ସୁଦର୍ଶନ ସେଠାରେ ଘୁରୁଥିଲା। ତାରି ଆଲୋକରେ ସେହି ମହାଶୂନ୍ୟ ପ୍ରଦେଶ ଆଲୋକିତ ହେଉଥିଲା। ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣ ସୁଦର୍ଶନଙ୍କୁ ଅତିକ୍ରମ କରିଗଲେ। ସେ ଦେଖିଲେ ଆଉ ଗୋଟାଏ ବିରାଟ ଚକ୍ର ସୁଦର୍ଶନ ଚକ୍ର ସହିତ ତାଳ ଦେଇ ଘୁରୁଛି। ସେଇ ଚକ୍ରର ଅରମାନଙ୍କ ଉପରେ କେତେ ଗୁଡ଼ିଏ ପିଲା ଖେଳୁଛନ୍ତି। ପ୍ରଭୁ କହିଲେ ଅର୍ଜ୍ଜୁନ ଏଇ ପିଲା ମାନଙ୍କ ମଧ୍ୟରୁ ତୁମର ଅଭିମନ୍ୟୁକୁ ଚିହ୍ନ ଏବଂ ସାଙ୍ଗରେ ନେଇଯାଅ। ପିଲାଗୁଡ଼ିକ ଏକୁ ଆରେକ ବଳି ସୁନ୍ଦର। ସେମାନେ ନିଜ ନିଜ ରେଖାରେ ସେମାନେ ଦୌଡ଼ୁଥାନ୍ତି। ଅର୍ଜ୍ଜୁନ ଅପଲକ ନୟନରେ ଚାହିଁଥାନ୍ତି, ଏହି ସମୟରେ ଅଭିମନ୍ୟୁ ଦୃଷ୍ଟିପଥାରୂଢ଼ ହେଲେ। ସେ ଅର୍ଜ୍ଜୁନଙ୍କୁ ନ ଦେଖିଲା ପରି ହସି ହସି ଧାଇଁଗଲେ। ଅର୍ଜ୍ଜୁନ ତାଙ୍କ ପଛରେ ଧାଇଁଲେ। କିନ୍ତୁ ଅଭିମନ୍ୟୁଙ୍କୁ ପାଇଲେ ନାହିଁ। ଅର୍ଜ୍ଜୁନ ଭାବିଲେ ବୋଧହୁଏ ସେ ମୋତେ ଦେଖିପାରିନାହିଁ। ପୁନଃ ଅଭିମନ୍ୟୁକୁ ଦେଖି ଅର୍ଜ୍ଜୁନ ତାଙ୍କ ହାତ ଧରି ପକାଇଲେ। ସେ ହାତ ଛଡ଼ାଇ ପଳାଇଗଲେ। ଅର୍ଜ୍ଜୁନଙ୍କ ମୁହଁ କଳା ପଡ଼ିଗଲା। ପୁଣି ଆସିଲେ ଅଭିମନ୍ୟୁ, ଅର୍ଜ୍ଜୁନ କହିଲେ 'ବାବୁ ଘରକୁ ଚାଲ। ତୋ ବିନା ସବୁ ଅନ୍ଧାର। ଅଭିମନ୍ୟୁ କହିଲେ 'ଯା, ଯା ମୋର ବାପା ହେବାକୁ ଆସିଛି, ତୁ କେତେ ଥର ମୋର ପୁଅ ହୋଇଛୁ ଜାଣିଛୁ ? ଶରୀର ଥିବା ଯାଏ ଏ ସମ୍ବନ୍ଧ ଅଛି। ଆତ୍ମାର ସଂସାରରେ ରକ୍ତର ସମ୍ବନ୍ଧ କ୍ଷଣିକ। ମୋ ଖେଳରେ ବାଧା ଦେନା।' ଅଭିମନ୍ୟୁ ଚାଲିଗଲେ। ଅର୍ଜ୍ଜୁନଙ୍କର ମୋହ ଭାଙ୍ଗି ଯାଇଥିଲା। ତାଙ୍କ ଆଖିରେ ନ ଥିଲା ଲୁହ। ଦୀର୍ଘଶ୍ୱାସ ଛାଡ଼ି ସଖା ଶ୍ରୀକୃଷ୍ଣଙ୍କ ମୁହଁକୁ ଚାହିଁଲେ। ପ୍ରଭୁ ସ୍ମିତହାସ୍ୟ ଭରା ମୁହଁରେ ତାଙ୍କୁ କୋଳେଇ ନେବାକୁ ହାତ ବଢ଼ାଇ ଦେଲେ।

**ସୌର ଚନ୍ଦ୍ର ମହାପାତ୍ର,** କଟକ

# ମାଗଣା ଯୋଜନା ଓ ସୁପ୍ରିମକୋର୍ଟ



**ଧ୍ୱନିପ୍ରତିଧ୍ୱନି**

**ଭର୍ତ୍ତୃହରି ମହତାବ**

ବିଭିନ୍ନ ରାଜ୍ୟମାନଙ୍କରେ ରାଜନୈତିକ ଦଳମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ମାଗଣା ଯୋଜନା ସବୁ ସଂପର୍କରେ ସୁପ୍ରିମକୋର୍ଟ କଠୋର ଭାଷାରେ ସମାଲୋଚନା କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଅତି ସ୍ପଷ୍ଟ ଭାବେ କହିଛନ୍ତି ଯେ ଏପ୍ରକାର ଯୋଜନା ସବୁ ଯୋଗୁଁ ବିକାଶ ବାଧିତ ହେଉଛି; ତେଣୁ ଏପ୍ରକାର ନୀତିର ପୁନର୍ବିଚାର ହେବା ଦରକାର । ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ତାମିଲନାଡ଼ୁର ଏକ ମାମଲା ସହିତ ଜଡ଼ିତ । ମାମଲା ହେଉଛି ତାମିଲନାଡ଼ୁ ସରକାର ସେ ରାଜ୍ୟରେ ମାଗଣା ବିଦ୍ୟୁତ ଶକ୍ତି ଦେବାକୁ ଚାହାନ୍ତି । ଏବେ ସେଠାରେ ପ୍ରତିମାସ ୧୦୦ ୟୁନିଟ ବିଦ୍ୟୁତ୍ ଶକ୍ତି ମାଗଣା ପ୍ରଦାନ କରାଯାଉଛି ଓ ନୂଆ ଯୋଜନା ଯଦି ଲାଗୁ କରାଯାଏ, ତେବେ ରାଜ୍ୟ ପୂର୍ଣ୍ଣମାତ୍ରାରେ ମାଗଣା ବିଦ୍ୟୁତ୍ ଯୋଗାଇବାକୁ ଲାଗିବ । ଗରିବଙ୍କୁ ମାଗଣା ବିଦ୍ୟୁତ ଯୋଗାଯିବା କଥା ବୁଝିହେଉଛି, କିନ୍ତୁ ସକ୍ଷମ ଲୋକଙ୍କୁ ମଧ୍ୟ ମାଗଣା ବିଦ୍ୟୁତ୍ ଦେବାର ଉଦ୍ଦେଶ୍ୟ କ'ଣ ? ସୁପ୍ରିମକୋର୍ଟ ଏହି ବ୍ୟାପାର ସହିତ ମାଗଣା ଯୋଜନାସବୁକୁ ବିରୋଧ କରି କହିଛନ୍ତି ଏପ୍ରକାର ଯୋଜନାସବୁ ଜରିଆରେ ସଂସାଧନ ବାଣ୍ଟିବା ଅପେକ୍ଷା, ସରକାର ସବୁକୁ ଏପରି ସୁନିୟୋଜିତ ନୀତି ଲାଗୁ କରିବା ଦରକାର, ଯାହା ଲୋକଙ୍କ ଜୀବନସ୍ତରକୁ ଭଲ କରିବା କରିପାରିବ, ବେକାରୀ-ବେରୋଜଗାରୀ ଦୂର ହେବ । ନ୍ୟାୟାଳୟର ଏ କଠୋର ମନ୍ତବ୍ୟ ଯୁକ୍ତିଯୁକ୍ତ, ଯଦି ପ୍ରତ୍ୟେକ ଜିନିଷ ମାଗଣାରେ ମିଳିବ, ତେବେ କାମ କରିବାକୁ କିଏ ଚାହିଁବ ? କର୍ମ ସଂସ୍କୃତି ଏହା ଫଳରେ ଲୋପ ପାଇଯିବ ନାହିଁକି ?

ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ତଥା ଜଷ୍ଟିସ ବିପୁଲ ଏମ୍ ପଞ୍ଚୋଲୀଙ୍କ ବିଶ୍ଳେଷଣ ପ୍ରଶଂସନୀୟ । ସେମାନେ କହିଛନ୍ତି ଦେଶର ଅଧିକାଂଶ ରାଜ୍ୟ ରାଜସ୍ୱ ନିଅଣ୍ଟ ଭିତରେ ଗତି କରୁଛନ୍ତି, ତଥାପି ସେମାନେ ବିକାଶ ପ୍ରତି ଅଣଦେଖା କରି ଏପରି ମାଗଣା ଯୋଜନା ସବୁ ଲାଗୁ କରୁଛନ୍ତି । ପ୍ରଶ୍ନ ହେଉଛି ସରକାର ଠିକ୍ ବୈଠକ ପୂର୍ବରୁ ମାଗଣା ଯୋଜନା ସବୁ ଘୋଷଣା କରୁଛନ୍ତି କାହିଁକି ? ମାଗଣା ଯୋଜନା ନ କରି ସରକାରଙ୍କୁ ବିକାଶ ଉପରେ ନିଜର ବ୍ୟୟ ବଢ଼ାଇବା ଦରକାର । ଯଦି ସମାଜରେ ମାଗଣାଖିଆଙ୍କ ସଂଖ୍ୟା ବଢ଼େ, ତେବେ କାମ କରିବ କିଏ ? ଯଦି ସରକାରଙ୍କ ପାଖକୁ ରାଜସ୍ୱ ଆସିବ ନାହିଁ, ତେବେ ଗରିବଙ୍କୁ ସହାୟତା କିପରି କରାଯିବ, ଦେଶର ବିକାଶ କିପରି ହେବ ? ତେବେ, ଆଜିର ରାଜନୀତିର ଏକ ସ୍ଥିରୀକୃତ ବ୍ୟବସ୍ଥା ଏହି ଯେ ପ୍ରତ୍ୟେକ ରାଜନୀତିକ ଦଳ ମାଗଣା ଯୋଜନାସବୁ ଜରିଆରେ କ୍ଷମତା ହାସଲ ଲାଗି ଉଦ୍ୟମ କରୁଛନ୍ତି । ଏକ ଦୁଃଖଦ ରାଜନୀତିକ ଧାରଣା ହେଉଛି ବିକାଶ ଦ୍ୱାରା ଭୋଟ ମିଳେ ନାହିଁ, ଅସଂଖ୍ୟ ଭୋଟର ନିଜର ତାତ୍କାଳିକ ଲାଭ / ଫାଇଦା ହିଁ ଦେଖିଥାଆନ୍ତି । ତେଣୁ ରାଜନୈତିକ ଦଳମାନେ ତାତ୍କାଳିକ ଫାଇଦା ପାଇଁ ନିର୍ଣ୍ଣୟ ନେଉଛନ୍ତି ।

ଅବଶ୍ୟ ଭାରତରେ ପ୍ରଥମଥର ଲାଗି ଯେ ମାଗଣା ଯୋଜନାକୁ ନେଇ ଆପତ୍ତି ଉଠାଯାଇଛି । ଅନେକ ନେତା ଏ ପ୍ରକାର ମାଗଣା ଯୋଜନାକୁ ସମାଲୋଚନା କରିଛନ୍ତି । କିନ୍ତୁ ଏପରି ବହୁ ନେତା ମଧ୍ୟ ଅଛନ୍ତି, ଯେଉଁମାନେ ଏପ୍ରକାର ଯୋଜନା ସପକ୍ଷରେ ଅଛନ୍ତି । ଡିଏମକେ ନେତା ଦୟାନିଧି ମାରଣ କହୁଛନ୍ତି ଏ ଯୋଜନା ସବୁ ଖୈରାତ ନୁହେଁ, ସଶକ୍ତିକରଣର ପ୍ରୟାସ । ନ୍ୟାୟାଳୟ ମଧ୍ୟ ଏକ ସୀମାଯାଏ ଏହାକୁ ମାନିଛନ୍ତି । କୋର୍ଟର ଆପତ୍ତି କେବଳ ରହିଛି ମାଗଣାର ଲାଭ ସକ୍ଷମ ଲୋକଙ୍କୁ କାହିଁକି ମିଳୁଛି ? ନ୍ୟାୟାଳୟର ତର୍କ ଠିକ୍, କିନ୍ତୁ ଆଗକୁ ବାଟ କ'ଣ ? କ'ଣ ନ୍ୟାୟାଳୟ ଏପରି କୌଣସି ଆଦେଶ-ନିର୍ଦ୍ଦେଶ ଜାରି କରିପାରିବ, ଯାହା ଫଳରେ ମାଗଣା ଯୋଜନାର ସୀମା ସ୍ଥିର କରାଯାଇ ପାରିବ ? କ'ଣ ନ୍ୟାୟାଳୟ ନିର୍ବାଚନ ପୂର୍ବରୁ କୌଣସି ରାଜନୈତିକ ପାର୍ଟିକୁ ମାଗଣା ଯୋଜନା ଆଦିର ଘୋଷଣା କ୍ରିୟାନ୍ୱୟନକୁ ରୋକିପାରିବ ?

ଏବେ କେବଳ ଆଶା କରାଯାଇପାରେ, ଏପରି ଏକ ଦିନ ଆସିବ, ଯେବେ ମାଗଣା ଯୋଜନା ସବୁର ଦୁରୁପଯୋଗ ରୋକିଦିଆଯିବ । □□

# ଖାଲଖମା ମରଣଯନ୍ତା

**ସୌଭାଗ୍ୟ ରଂଜନ ମହାନ୍ତି**

ଆମ ଦେଶରେ ସଡକ ପଥ ମରଣଯନ୍ତା ପାଲଟିଥିବା ନେଇ ବୋଧହୁଏ କେହି ଅସହମତି ପ୍ରକାଶ କରିନପାରନ୍ତି। ଦେଶରେ ସଡକ ପଥରେ ଦ୍ରୁତ ପରିଚାଳନା, ଟ୍ରାଫିକ ନିୟମ ଉଂଲଘନ, ମଦ୍ୟପାନ କରି ଗାଡିଚାଳନା ଏବଂ ସର୍ବୋପରି ତ୍ରୁଟିପୂର୍ଣ୍ଣ ସଡକ ନିର୍ମାଣ ଯୋଗୁଁ ଦିନକୁ ଦିନ ସଡକ ପଥରେ ଦୁର୍ଘଟଣା ଯୋଗୁଁ ବଢି ଚାଲିଛି। ଦେଶରେ ଯାନବାହାନ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିବାବେଳେ ସଡକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାନ ବାହାନ ଚଳାଚଳ ପାଇଁ ସଡକଗୁଡିକୁ ପ୍ରଶସ୍ତ ତଥା ଦୁଇ, ତିନି କିମ୍ବା ଚାରି ଥକିଆ କରାଯାଉଛି। ଏହା ସତ୍ତ୍ୱେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବା ନାଁ ଧରୁନାହିଁ। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ପ୍ରତି ମିନିଟରେ ସଡକ ଦୁର୍ଘଟଣାରେ ୪୫ଜଣଙ୍କର ମୃତ୍ୟୁ ଘଟୁଥିବା କୁହାଯାଇଥିବାବେଳେ ଆହତଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ, କହିବା ବାହୁଲ୍ୟ ଯେ, ଦେଶରେ ସଡକ ଦୁର୍ଘଟଣା ବୃଦ୍ଧି ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଦୁର୍ଘଟଣା ଓ ମୃତାମତ ସଂଖ୍ୟା ହ୍ରାସ ନେଇ ତଦାରଖ କମିଟିମାନ ଗଠନ କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ସଡକ ଦୁର୍ଘଟଣା ଜନିତ ମୃତାହତ, କ୍ଷୟକ୍ଷତି ହ୍ରାସ ପାଉନାହିଁ। କୁହାଯାଇଛି ଯେ, ଦେଶରେ ସଡକ ଦୁର୍ଘଟଣା ଜନିତ ବାର୍ଷିକ ମୃତାହତ ସଂଖ୍ୟା ସାମୁଦ୍ରିକ ବାତ୍ୟା, ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁ ସଂଖ୍ୟା ଠାରୁ ଅଧିକ। ବିଭିନ୍ନ କାରଣରୁ ଦେଶରେ ସଡକ ଦୁର୍ଘଟଣା ଘଟଣାମାନ ବୃଦ୍ଧି ପାଉଥିବାବେଳେ ଏବେ ଏଥିରେ ସଡକ ପଥରେ ଖାଲଖମା ଜନିତ ଦୁର୍ଘଟଣା ଯୋଡି ହୋଇଯାଇଛି। ଦେଶରେ ରାସ୍ତାଘାଟ ତଥା ଜାତୀୟ ଓ ରାଜ୍ୟପଥଗୁଡିକରେ ଖାଲଖମାର ଦୃଶ୍ୟ କୌଣସି ଗୁଣରେ ଚନ୍ଦ୍ରପୃଷ୍ଠରୁ ଦୃଶ୍ୟ ଠାରୁ କମ୍ ନୁହେଁ। ଯାହାକି ଅତ୍ୟନ୍ତ ଲଜ୍ୟାଜନକ ବୋଲି କୁହାଯାଇପାରେ।

ପାର୍ଲିଆମେଂଟରେ ସରକାର ଉପସ୍ଥାପିତ କରିଥିବା ରିପୋର୍ଟ ଦର୍ଶାଉଛି ଯେ, ଦେଶରେ ରାସ୍ତାଗୁଡିକରେ ଖାଲଖମା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ଖାଲଖମା ସମ୍ପର୍କିତ ମୃତ୍ୟୁ ସଂଖ୍ୟା ୨୦୨୦ ମସିହାରେ ୧୫୫୫ଥିବା ବେଳେ୨୦୨୪ରେ ୨୩୮.୫ ବୃଦ୍ଧି ପାଇଛି। ଯାହାକି ପାଂଚ ବର୍ଷ ମଧ୍ୟରେ ଖାଲଖମାଜନିତ ମୃତ୍ୟୁସଂଖ୍ୟା ୫୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବା ପ୍ରଦର୍ଶିତ କରେ। ସେହିପରି ୨୦୨୦ରୁ ୨୦୨୪ ମଧ୍ୟରେ ଖାଲଖମାରେ ୯୪୩୮ ଜୀବନ ଯାଇଥିବା ବେଳେ ୧,୯୫୬ ଆହତ ଏବଂ ୯୬୭୦ ଜଣ ଗୁରୁତର ଭାବେ ଆହତ ହୋଇଥିବା ସରକାରୀ ରିପୋର୍ଟ କହେ। ରାଜ୍ୟମାନଙ୍କ ମଧ୍ୟରେ ଉତରପ୍ରଦେଶରେ ଏହି ଅବଧି ମଧ୍ୟରେ ସର୍ବାଧିକ ୫୧୨୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କେବଳ ୨୦୨୪ରେ ୧୩୬୯ ଜଣଙ୍କ ଜୀବନ ଯାଇଛି। ଯାହାକି ଜାତୀୟ ମୃତ୍ୟୁ ସଂଖ୍ୟାର ଅର୍ଦ୍ଧେକରୁ ଅଧିକ। ଉତରପ୍ରଦେଶରେ ସଡକଗୁଡିକ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡିକ ୨୦୨୪ ଅକ୍ଟୋବର ମାସ ସୁଦ୍ଧା ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ୨୦୨୫ ସେପ୍ଟେମ୍ବରର ସୁଦ୍ଧା ଅର୍ଥାତ ବର୍ଷକ ମଧ୍ୟରେ ମାତ୍ର ୨୧.୬୭ ପ୍ରତିଶତ କାର୍ଯ୍ୟ ହୋଇଥିବା ଜଣାଯାଏ। ସେହିପରି ଦେଶରେ ମୁଖ୍ୟତଃ ପାଂଚଟି ରାଜ୍ୟ ଉତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଓ ପଂଜାବରେ କେବଳ ସଡକ ଖାଲଖମାଜନିତ ମୃତ୍ୟୁ ୮୦ ପ୍ରତିଶତରୁ ଅଧିକ। ଆମ ରାଜ୍ୟରେ ମଧ୍ୟ ସଡକରେ ଖାଲଖମାଜନିତ ମୃତାହତ ଘଟଣା କିଛି କମ୍ ନୁହେଁ। ଖୋଦ୍ ରାଜଧାନୀ ଭୁବନେଶ୍ୱରର ଏକ ଜନଗହଳି ପୂର୍ଣ୍ଣ ଜାତୀୟ ପଥରେ ସଡକ ଗର୍ତ୍ତରେ ପଡି ଜଣେ ଡାକ୍ତରଙ୍କ ଜୀବନ ଯିବା ଘଟଣା ତୀବ୍ର ପ୍ରତିକ୍ରିୟା ଉତ୍ପନ୍ନ କରିଥିବା ରାଜ୍ୟରେ ରାସ୍ତାଗୁଡିକର ସ୍ଥିତିକୁ ଲକ୍ଷ୍ୟ କଲେ, ତାହା ଚନ୍ଦ୍ର ପୃଷ୍ଠର ଦୃଶ୍ୟ ଠାରୁ କମ୍ ନୁହେଁ। ସଡକ ଖାଲଖମାରେ ମୃତ୍ୟୁ କର୍ତ୍ତୃପକ୍ଷଙ୍କର ବ୍ୟବସ୍ଥାଗତ ଅବହେଳାର ପ୍ରତିଫଳନ ବୋଲି କୁହାଯାଇପାରେ। ନିମ୍ନମାନର କାର୍ଯ୍ୟ, ନିକୃଷ୍ଟ ଉପକରଣ, ଏବଂ ବିଳମ୍ବିତ ମରାମତି ରାସ୍ତା ବା ସଡକରେ ଖାଲଖମା ସୃଷ୍ଟି ହେବାର ମୁଖ୍ୟ କାରଣ। ସଡକ ମରାମତି ପାଇଁ ସର୍ବାଧିକ ବ୍ୟୟ ବରାଦ ହୋଇଥିଲେ ମଧ୍ୟ ଯନ୍ତ୍ରୀ-ଠିକାଦାର ରାଜନେତାଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହୁଏ। ଆହୁରି ମଧ୍ୟ ଦେଶରେ ନୂତନ ଜାତୀୟ ରାଜପଥ ନିର୍ମାଣ ପାଇଁ ଏବେ ସର୍ବାଧିକ ଗୁରୁତ୍ୱ କେନ୍ଦ୍ର ସରକାର ଦେଉଥିବାବେଳେ ବଜେଟ ବ୍ୟୟ ବରାଦ ମଧ୍ୟ ବଢିବାରେ ଲାଗିଛି। ଚଳିତ କେନ୍ଦ୍ରୀୟ ବଜେଟରେ ରାଜପଥ ନିର୍ମାଣ ଓ ବିକାଶ ପାଇଁ ୨.୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ମରାମତି ତଥା ରକ୍ଷଣାବେକ୍ଷଣ ପାଇଁ ଶହଶହ କୋଟି ଟଙ୍କା ବ୍ୟୟ ହୋଇଥିବା ସରକାରୀ ରିପୋର୍ଟ କହେ। ବୈଶ୍ୱିକ କ୍ଷେତ୍ରରେ ସଡକର ରକ୍ଷଣାବେକ୍ଷଣ କ୍ଷେତ୍ରରେ ଜର୍ମାନ ବିଶ୍ୱରେ ତାଲିକାର ଶୀର୍ଷରେ ଥିବାବେଳେ ଖାଲଖମା ମୃତ୍ୟୁ ପାଇଁ କର୍ତ୍ତୃପକ୍ଷଙ୍କୁ ଉତରଦାୟୀ କରାଯାଇଥାଏ। ଭାରତରେ ଏଭଳି ଏକ ବ୍ୟବସ୍ଥାର ଆବଶ୍ୟକତା ରହିଛି। ରାସ୍ତା ରକ୍ଷଣାବେକ୍ଷଣରେ ଅବହେଳା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଉତରଦାୟୀ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଏଥିଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରିବା ଜରୁରୀ। ଯାହାକି ଜୀବନ ରକ୍ଷାକାରୀ ହେବା ସହ ରାସ୍ତାର ଦୀର୍ଘ ସ୍ଥାୟିତ୍ୱ ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇ ପାରିବ।

ଭୁବନେଶ୍ୱର

ମୋ:୯୪୩୭୯୯୪୩୭୯

## ସଂପାଦକଙ୍କୁ ପତ୍ର

### ପ୍ରାଥମିକଶିକ୍ଷାକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ପାଠପଢାରୁ ଯାହା ଗ୍ରହଣ କରାଯାଏ ତାହାକୁ ଶିକ୍ଷା କୁହାଯାଏ ଓ ଶିକ୍ଷାର ଉଚିତ ପ୍ରୟୋଗ ହେଲେ ତାହା ଜ୍ଞାନରେ ରୂପାନ୍ତରିତ ହୋଇଥାଏ । ତେଣୁ ଜ୍ଞାନ, ଶିକ୍ଷାର ପ୍ରଥମ ସୋପାନ ହେଉଛି ପାଠ ପଢିବା ଯାହା ପ୍ରଥମେ ପ୍ରାଥମିକ ସ୍ଥିତିରୁ ଆରମ୍ଭ ହୋଇଥାଏ । ପାଠ ପଢିବାର ବିଭିନ୍ନ କ୍ରମ ଆମକୁ କଠିନ ପରିଶ୍ରମର ମହତ୍ତ୍ୱ ଶିକ୍ଷା ଦେଇଥାଏ ଓ ସେହି ସମୟରେ ଆମକୁ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ । ତେଣୁ, ଅଧିକାର, ନିୟମ, ଏବଂ ନିୟମାବଳୀକୁ ଜାଣିବା ଏବଂ ସମ୍ମାନ ଦେଇ ବଞ୍ଚିବା ପାଇଁ ଆମେ ଏକ ଉନ୍ନତ ସମାଜ ଗଠନ କରିବାରେ ସକ୍ଷମ ହେବା ପାଇଁ ଦରକାର ପାଠ ପଢିବା । ପ୍ରାଥମିକ ଶିକ୍ଷା ଅର୍ଥ ହେଉଛି ଚତୁର୍ଦ୍ଦଶ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷା । ଏହା ହେଉଛି ମଣିଷର ମୌଳିକ ଆବଶ୍ୟକତା ଏବଂ ଆଧୁନିକ ସମାଜ ତଥା ଗଣତାନ୍ତ୍ରିକ ସରକାରର ମୂଳଦୁଆ । ବିଜ୍ଞାନ ଏବଂ ବାଣିଜ୍ୟର ଆଧୁନିକ ଦୁନିଆ ଦାବି କରେ ଯେ ପ୍ରତ୍ୟେକ ନାଗରିକ ଚତୁର୍ଦ୍ଦିଗରେ କ'ଣ ଘଟୁଛି ସେଥିରେ ଏକ ବୁଦ୍ଧିମାନ ଏବଂ ସୂଚନାପ୍ରାପ୍ତ ଆଗ୍ରହ ନେବା ଉଚିତ୍ ଯାହା ପାଠ ପଢାରୁ ସୃଷ୍ଟି ହୋଇଥାଏ । ଶିଶୁମାନେ ପ୍ରାୟତଃ ଶିଖିବା ମାତ୍ରେ ଭୁଲିଯାନ୍ତି । ତେଣୁ ଉକ୍ତ ପାଠର ଶିକ୍ଷଣୀୟ କ୍ରମକୁ ପରୀକ୍ଷା ଦ୍ୱାରା ପରିମାର୍ଜିତ କରି ଜ୍ଞାନର ମାନଦଣ୍ଡରେ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । ଯିଏ ଯେତେ ଭଲ ଭାବରେ ପାଠ ପଢିଥାଏ ସେ ସେତେ ପରିମାଣରେ ଜ୍ଞାନର ମୂଲ୍ୟାଙ୍କନର ପ୍ରମାଣପତ୍ର ହାସଲ କରିଥାଏ, ଯାହା ଭବିଷ୍ୟତରେ ଉତ୍ତରୋତ୍ତର ବୃଦ୍ଧି ହୋଇ ଜ୍ଞାନର ଉତ୍କର୍ଷରେ ପଦାର୍ପଣ କରିଥାଏ । ପ୍ରାଥମିକ ଶିକ୍ଷାରେ ପଢିବା, ଲେଖିବା ଓ ଗାଣିତିକ ଜ୍ଞାନକୁ ଗୁରୁତ୍ୱ ଦେବା ଉଚିତ । ସାମାଜିକ ଭାବରେ ପ୍ରଭାବଶାଳୀ ହେବା ପାଇଁ, ଜଣେ ବ୍ୟକ୍ତି ପଢିବା, ଲେଖିବା, ଜାଣିବା ଆବଶ୍ୟକ ଓ ତାହା କେବଳ ପାଠ ପଢିଥିଲେ ସହଜରେ ଉପଲବ୍ଧ ହୋଇପାରେ ଯାହାକୁ ଆମେ ଶିକ୍ଷିତ ବା ଜ୍ଞାନୀ ବୋଲି ସମ୍ମାନ କରୁ । ଆମ ଦେଶରେ ପ୍ରାଥମିକ ଶିକ୍ଷା ପ୍ରତି ବର୍ତ୍ତମାନର ମନୋଭାବ ଏବଂ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ଆବଶ୍ୟକ । ପ୍ରାଥମିକ ଶିକ୍ଷାକୁ ଏକ ମୌଳିକ ଅଧିକାର କରିବା ପାଇଁ ନିକଟରେ ଆଇନ ପ୍ରଣୟନ କରାଯାଇଛି । ପାଞ୍ଚରୁ ଚଉଦ ବର୍ଷ ବୟସର ସମସ୍ତ ବାଳକ ଓ ବାଳିକାଙ୍କୁ ସାକ୍ଷର ତଥା ଶିକ୍ଷିତ କରିବାର ସମସ୍ୟା ତଥା ଆର୍ଥିକ ସମସ୍ୟାକୁ ଦୂର କରିବା ନିତାନ୍ତ ଜରୁରୀ ।

ପ୍ରତାପ ଚନ୍ଦ୍ର ନାୟକ, କଟକ

### ହମ୍ପସଗୁଡ଼ିକରେ ରଙ୍ଗ ଦିଆଯାଉ

ଆମ ରାଜ୍ୟ ଓଡ଼ିଶାରେ ଥିବା ବିଭିନ୍ନ ଜାତୀୟ ଏବଂ ରାଜ୍ୟ ରାଜପଥ ତଥା ଜିଲ୍ଲା ମୁଖ୍ୟ ରାସ୍ତା ମାନଙ୍କରେ ଯାନ ବାହାନ ଗୁଡ଼ିକର ଗତି କୁ ନିୟନ୍ତ୍ରଣ କରିବା ପାଇଁ ଅନେକ ସ୍ଥାନରେ ଉଭୟ ଆଇନସିଦ୍ଧ ଏବଂ ବେଆଇନ ହମ୍ପସ ରହିଛି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଅନେକ ହମ୍ପସ ଗୁଡ଼ିକୁ ଅଦ୍ୟାବଧି ରଙ୍ଗ ଦିଆ ଯାଇ ନାହିଁ କିମ୍ବା ଏଗୁଡ଼ିକରୁ ରଙ୍ଗ ଉଠିଗଲାଣି। ବିଶେଷ ଭାବେ ଦେଖିବାକୁ ଗଲେ ଖୋର୍ଦ୍ଧା ରୁ ନୟାଗଡ଼ ଯାଇଥିବା ରାସ୍ତାରେ ଥିବା ଅନେକ ହମ୍ପସରେ ବର୍ତ୍ତମାନ ରଙ୍ଗ ନଥିବାରୁ ଏହି ସମସ୍ୟା ବହୁଗୁଣିତ ହେବାରେ ଲାଗିଛି। ଏଥିପାଇଁ ଉପଯୁକ୍ତ କର୍ତ୍ତୃପକ୍ଷ ସମୟୋପଚିତ ପଦକ୍ଷେପ ନେବାକୁ ଅନୁରୋଧ।

ଡ଼ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ

# ଆଇନଗତ ସଂଘର୍ଷ

**ସୌମ୍ୟ ରଞ୍ଜନ ଦାଶ**

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ରାସ୍ତାରେ ବୁଲୁଥିବା କୁକୁରଙ୍କ ସମ୍ପର୍କରେ ପ୍ରଦାନ କରିଥିବା ବିଭିନ୍ନ ରାୟ ଆଜି ଦେଶରେ ଏକ ବଡ଼ ଆଇନଗତ ଓ ସାମାଜିକ ବିତର୍କର ସୂତ୍ରପାତ କରିଛି । କୋର୍ଟଙ୍କ ନିର୍ଦ୍ଦେଶାବଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ନ୍ୟାୟାଳୟ ପଶୁ କଲ୍ୟାଣ ଅପେକ୍ଷା ମାନବିକ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦେବା ଆରମ୍ଭ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତ୍ୟେକ ନାଗରିକଙ୍କର 'ଜୀବନ ରକ୍ଷା ଅଧିକାର' ସର୍ବୋପରି ଏବଂ ଏହି ଅଧିକାର ପଶୁମାନଙ୍କ ପ୍ରତି ଥିବା ଦୟାଭାବ ଠାରୁ ଊର୍ଦ୍ଧ୍ୱରେ। ବିଶେଷ କରି 'ଦିଲ୍ଲୀ ଷ୍ଟ୍ରିଟ୍ ଡଗ୍ସ' ମାମଲାରେ କୋର୍ଟ କହିଥିଲେ ଯେ ରାସ୍ତାରେ କୁକୁରଙ୍କୁ ଖାଦ୍ୟ ଦେବାର ଅଧିକାର ଏକ ମୌଳିକ ଅଧିକାର ନୁହେଁ। ଏହା ସର୍ବସାଧାରଣଙ୍କ ସୁବିଧା ଓ ନିରାପତ୍ତା ଅନୁସାରେ ନିୟନ୍ତ୍ରିତ ହେବା ଉଚିତ। ସେହିପରି ୨୦୨୨ର ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ କୋର୍ଟ କହିଥିଲେ ଯେ, ଯଦି କୌଣସି କୁକୁର ଅତ୍ୟଧିକ ହିଂସ୍ର କିମ୍ବା ବାରମ୍ବାର କାମୁଡୁଥାଏ, ତେବେ ତାହାକୁ ରାସ୍ତାରେ ରଖିବା ପରିବର୍ତ୍ତେ 'ସେଲ୍ଟର ହୋମ'କୁ ପଠାଯାଇପାରିବ। ଶିଶୁମାନଙ୍କ ସୁରକ୍ଷା କ୍ଷେତ୍ରରେ କୋର୍ଟଙ୍କ ଆଭିମୁଖ୍ୟ ଅତ୍ୟନ୍ତ କଠୋର; ନ୍ୟାୟାଳୟଙ୍କ ମତରେ କରୁଣା ନାମରେ ସମାଜରେ ଅରାଜକତା ସୃଷ୍ଟି କରାଯାଇପାରିବ ନାହିଁ ଏବଂ ଯଦି କୌଣସି ସ୍ଥାନୀୟ ପ୍ରଶାସନ ବୁଲା କୁକୁରଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହୁଏ, ତେବେ ରାଜ୍ୟ ସରକାର ଏଥିପାଇଁ ସିଧାସଳଖ ଦାୟୀ ରହିବେ। ଆଜି ବାସ୍ତବରେ ଦେଖିଲେ, ବୁଲା କୁକୁରଙ୍କ ସମସ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଏହା କେବଳ ଏକ ସାଧାରଣ ସମସ୍ୟା ହୋଇ ରହିନାହିଁ, ବରଂ ପ୍ରତିଦିନ ଶହ ଶହ ଲୋକଙ୍କ ଜୀବନ ସହ ଖେଳୁଛି। ରାସ୍ତାରେ କୁକୁରମାନେ ଗୋଷ୍ଠୀବଦ୍ଧ ହୋଇ ରହିବା ଫଳରେ ଯାତାୟାତରେ ପ୍ରବଳ ବାଧା ସୃଷ୍ଟି ହେଉଛି। ପ୍ରତିଦିନ ସମଗ୍ର ଦେଶରେ ହଜାର ହଜାର କୁକୁର ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି, କିନ୍ତୁ ଏହାର ଅନ୍ୟ ପାର୍ଶ୍ୱଟି ଅତି ଭୟଙ୍କର। ହଠାତ୍ କୁକୁରଟିଏ ଗାଡ଼ି ସାମ୍ନାକୁ ଦୌଡ଼ି ଆସିବା ଫଳରେ ଗାଡ଼ି ଚାଳକ ଭାରସାମ୍ୟ ହରାଇ ବଡ଼ ଧରଣର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବାଇକ୍ ଏବଂ ସ୍କୁଟି ଚାଳକମାନେ ଏହାର ମୁଖ୍ୟ ଶିକାର। କୌଣସି କାରଣ ନଥାଇ କୁକୁରମାନେ ଗାଡ଼ି ପଛରେ ଭୋକିକି ଗୋଡ଼ାଇବା ଫଳରେ ଚାଳକଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହେଉଛି, ଯାହାଦ୍ୱାରା ସେମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏଭଳି ଘଟଣାରେ ଅନେକ ବାଇକ୍ ଚାଳକ ଗୁରୁତର ଆହତ ହୋଇ ପଙ୍ଗୁ ହେବା କିମ୍ବା ପ୍ରାଣ ହରାଇବା ଭଳି ନଜିର ପ୍ରତିଦିନ ସାମ୍ନାକୁ ଆସୁଛି। ଗୁଜରାଟ ଏବଂ ହାଇଦ୍ରାବାଦ ଭଳି ସହରରେ ନିକଟରେ ଘଟିଥିବା କିଛି ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି, ଯେଉଁଠି ଦୁଇ-ତିନି ବର୍ଷର ଶିଶୁଙ୍କୁ ବୁଲା କୁକୁରଙ୍କ ଦଳ କାମୁଡ଼ି କାମୁଡ଼ି ମାରିଦେଇଥିଲେ। ଗୋଟିଏ ପରିବାର ପାଇଁ ଏହାଠାରୁ ବଡ଼ ଦୁଃଖ କିଛି ହୋଇନପାରେ। ସେହିପରି ପ୍ରାତଃ ଭ୍ରମଣରେ ଯାଉଥିବା ବ୍ୟକ୍ତିମାନେ ମଧ୍ୟ ଏହି ବିପଦରୁ ମୁକ୍ତ ନୁହଁନ୍ତି। ପ୍ରତିଦିନ ହସ୍ପିଟାଲଗୁଡ଼ିକରେ କୁକୁର କାମୁଡ଼ା ରୋଗୀଙ୍କ ସଂଖ୍ୟା ବଢ଼ିଚାଲିବା ଦର୍ଶାଉଛି ଯେ ଆମର ବ୍ୟବସ୍ଥା କେତେ ଶୋଚନୀୟ। ରାତି ସମୟରେ କାମ ସାରି ଫେରୁଥିବା ବ୍ୟକ୍ତି ବା ଅତି ପ୍ରତ୍ୟୁଷରୁ ଟ୍ୟୁସନ ଯାଉଥିବା ଛୋଟ ପିଲାଙ୍କ ପାଇଁ ରାସ୍ତା ଆଜି କୌଣସି ଯୁଦ୍ଧକ୍ଷେତ୍ର ଠାରୁ କମ୍ ନୁହେଁ। କୁକୁରମାନେ ଗୋଷ୍ଠୀବଦ୍ଧ ହୋଇ ରାସ୍ତା ଜବରଦଖଲ କରି ରହିବା ଏବଂ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ଦେଖିଲେ ମାରାତ୍ମକ ଭାବେ ଗୋଡ଼ାଇବା ଫଳରେ ସାଧାରଣ ମଣିଷ ନିଜ ମୌଳିକ ସ୍ୱାଧୀନତା ହରାଇବା ଭଳି ଅନୁଭବ କରୁଛି। ଏହା ଦର୍ଶାଏ ଯେ ସାଧାରଣ ଲୋକଙ୍କ ନିରାପଦରେ ଯାତାୟାତ କରିବାର ଅଧିକାର ଆଜି ଗୁରୁତର ଭାବେ ବାଧାପ୍ରାପ୍ତ। ଯେଉଁମାନେ ବୁଲା କୁକୁରଙ୍କ ସପକ୍ଷରେ ଯୁକ୍ତି ବାଢ଼ନ୍ତି, ସେମାନେ ପ୍ରାୟତଃ ସେହି ପରିବାରର ଯନ୍ତ୍ରଣା ବୁଝିପାରନ୍ତି ନାହିଁ ଯେଉଁମାନେ ନିଜର ପ୍ରିୟଜନଙ୍କୁ କୁକୁର କାମୁଡ଼ା ବା ଦୁର୍ଘଟଣାରେ ହରାଇଛନ୍ତି। ଏହି ସବୁ ସମସ୍ୟା ସତ୍ତ୍ୱେ, କୁକୁର ପ୍ରେମୀ ବା 'ଡଗ୍ ଲଭର୍ସ'ଙ୍କ ଭାବନାକୁ ମଧ୍ୟ ଅଣଦେଖା କରାଯାଇ ନପାରେ। ସେମାନଙ୍କ ପାଇଁ ଏହି ନିରୀହ ପଶୁମାନେ ପରିବାରର ସଦସ୍ୟ ଭଳି। ରାସ୍ତାରେ ଥିବା କୁକୁରମାନେ ପ୍ରତିଦିନ ଭୋକ, ରୋଗ, ଦୁର୍ଘଟଣା ଏବଂ ମଣିଷଙ୍କ ନିର୍ଯାତନାର ଶିକାର ହୁଅନ୍ତି। କୁକୁର ପ୍ରେମୀଙ୍କ ମତରେ କୁକୁରଙ୍କୁ ହତ୍ୟା କରିବା ବା ହଇରାଣ କରିବା ଏକ ଅମାନବୀୟ କାର୍ଯ୍ୟ ଏବଂ ଏହା ଆଇନଗତ ଅପରାଧ। ସେମାନଙ୍କ ଦୃଷ୍ଟିରେ କୁକୁରମାନେ ହିଂସ୍ର ହେବାର ମୂଳ କାରଣ ହେଉଛି ଖାଦ୍ୟର ଅଭାବ ଓ ନିଷ୍ଠୁର ପରିବେଶ।

ସୁପ୍ରିମକୋର୍ଟଙ୍କ ରାୟକୁ ଯଦି ଆମେ ନିରପେକ୍ଷ ଭାବେ ବିଚାର କରିବା, ତେବେ ଦେଖାଯିବ ଯେ ଏହା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ। ଏକ ସଭ୍ୟ ସମାଜରେ ମଣିଷର ନିରାପତ୍ତା ସହିତ ସାଲିସ୍ କରି ପ୍ରାଣୀ ପ୍ରେମ ଦେଖାଇବା ଏକ ପ୍ରକାର ଆବେଗିକ ଅରାଜକତା। ରାସ୍ତା ଲୋକଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ, କୁକୁରଙ୍କ ରହିବା ପାଇଁ ନୁହେଁ। ଅଦାଲତ ଯେଉଁ 'ସେଲ୍ଟର ହୋମ' ବା 'ବନ୍ଧ୍ୟାକରଣ' କଥା କହିଛନ୍ତି, ତାହାହିଁ ପ୍ରକୃତ ସମାଧାନ। ଯଦି ଜଣେ ବ୍ୟକ୍ତିଙ୍କୁ କୁକୁର କାମୁଡ଼ିବା ଫଳରେ ଜୀବନ ଯାଉଛି, ତେବେ ସେଠାରେ କେବଳ କରୁଣାର ଦୁହାଇ ଦେଇ ଚୁପ୍ ରହିବା ଅନ୍ୟାୟ। ପ୍ରଶାସନ ପାଇଁ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏକ ସାମ୍ବିଧାନିକ ଦାୟିତ୍ୱ ।ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ରାସ୍ତାରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ଏବଂ ସେମାନଙ୍କ ଦ୍ୱାରା ଘଟୁଥିବା ଦୁର୍ଘଟଣା ପାଇଁ କେବଳ ପଶୁମାନେ ନୁହେଁ, ବରଂ ପ୍ରଶାସନିକ ଶିଥିଳତା ମଧ୍ୟ ସମାନ ଭାବେ ଦାୟୀ। ସୁପ୍ରିମକୋର୍ଟ ଅନେକ ସମୟରେ କହିଛନ୍ତି ଯେ, ଯଦି ସ୍ଥାନୀୟ ପ୍ରଶାସନ ନିଜ ଦାୟିତ୍ୱ ସଠିକ୍ ଭାବେ ପାଳନ କରିବାରେ ବିଫଳ ହେଉଛନ୍ତି, ତେବେ ସେମାନେ ନାଗରିକଙ୍କ ଜୀବନ ସହ ଖେଳୁଛନ୍ତି। ବାସ୍ତବରେ, ବହୁ ପୌରସଂସ୍ଥାରେ କେବଳ କାଗଜପତ୍ରରେ 'ଆନିମଲ ବର୍ଥ କଣ୍ଟ୍ରୋଲ' କାର୍ଯ୍ୟକ୍ରମ ଚାଲିଛି, କିନ୍ତୁ କ୍ଷେତ୍ର ସ୍ତରରେ ନା ପର୍ଯ୍ୟାପ୍ତ ବନ୍ଧ୍ୟାକରଣ କେନ୍ଦ୍ର ଅଛି ନା ହିଂସ୍ର କୁକୁରଙ୍କୁ ରଖିବା ପାଇଁ ସେଲ୍ଟର ହୋମ। ଯେତେବେଳେ କୌଣସି ଅଘଟଣ ଘଟେ, ସେତେବେଳେ ପ୍ରଶାସନ କେବଳ ଆଇନର ଗୋଳମାଳିଆ ବ୍ୟାଖ୍ୟା କରି ନିଜ ଦାୟିତ୍ୱରୁ ଖସିଯାଏ। ତଥାପି, କୁକୁରମାନେ ସମାଜରେ ସମ୍ପୂର୍ଣ୍ଣ ଅଦରକାରୀ ନୁହଁନ୍ତି। ସେମାନେ ଆମ ପରିବେଶ ଓ ସାମାଜିକ ନିରାପତ୍ତାର ଏକ ଅଂଶ। ରାତିରେ ସେମାନଙ୍କର ସତର୍କ ଭୋକିବା ଅନେକ ସମୟରେ ଚୋରି ଓ ଡକାୟତି ଭଳି ଅପରାଧକୁ ରୋକିବାରେ ସାହାଯ୍ୟ କରେ। କୁକୁରମାନେ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ସ୍ନେହଶୀଳ ପ୍ରାଣୀ। ସେମାନେ କେବଳ ମଣିଷଙ୍କ ସହଚର ନୁହଁନ୍ତି, ବରଂ ପରିସ୍ଥିତିତନ୍ତ୍ର ବା ଇକୋ-ସିଷ୍ଟମରେ ମଧ୍ୟ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସେମାନେ ରାସ୍ତାଘାଟରେ ଥିବା ଛୋଟ ଛୋଟ ମୃତ ପ୍ରାଣୀ କିମ୍ବା ମୂଷା ଆଦିଙ୍କୁ ଖାଇ ରୋଗ ବ୍ୟାପିବାରୁ ରୋକନ୍ତି। ଯଦି କୁକୁରଙ୍କୁ ସମାଜରୁ ସମ୍ପୂର୍ଣ୍ଣ ବିଦାୟ କରିଦିଆଯାଏ, ତେବେ ମୂଷା ଓ ଅନ୍ୟାନ୍ୟ କ୍ଷତିକାରକ ଜୀବଙ୍କ ସଂଖ୍ୟା ବୃଦ୍ଧି ପାଇ ପରିବେଶର ସନ୍ତୁଳନ ବିଗାଡ଼ି ଦେବ।

ପରିଶେଷରେ, ଏହି ସମସ୍ୟାର ସମାଧାନ କେବଳ କୁକୁରଙ୍କୁ ମାରିଦେବାରେ ନାହିଁ କିମ୍ବା ସେମାନଙ୍କୁ ଅନିୟନ୍ତ୍ରିତ ଭାବେ ରାସ୍ତାରେ ଛାଡ଼ିଦେବାରେ ନାହିଁ। ଆବଶ୍ୟକ ହେଉଛି ଏକ ଆଧୁନିକ ଓ ବୈଜ୍ଞାନିକ ପନ୍ଥା। ରାସ୍ତାରେ କୁକୁରଙ୍କ ସଂଖ୍ୟା ଯଥେଷ୍ଟ କମ୍ ହେବା ଦରକାର, କିନ୍ତୁ ସେମାନଙ୍କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଅନୁଚିତ। ସରକାର ଓ ପୌରସଂସ୍ଥାଗୁଡ଼ିକ ପ୍ରତିଟି ୱାର୍ଡରେ ବନ୍ଧ୍ୟାକରଣ କେନ୍ଦ୍ର ଏବଂ ଆବଶ୍ୟକ ସ୍ଥଳେ ଆଧୁନିକ 'ଡଗ୍ ପାଉଣ୍ଡ' ବା ଆଶ୍ରୟସ୍ଥଳୀ ନିର୍ମାଣ କରିବା ଉଚିତ। କୁକୁର ପ୍ରେମୀମାନେ କେବଳ ରାସ୍ତାରେ ଖାଦ୍ୟ ନଫିଙ୍ଗି, ସେମାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା କିମ୍ବା ନିର୍ଦ୍ଦିଷ୍ଟ ଫିଡିଂ ଜୋନ୍‌ରେ ଖାଦ୍ୟ ଦେବା ଆବଶ୍ୟକ। ଯେଉଁ କୁକୁରମାନେ ହିଂସ୍ର, ସେମାନଙ୍କୁ ତୁରନ୍ତ ସମାଜରୁ ପୃଥକ କରି ସେଲ୍ଟର ହୋମରେ ରଖିବା ଉଚିତ। ପ୍ରଶାସନର କର୍ମତତ୍ପରତା, କୁକୁର ପ୍ରେମୀଙ୍କ ସହଯୋଗ ଏବଂ ସାଧାରଣ ନାଗରିକଙ୍କ ସଚେତନତା ମିଶିଲେ ହିଁ ଆମେ ଏକ ସୁରକ୍ଷିତ ଓ ମାନବିକ ସମାଜ ଗଠନ କରିପାରିବା। ସୁପ୍ରିମକୋର୍ଟଙ୍କ ରାୟ ଏହି ଦିଗରେ ଏକ ଶକ୍ତ ମାର୍ଗଦର୍ଶିକା ଭାବେ କାମ କରିବ।

ଯାଜପୁର

ମୋ :୮୮୯୫୯୫୨୩୧୫

## ରସସିକ୍ତ ଫାଲ୍‌ଗୁନ

ମୂଳ ହିନ୍ଦୀ ଲେଖା: ପ୍ରେମ ଆନନ୍ଦ
ଭାଷାନ୍ତର- ଡ. ସନ୍ତୋଷ କୁମାର ପଣ୍ଡା



ପରିପକ୍ୱ ଦେହର ସେହି ଆଲିଙ୍ଗନରେ,
ଯେବେ ପୁଷ୍ପିତ କୁସୁମ ଥିଲା ରସାଣିତ;
ଫାଲ୍‌ଗୁନର ସେହି ମନ୍ଥର ଅପରାହ୍ଣରେ,
ପ୍ରେମର ଏହି କ୍ରୀଡ଼ା ଥିଲା ଅତି ଉନ୍ମାଦିତ।

ସିଏ ଶୋଇଥିଲେ ମୁକ୍ତ ଏକ ଲତା ପରି,
ପୂର୍ଣ୍ଣ କଳସର ସେ ସଜଳ ମାଧୁରୀ;
ଉଛୁଳି ପଡୁଥିଲା ତରୁଣ ସେହି ଯୌବନ,
ତୃଷାର୍ତ୍ତ ପ୍ରେମିକ ପାଇଁ ସାଜି ଅମୃତ ଝରି।

ଗଭୀରତାର ସେହି ଉଷ୍ମ କୋମଳତାକୁ,
ଛୁଇଁଲା ଯେବେ ନିବିଡ଼ ଅନ୍ଧକାର;
ଜୁଆର ଆସିଲା ଭାବନାର ବନ୍ୟାରେ,
ଲିଭିଗଲା ସବୁ ନିଃସଙ୍ଗତାର ପ୍ରାଚୀର।

ଜାଗି ଉଠିଲେ ସେ, ଜାଗି ଉଠିଲେ ସେ,
ଆନନ୍ଦର ଏକ ପ୍ରଚଣ୍ଡ ଗର୍ଜନରେ;
ଯେମିତି ଶୁଷ୍କ ଧରଣୀର ବୁକୁ ଉପରେ,
ବର୍ଷାର ପ୍ରଥମ ବିନ୍ଦୁ ପଡ଼େ ସନ୍ତର୍ପଣରେ।
ଅମୃତ ପାନରେ ମତ୍ତ ସେହି ପ୍ରେମିକ,
ମଜ୍ଜିଗଲେ ଯେବେ ରସର ସାଗରେ;
ନାରୀର ସେହି ପ୍ରତିଟି ଶିହରଣ,
ଗତି ଭରିଦେଲା ମଦନର ସେହି ତାଳରେ।

ଲୟ ମିଳିଗଲା ଏବେ ସେହି ଛନ୍ଦରେ,
ଯେମିତି ସିନ୍ଧୁ କୂଳେ କୂଳେ ବାଡ଼େଇ ହୁଏ;
ଦୁଇଟି ଦେହର ସେହି ଘର୍ଷଣରେ,
ଋତୁରାଜ ବସନ୍ତ ବି ଲାଜେଇ ଯାଏ।

ନା ଅଛି କୌଣସି ଲଜ୍ଜା, ନା ଅଛି ସଂକୋଚ,
ଶୁଦ୍ଧ ଆନନ୍ଦର ଏହା ଅଥଳ ସାଗର;
ମଧ୍ୟ-ବୟସର ସେହି ଅନୁଭୂତିରେ,
ଲୁଚିଥିବା ସେ ପ୍ରେମଥିଲା ପୂର୍ଣ୍ଣ କଳସର।

ଉଭୟ ବୁଡ଼ିଲେ, ଉଭୟ ଭିଜିଲେ,
ଫାଲ୍‌ଗୁନି ମଳୟର ଏହି ଆବେଗରେ;
ମିଶିଗଲେ ପରସ୍ପରର ଅସ୍ତିତ୍ୱରେ,
ଏହି ରସ-ସିକ୍ତ ପ୍ରେମର ଅନୁରାଗରେ। ■

କଟକ
ମୋ-୮୨୪୯୦୨୧୪୨୪

## ଆତ୍ମ ସମର୍ପଣ

ସୁଧାକର ରାଉତ



ଭଲ ଲାଗେ ଦେଖିବାକୁ
ଦର୍ପଣରେ ନିଜର ଚେହେରା
ମନଟା ଅବିଳମ୍ବେ ହୁଏ ଆତ୍ମହରା
ଭାରି ଇଚ୍ଛାହୁଏ ସେହି ଭଳି
ତା ପ୍ରତିବିମ୍ବରେ ଲଭିବାକୁ ଆତ୍ମସନ୍ତୋଷ।

ଅଦ୍ଭୁତ ସେ ଭାବନା
ଉଭଟ ସେ କ୍ଷଣିକ ଚିନ୍ତା ଓ ଚେତନା
କୁଟାଖିଏ ଆଶ୍ରିତ ଜୀବନ
ଭାଙ୍ଗେ ଗଢ଼େ ତା ଇଚ୍ଛାରେ ସପନ।

ମାତ୍ର କେତେ ଦିନ
ଦର୍ପଣ ଟା ପଡ଼ିଲା ଧୂସର
ମୁହଁରେ ଆଙ୍କିଲା ସମୟ
ସରୁସରୁ ବକ୍ରରେଖା ଧାର।

ଲୁଚାଇବାର ସମ୍ପୂର୍ଣ୍ଣ ଅପଚେଷ୍ଟା
ବ୍ୟର୍ଥ ହୋଇ ଦୁଇ ହାତ ଟେକି ଦେଲା ତାର।

କାହା ପ୍ରରୋଚନାରେ ଚାଲିବି କଣ୍ଟାରେ
ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଖୋଜିବି ନିଜକୁ
ପରଖିବି ସ୍ୱର୍ଗ ଓ ନର୍କଗାମୀ ରାସ୍ତା
ଆଉ କରିବି ଆତ୍ମସମୀକ୍ଷା।

ଦର୍ପଣ ଟା'ତ ସାଜିଥିଲା ସତର୍କ ପ୍ରହରୀ
ସୂଚାଉ ଥିଲା ସମୟ ପାଶେ
କରିବାକୁ ଆତ୍ମସମର୍ପଣ
କିଏ ବା କାହିଁକି କରିବ ଖାତିର
ଆଉ ଏବେ...
ତାକୁ ଦେଖିଲେ ଭୟେ ହୁଏ ଜଡ଼ାଇ
ଲୋଚା କୋଚା ଚର୍ମରେ
ସମୟର ଅପୂରଣୀୟ ଗାତ
ଏଇ ତ ଅଳିକ ଜୀବନର ପ୍ରକୃଷ୍ଟ ପ୍ରମାଣ। ■

ପ୍ରତାପନଗରୀ, କଟକ
ମୋ-୮୨୪୯୯୩୨୭୯୨

## କ୍ଷୁଦ୍ର ଗଳ୍ପ

# ଦାୟାଦ

ସୁଦର୍ଶନ ମହାପାତ୍ର

ଶୋଭନ ଭୁଲ୍ କରିଛି।

ସେଇ ଭୁଲ୍ ପାଇଁ ସାରା ଜୀବନ ହୁଏତ ତାକୁ ଅନୁତାପ କରିବାକୁ ପଡ଼ିବ। ମନ ଭିତରେ ଗୁମୁରୁଥିବା ଦୁଃଖକୁ କାହା ଆଗରେ କହିଦେଇ ପାରିଥିଲେ ଟିକିଏ ଉଶ୍ୱାସ ଲାଗିଥାନ୍ତା।

ସେମିତି କେହି ଜଣେ ଲୋକ ତା ଆଖି ଆଗକୁ ଆସୁନଥିଲେ ଯିଏ ତାକୁ ଏଇ ସମୟରେ ସମବେଦନା ଟିକିଏ ଜଣେଇଥାନ୍ତା!

ବାପା ମାଆ ଦୁହେଁ ନାହାନ୍ତି। ସେମାନେ ବଞ୍ଚିଥିଲେ ହୁଏତ ମୁହଁଖୋଲି କିଛି କହିବାକୁ ବି ପଡ଼ିନଥାନ୍ତା। ଖାଲି ସେମାନଙ୍କ ସାମ୍ନାରେ ଠିଆ ହୋଇଯାଇଥିଲେ, ପୁଅର ମୁହଁ ଦେଖି ତା'ର ଅନ୍ତର କଥା ବୁଝି ଯାଇଥାନ୍ତେ।

ଶୋଭନ ଜିଦି କରିଥିଲା ବାହାର ଦେଶରେ ଯାଇ ନିଜର ସ୍ୱପ୍ନ ପୂରଣ କରିବ। ମାନି ନଥିଲା ବାପାଙ୍କ କଥା। ବୋଉ ଆଖିର ଲୁହକୁ ଅଣଦେଖା କରିଥିଲା। ଡାକ୍ତର ହିସାବରେ ଶୋଭନ ଅବଶ୍ୟ ବିଦେଶରେ ଖୁବ୍ ପ୍ରସିଦ୍ଧି ଅର୍ଜନ କରିଥିଲା। ସେଇଠି ନିଜେ ପସନ୍ଦ କରିଥିବା ଝିଅକୁ ବାହା ହୋଇ ଯାଇଥିଲା। ହେଲେ ବାପା ବୋଉଙ୍କୁ ଖବର ଟିକିଏ ଦେବାକୁ ବି ଉଚିତ ମଣିନଥିଲା।

ବାପା କେଉଁଠୁ ଖବର ପାଇ ଚିଠିଟିଏ ଲେଖିଥିଲେ... ଯାହା କଲୁ କିଛି ଭଲ କଲୁ ନାହିଁ ପୁଅ। ଆମ ଦେଶର ସଂସ୍କୃତି ଐତିହ୍ୟ ସବୁଠୁ ଗରୀୟାନ୍। ନିଜ ମାଆ ମାଟିକୁ ଭୁଲି ବିଦେଶକୁ ଆପଣେଇଲୁ। ଅନ୍ୟ ଲୋକମାନଙ୍କୁ ଭଲପାଇଲୁ, ବିଶ୍ୱାସ କଲୁ। ଦିନେ ନିଶ୍ଚୟ ତୁ ତୋର ଭୁଲ୍‌ବୁଝିବୁ। ହେଲେ ଫେରିଲା ବେଳକୁ ଆମଠାରୁ ସେଇ ସ୍ନେହ ଶୁଭେଚ୍ଛାର ହକ୍‌ଦାର ହେବାକୁ ତୋର ଆଉ ଯୁ ନଥିବ। ତେଣୁ ଆଜି ଠାରୁ ତୁ ଆମର ତେଜ୍ୟପୁତ୍ରରେ ଗଣନା ହେଲୁ। ତୁ ଆମର ପୁଅ ଥିଲୁ ବୋଲି ଏଇ ମୁହୂର୍ତ୍ତରୁ ଆମେ ଭୁଲିବାକୁ ଚାହୁଁଛୁ। ତୁ ବେଶ୍ ତୋ ସୁଖର ଅନ୍ୱେଷଣରେ ରହ।'

ଜଣକ ପରେ ଜଣେ ବୋଉ ଆଉ ବାପା ଇହଜଗତ ଛାଡ଼ି ଚାଲିଯିବା କଥା ଶୁଣି ମଧ୍ୟ ପୁଅର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସେ ଫେରିନଥିଲା ଭିଟାମାଟିକୁ। ଶୁଦ୍ଧିକ୍ରିୟାରେ ଭାଗ ନେଇ ନଥିଲା ହେୟଜ୍ଞାନ ବଶତଃ...! ବିଦେଶରେ ଯଥେଷ୍ଟ ଅର୍ଥ ଉପାର୍ଜନ କରିଛି ଶୋଭନ। ଯଶ ବି ପାଇଛି। ହେଲେ ଅତ୍ୟଧିକ ଅର୍ଥ ଉପାର୍ଜନର ମାନସିକତାକୁ ସହ୍ୟ କରିପାରିନି ତା'ର ବିଦେଶିନୀ ସ୍ତ୍ରୀ। ବହୁତ ବୁଝେଇଛି ସେ ଏବଂ ଛାଡ଼ପତ୍ର ଦେଇ ଅନ୍ୟତ୍ର ବିବାହ କରିଛି। ଶୋଭନ ପାଖରେ ଛାଡ଼ିଯାଇଛି ସେମାନଙ୍କର ଏକମାତ୍ର ସନ୍ତାନକୁ। ଏଥର ନିଜର ନିଷ୍ପତ୍ତିକୁ ଅଯଥାର୍ଥ ବୋଲି ହୃଦୟଙ୍ଗମ କରିଛି ଶୋଭନ। ଅସ୍ଥିର ହୋଇ ଉଠିଛି। ପୁଣ୍ୟଭୂମି ଭାରତକୁ ଫେରିବାକୁ ହେବ। ବିଦେଶରେ ସବୁ ପାଇ ବି ନପାଇପାରିବାର ଚିନ୍ତାରୁ ମୁକ୍ତହେବା ନିହାତି ଦରକାର। ନଚେତ୍ ଖୁବ୍ କମ୍ ଦିନରେ ସେ ପାଗଳ ହୋଇଯିବ! ପଶ୍ଚାତାପରେ ତରଳି ଯାଉଥିଲା ଶୋଭନ। ଭାବୁଥିଲା ଆଇନ ଅନୁସାରେ ସମ୍ପତ୍ତି ସିନା ସେ ପାଇବ ନାହିଁ, ହେଲେ ଭୁବନ ମୋହନ ମିଶ୍ରଙ୍କ ସହିତ ତା'ର ବାପ ପୁଅର ସମ୍ପର୍କ କେହି ତୁଟାଇ ଦେଇ ପାରିବେ ନାହିଁ। ସେ ହୁଏତ ତାଙ୍କର ତେଜ୍ୟପୁତ୍ର। ତାଙ୍କର ସମ୍ପତ୍ତିରେ ତା'ର ଭାଗନାହିଁ। କିନ୍ତୁ ତା ଶରୀରର ରକ୍ତ



ପ୍ରବାହରେ ବାପା ପୁଅର ସମ୍ପର୍କ ଛିନ୍ନ ହୋଇପାରିବ ନାହିଁ। ଅବସାଦରେ ମ୍ରିୟମାଣ ହୋଇପଡୁଥିଲା ଶୋଭନ।

ଏବେ ସେ ଭିଟାମାଟି ମୁହାଁ। ସାଥିରେ ପୁଅ। ଏୟାରପୋର୍ଟରୁ ଘର ଘଣ୍ଟାକର ରାସ୍ତା। ମାତ୍ର ତାକୁ ଯୁଗଟିଏ ପରି ଲାଗୁଥିଲା। ନିଜ ଜିଦ୍‌ରେ ଅଟଳ ରହି ସବୁ ସମ୍ପର୍କ ଛିନ୍ନକରି ଏଇ ରାସ୍ତା ଦେଇ ସେଦିନ ବିଦେଶ ଯାଉଥିବା ବେଳେ ସେ କେବେ ଭାବିନଥିଲା ସେଇ ଏକା ରାସ୍ତା ଦେଇ ପୁଣି ତାକୁ ଫେରିବାକୁ ପଡ଼ିବ ବୋଲି। ଯିବାବେଳର ସେଇ ଉଦ୍ଦାମତା ବିବଶତାରେ ପରିଣତ ହୋଇ ସାରିଥିଲା।... ଶୋଭନ ମିଶ୍ର ଫେରି ଆସୁଛି ପ୍ରିୟ ଜନ୍ମଭୂମିକୁ। ଏକ ଦୁର୍ବାର ଆକର୍ଷଣରେ ସେ ଫେରୁଛି। ପ୍ରାଚୁର୍ଯ୍ୟ ପ୍ରତି ଅତିଶୟ ଆସକ୍ତି ଆଉ ନାହିଁ ତା'ର। ଫେରି ଆସୁଛି ନିଜ ଜନ୍ମ ପରିଚୟକୁ ଖୋଜିବା ପାଇଁ। ଘରବାହୁଡ଼ାର ଅନନ୍ୟ ଆନନ୍ଦରେ ସେ ଅପୂର୍ବ ଶିହରଣ ଅନୁଭବ କରୁଛି।

ତା'ର ଫେରିବା ପଥରେ ପାରିପାର୍ଶ୍ୱିକ ଅବସ୍ଥିତିର ବିଶେଷ କିଛି ପରିବର୍ତ୍ତନ ସେ ଅନୁଭବ କରିପାରୁନି। ଯେମିତି ଥିଲା ଠିକ୍ ସେମିତି ଅଛି। ରାସ୍ତାଘାଟ, ଦୋକାନ ବଜାର, ଗଛ ବୃକ୍ଷ, ମାଟି, ଆକାଶ ସବୁ କିଛି ସେମିତି...!

ହଠାତ୍ ତା ଭାବନାରେ ଆସିଲା କେଉଁଠି ରହିବ ସେ? ସେ ଯେ ତେଜ୍ୟପୁତ୍ର! ଘର ସମ୍ପତ୍ତି ଆଦି କେଉଁଥିରେ ଆଉ ଅଧିକାର ନାହିଁ ତା'ର। ବାପା ତାଙ୍କ ଅଧିକାର ସ୍ୱତ୍ୱ ଦେଇଯାଇଛନ୍ତି ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ସହାୟତା କରିଥିବା ନିଧିମଉସାଙ୍କୁ। ଏ କଥା ବାପା ଚିଠିରେ ଲେଖିଥିଲେ। ଏଥିପାଇଁ ଦୁଃଖନାହିଁ ଶୋଭନର। ନିଧି ମଉସା ଘରର ଖୁବ୍ ବିଶ୍ୱସ୍ତ। କାହିଁ କେବେ ଠାରୁ ଘରର ସେବକ ହୋଇ ରହିଛନ୍ତି ସେ। ଶୋଭନର ଏତିକି ଦୁଃଖ ଯେ ସେ ଫେରିଆସିଲା ବେଳକୁ ସତକୁ ସତ ବାପା କିମ୍ବା ବୋଉ ନାହାନ୍ତି ତାକୁ କ୍ଷମା କରିଦେବାକୁ, କୋଳେଇ ନେବାକୁ..!

ଶୋଭନ ଗେଟ୍ ଖୋଲିଲା ତ ଘର ଭିତରୁ ଦୌଡ଼ି ଆସିଲେ ନିଧି ମଉସା। ସେଇ ହସ..ସେଇ ଆବେଗ..! ଆଖିରେ ଆଖିଏ ଲୁହ ନେଇ କୋଳାଗ୍ରତ କଲେଶୋଭନକୁ। ଆ ବାପା.. କହି ଶୋଭନ ହାତମୁଠାରୁ ପୁଅକୁ ନେଇ ଛାତିରେ ଜାକି ଧରିଲେ।

-ଏଇ ତେବେ ଏଇ ଘରର ନୂଆ ମାଲିକ। ସ୍ୱର୍ଗତ ଭୁବନ ମୋହନ ମିଶ୍ରଙ୍କ ନାତି ଆଜି ଆଜି ଏ ଘରେ ପାଦ ଦେଇଛି। ଜେଜେ ତା'ର ସ୍ୱର୍ଗରେ ଥାଇ ବି ଖୁସି ହେଉଥିବେ। ପୂରା ତାଙ୍କରି ରୂପର ଛାପ ତାଙ୍କ ନାତି ଠାରେ ଠାକୁର ଦେଇଛନ୍ତି। ଶୋଭନ ଆଖିରେ ଲୁହର ବନ୍ୟା। ପୁଅ ତଟସ୍ଥ ହୋଇ ଚାହିଁଥିଲା ଡାଡିଙ୍କ ମୁହଁକୁ। ଡାଡି କ'ଣ କାନ୍ଦି ପାରନ୍ତି? ଚାରିବର୍ଷର ଶିଶୁ କି ବୁଝିପାରେ ପରିସ୍ଥିତିର ଭାବାବେଗକୁ!

-ବଡ଼ବାବୁ କହୁଥିଲେ, ଦେଖିବୁ ରହ ନିଧି, ମୋ ପୁଅ ଦିନେ ମୋ ନାତିକୁ ଧରି ଫେରି ଆସିବ ଏଇ ଘରକୁ। ସେ ପର୍ଯ୍ୟନ୍ତ ଟିକିଏ ଘରକୁ ଦେଖା ରଖା କରୁଥା। କୋହଭରା କଣ୍ଠରେ କହିଲେ ନିଧି ମଉସା।... ଶୋଭନ ଏଥର ବୋକାଙ୍କ ପରି ଚାହିଁ ରହିଥିଲା ନିଧି ମଉସାଙ୍କ ଆଡ଼େ। ସାମ୍ନା କାନ୍ଥରେ ଟଙ୍ଗା ହୋଇଥିବା ବାପା ବୋଉଙ୍କ ଫଟୋ ଉପରେ ନଜର ପଡ଼ିଲା ଏଥର। ଦୁହିଁଙ୍କ ମୁହଁରେ ଯେମିତି ହସର ଝଲକ ଫୁଟି ଉଠୁଥିଲା। ନିଧି ମଉସାଙ୍କ ଛାତିରେ ଆଉଜି ପଡ଼ିଥିବା ପୁଅ ମୁହଁକୁ ନିରିଖେଇ ଚାହିଁଲା ଶୋଭନ। ତା ମୁହଁ ସତକୁ ସତ ବାପାଙ୍କ ମୁହଁ ଭଳି ଦିଶୁଥିଲା। କି ଅପୂର୍ବ ସାମଞ୍ଜସ୍ୟ...!!

- ପିଲାଙ୍କ ଉପରେ ବାପା ମାଆ କ'ଣ ବେଶୀ ଦିନ ରାଗିକରି ରହିପାରନ୍ତି? ଏମିତି ସିନା ତେଜ୍ୟପୁତ୍ର କଲି ବୋଲି ବଡ଼ବାବୁ ଲେଖି ଦେଇଥିଲେ,ସତରେ କ'ଣ ସେ ସେଇ କାମ କରିଛନ୍ତି? ସବୁ ତ ସାଇତି ରଖିଯାଇଛନ୍ତି ତାଙ୍କ ବଂଶଧର ପାଇଁ। ମୋର ବା କିଏ ଆଗକୁ ନା ପଛକୁ ଅଛି ଯେ ମୁଁ ଏ ସମ୍ପତ୍ତି ଭୋଗକରିବି? ଏବେ ମୁଁ ଏ ଘର ସମ୍ପତ୍ତିରୁ ମୁକ୍ତି ଚାହୁଁଛି ବାପା! ତୁମେ ଆସିଲଣି ଏଥର ସମ୍ଭାଳ ସବୁ। ଏତିକି କହିବା ଭିତରେ ବାକ୍‌ରୁଦ୍ଧ ହୋଇ ପଡ଼ିଲେ ନିଧି ମଉସା। ଗାମୁଛାରେ ଆଖିରୁ ଲୁହ ପୋଛିଲା ଭିତରେ ନିଧି ମଉସା ଅନୁଭବ କଲେ ତାଙ୍କ ପାଦ ଯୋଡ଼ାକୁ ଜାବୁଡ଼ି ଧରିଛି ଦୁଇଯୋଡ଼ା ହାତ। ଘୁଞ୍ଚିଯିବାକୁ ଚାହିଁଲେ ବି ସେ ଘୁଞ୍ଚି ପାରୁନଥିଲେ।

ନିଧି ମଉସା ବୁଝିଗଲେ ଶୋଭନର ମନକଥା...! ■

କୁଞ୍ଜବିହାରୀ ଲେନ୍, କଟକ
ମୋ-୯୪୩୮୧୭୫୫୪୨

## ସେଇ ଜଣେ

ଶୁଭସ୍ମିତା ତ୍ରିପାଠୀ



ଅନ୍ୟମନସ୍କତାର ଓଦା କଜଳ ଗାରରେ ବତୁରା
ମୋ ଆଖି ହଳକ ଆଗରେ ଉଡୁଥିବା
ଗୋଟେ ପ୍ରଜାପତି ଡେଣା ଉପରେ
କେବେ ସେ ଆକାଶ ରଙ୍ଗର
ଗୋଟେ ଓଦାପଣ ହେଇ ଆସେ,
ଖରାକୁ ପିଠି କରି ଛାଇତଳ ଫୁଲମାନଙ୍କୁ
ଆଉଁସି ଦେଲାବେଳେ ମୁଁ
ମୋ ପତ୍ରରଙ୍ଗର ଓଢ଼ଣୀରେ
ଖଣ୍ଡ ଖଣ୍ଡ ଖରାକୁ ଝୋଟି କରି ଆଙ୍କେ,
ଛାତି ଭିତରର କେଉଁ କାଚକାନ୍ଥରେ
ରଙ୍ଗ ନେସି ଆଙ୍କୁଥାଏ ଫୁଟା ପଦ୍ମଅଁର ଚିତ୍ର
ଲେଖି ବୋଲି ଧାଡ଼ିଟିଏ
ଥୋପ ଥୋପ କାଳିରେ ବତୁରେଇ ଦିଏ
ମୋର ସାରାଟା ପାପୁଲି,
ଡାକିଆଣି ଫେବୃଆରୀକୁ
ମୋ କବରୀରେ ଖୋସୁଥାଏ ହଜାରେ ଗୋଲାପ,
ତା ନିଃଶବ୍ଦ ମୁଖରତାର ଧଳା ଶଙ୍ଖ ଭିତରେ
ସାଇତି ରଖେ ମୋ କୋହ,
ମୋ ହସ ସବୁକୁ ଲ୍ୟାଭେଣ୍ଡର କରି ଫୁଟାଏ,
ମତେ ବାରମ୍ବାର ପ୍ରେମରେ ପକାଏ
ସେ ସେ ବାସୁଥିବା କେଇଧାଡ଼ି ଗୁଲ୍‌ଜାର ଶାୟରୀ!
ନିଃଶ୍ୱାସ ପ୍ରଶ୍ୱାସରେ ଗୋଳି ହେଇଯାଏ
ଫୁଲ ଛୁଇଁ ଫେରିଯାଉଥିବା ଗୋଟେ ଖରାଗନ୍ଧ
ସେତେବେଳେ ମୁଁ ଖୁବ୍ ଲେଖେ,
ମତେ ମୋ ଭିତରୁ କାଢ଼ିଆଣି
ସେଇ ଜଣକ ଦଉଡ଼ାଏ ମେଘଙ୍କ ପଛରେ,
ଲାଜୁକୀ କଙ୍କି ଡେଣାରେ ଆଙ୍କେ
ମୋ ଓଢ଼ଣୀର ଇନ୍ଦ୍ରଧନୁ,
ଥକେନା ମୁଁ
ତା ଇସାରାରେ ଆକାଶର ଲକ୍ଷେ ତାରା ଗଣୁଗଣୁ!
କିଏ ସେ?
ଯିଏ ମୋ ନୀରବତାକୁ କବିତା କରେ,
ଜହ୍ନ ଆଙ୍କେ ମୋ ପାପୁଲିରେ,
ମନା କରେ ସବୁଥର ମତେ କଇଁ ହେଇ ଫୁଟିବାକୁ,
ଅଥଚ ଯିଏ ଦୂର ଦିଗ୍‌ବଳୟରୁ ସବୁଦିନ
ଆ ବୋଲି ହାତଠାରେ!
ଏମିତି କ'ଣ କେହି ସତରେ ଥାଏ?
ଯଦି ନା, ତେବେ ତା ଥିବାପଣର ପୁରୁଣା ଲୁହଧାରେ
ମୋ ନଥିବାପଣର ଛାୟାଚିତ୍ର ଟିଏ
ପୃଷ୍ଠା ଉପରେ କାହିଁ ଅଳସ ଭାଙ୍ଗୁଥାଏ? ■

ବ୍ରହ୍ମପୁର, ଗଞ୍ଜାମ
ମୋ- ୮୪୮୦୮୬୭୧୯୦

## ଅନ୍ତର୍ଦ୍ଧାନ

ମନୋରଞ୍ଜନ ସାହୁ



ମୁଖମଣ୍ଡଳ ଉଦ୍ଭାସିତ
ତେଜୋଦୀପ୍ତ ଜାଜୁଲ୍ୟମାନ
ଧ୍ୟାନରତ ତପସ୍ୱୀ ଜଣକ
ଆଖି ପଲକ ଖୋଲି ଦେଖନ୍ତେ
ଚେତନାର ଦିଗ୍‌ବଳୟ ଏଠି
ଦ୍ରୁତ ସଙ୍କୋଚନର ଦେଉଛି ସଙ୍କେତ
ଗୁରୁକୁଳ ପାଲଟିଛି ଘୂର୍ଣ୍ଣିବଳୟ
ନା ଅଛି ସାଧନା ନା ଅଛନ୍ତି ସାଧକ...

ଏ ଅପ୍ରତ୍ୟାଶିତ ବିପର୍ଯ୍ୟୟରେ
ନୀତି ନୈତିକତା ସବୁ କଳୁଷିତ
ନା ଅଛି ସେ ଗୁରୁଭକ୍ତି
ନା ଅଛି ଗାରିମାର ଉପସ୍ଥିତି...

ସମର୍ପଣ ଭାବଧାରାର
ବଦଳିଛି ରୂପରେଖ
କୁସଂସ୍କାରରେ ଭର୍ତ୍ତି
ଲୁଣ୍ଠନ ପାଇଁ ଲାଳାୟିତ
ଲଙ୍ଘିଲେ ଏଠି ଲକ୍ଷ୍ମଣରେଖା
ବିପତ୍ତିଭରା ଔଦ୍ଧତ୍ୟର ଶିଖା
ବିଷକୁମ୍ଭ ସମ କୃତକର୍ମର
ରୁକ୍ଷତାର ଧାର ଭାରି ନିଷ୍ଠୁର

ଅନ୍ତର୍ଦ୍ଧାନ ଆଜି ଜୀବନର ଯଜ୍ଞ
କାମଭରା ସବୁ ଆଶାର ଆହୁତି
ମିଳୁନି ଜଞ୍ଜାଳୁ ଅବ୍ୟାହତି
ପୂର୍ଣ୍ଣାହୂତିରେ ଲାଗୁନି ବିରତି ■

ସା-ଡାବରଧୂଆ,
ପୋ- ଡାବରଧୂଆ ପାଟଣା,
ବୋଲଗଡ଼-୭୫୨୦୬୬, ଖୋର୍ଦ୍ଧା
ମୋ-୮୯୮୪୦୪୪୭୭୪

## ଫଟା ସମ୍ପର୍କ

ବସନ୍ତ କୁମାର ପ୍ରଧାନ



ସମ୍ପର୍କ ଆଇନା ଥରେ ଭାଙ୍ଗିଗଲେ
ଆଉ ତ ଯୋଡ଼ି ହୁଏନା
ଅନୁଶୋଚନାର ଦାବାନଳରେ
ସହିବା ହୁଏ ଯାତନା।

ବୈଶାଖର ମାଟି ପରି ଗଲେ ଫାଟି
ସମ୍ପର୍କ ହୁଏନା ଯୋଡ଼ି
ନିବିଡ଼ ପ୍ରେମର ଭାବ ବନ୍ଧନକୁ
ଦିଅ ନାହିଁ ଜାଳି ପୋଡ଼ି।

ଭାବରେ ସମ୍ପର୍କ ହୁଏ ଦୃଢ଼ୀଭୂତ
ଭାବ ସମ୍ପର୍କର ସେତୁ
ଭାବ ହିଁ ଭିଜାଇ ପାରେ ମଣିଷର
ମନ ଆଉ ହୃଦୟକୁ।

ମଧୁର ଭାବରେ ସମ୍ପର୍କର ଡୋର
ଲାଗଇ କେତେ ସୁନ୍ଦର
ସହଜରେ କେବେ ଲିଭିଯାଏ ନାହିଁ
ସ୍ନେହ ପ୍ରେମର ସ୍ୱାକ୍ଷର।

ସନ୍ଦେହର ନିଆଁ ଜୁହୁଳିଲା ଯଦି
ସମ୍ପର୍କ ହୁଅଇ ନାଶ
ମନରେ ତିକ୍ତତା ଧିରେ ବୃଦ୍ଧି ପାଏ
ମିଳେନାହିଁ ସୁଖ ଲେଶ।

ସାତ ସିଆଁ ଜୀର୍ଣ୍ଣ ବସନ ସଦୃଶ୍ୟ
ଅଟଇ ଫଟା ସମ୍ପର୍କ
ପୋଡ଼ା ଚିଅଁଣ ପରି ଜୀବନରେ
ମିଳେନା ପ୍ରେମ ପୁଲକ।

ଅନାବିଳ ପ୍ରେମ ଅଟଇ ମହାର୍ଘ
ଜଗତେ ଅଟେ ଦୁର୍ଲ୍ଲଭ
ବନ୍ଧୁ ଓ ବନ୍ଧୁତ୍ୱ ଭବ ସମ୍ପର୍କରେ
କ୍ଷତି ନାହିଁ ଅଛି ଲାଭ।

ଫଟା ସମ୍ପର୍କରେ ବଢ଼ଇ ଦୂରତା
ଦୂର ଆତ୍ମୀୟତା ଭାବ
ଦୃଢ଼ ଅନୁରାଗ ସ୍ନେହ ପ୍ରେମ ପ୍ରୀତି
ହୃଦୟେ ହୁଏ ଅଭାବ।

ଅନାବିଳ ପ୍ରେମ ସ୍ନେହ ମମତାରେ
ସମ୍ପର୍କ ଯେ ଚିରସ୍ଥାୟୀ
ସୁଖରେ ଦୁଃଖରେ ହସ ଓ ଲୁହରେ
ରହେ ଅଂଶୀଦାର ହୋଇ। ■

ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ-୭୭୩୫୬୧୧୪୮୪

# ପ୍ରାଣୀସମ୍ପଦ ବିଭାଗର ମାସିକ ସମୀକ୍ଷା ବୈଠକ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ପ୍ରାଣୀ ସମ୍ପଦ ବିକାଶ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡାଃ ସୁଖେନ୍ଦୁ ରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ଅନୁସାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ କ୍ଷେତ୍ରରେ ୧୦୯ଟି ଲକ୍ଷ୍ୟ ଦିଆଯାଇଥିଲାବେଳେ ୧୧୫ଟି ସଫଳତା ହାସଲ କରାଯାଇଛି। ସେହିପରି ମହିଷ ପାଳନ କ୍ଷେତ୍ରରେ ମଧ୍ୟ ସନ୍ତୋଷ ଜନକ ପ୍ରଦର୍ଶନ ହୋଇଛି। ମାଇ ବାଛୁରୀ ଯୋଜନାରେ ୨୯୦ଟି ଲକ୍ଷ୍ୟ ଥିଲାବେଳେ ୩୧୧ଟି ସଫଳତା ଅର୍ଜିତ ହୋଇଛି। ମୋବାଇଲ ଭେଟେରିନାରୀ ସେବାରେ ୧୦୦ ପ୍ରତିଶତ ଲକ୍ଷ୍ୟ ସମ୍ଭବ ହୋଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ବୈଠକରେ ପଶୁ ବୀମା ଯୋଜନା ଓ କୁକୁଡ଼ା ଚାଷ ବିକାଶ ଯୋଜନାର ପ୍ରଗତି ସମୀକ୍ଷା କରି କ୍ଷେତ୍ରସ୍ତରରେ ସଚେତନତା ବୃଦ୍ଧି ସହିତ ଲକ୍ଷ୍ୟ ପୂରଣ ପାଇଁ ଅଧିକ ପ୍ରୟାସ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପାଂଚଜଣ ସଫଳ ପଶୁପାଳକଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଡିଡିଓଭିଏଚ୍ ଡାଃ କେ. ପାର୍ଥ ସାରଥି ଦୋରା, ଏସ୍‌ଡିଭିଓ ଡାଃ କୃଷ୍ଣ କୁମାର ସାହୁ ସହ ବିଭାଗୀୟ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ଜମି ଦଖଲ ହଟାଇବାକୁ ପଦକ୍ଷେପ

ଝାରସୁଗୁଡା: ଝାରସୁଗୁଡା ଜିଲ୍ଲାରେ ବିଭିନ୍ନ କମ୍ପାନୀଙ୍କ ଦ୍ୱାରା ଜଙ୍ଗଲ ଜମିକୁ ବେଆଇନ ଭାବେ ଜବରଦଖଲ କରାଯାଇଥିବା ନେଇ ଅନେକ ଅଭିଯୋଗ ହୋଇଛି। ଏହାକୁ ଗୁରୁତ୍ୱର ସହ ନେଇ ବନ ବିଭାଗ ପକ୍ଷରୁ କଡା ପଦକ୍ଷେପ ଆରମ୍ଭ ହୋଇଛି। ସୁଦର୍ଶନ ହରିପାଳ ଏନେଇ ପିସିସିଏଫ, ସମ୍ବଲପୁରଙ୍କୁ ପତ୍ର ଲେଖି ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରେ କମ୍ପାନୀମାନଙ୍କ ଦ୍ୱାରା ହୋଇଥିବା ବେଆଇନ ଜଙ୍ଗଲ ଜମି ଦଖଲ ବିଷୟରେ ଅବଗତ କରାଇଥିଲେ। ଗତ ସପ୍ତାହରେ ଝାରସୁଗୁଡା ଓ ସମ୍ବଲପୁର ଗସ୍ତରେ ଆସିଥିବା ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷଙ୍କୁ ମଧ୍ୟ ସେ ଏନେଇ ପତ୍ର ପ୍ରଦାନ କରିଥିଲେ। ଏହାପରେ ଝାରସୁଗୁଡା ଡ଼ିଏଫଓ ଜିଲ୍ଲାପାଳଙ୍କୁ ଏକ ଆଧିକାରିକ ପତ୍ର ଲେଖି ଜଙ୍ଗଲ ଅଧିନିୟମ–୨୦୨୩ ଅନୁଯାୟୀ କଡାକଡି ଭାବେ ଆଇନ ପାଳନ କରିବାକୁ ଅନୁରୋଧ କରିଛନ୍ତି। ପତ୍ରରେ କମ୍ପାନୀମାନଙ୍କ ଦ୍ୱାରା ଦଖଲ ହୋଇଥିବା ଜଙ୍ଗଲ ଜମିକୁ ମୁକ୍ତ କରିବା ସହ ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉଲ୍ଲେଖ ରହିଛି। ସେପରି ଏକ ଯୁଗ୍ମ ତଦନ୍ତ କରି ଅକ୍ତିଆର କରାଯାଇଥିବା ଜଙ୍ଗଲ ଜମି ସନ୍ଦର୍ଭରେ ଦୋଷୀ କମ୍ପାନୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ପତ୍ରରେ ଉଲ୍ଲେଖ ହୋଇଛି। ଏହି ପତ୍ରର ନକଲ ସିସିଏଫ, ସମ୍ବଲପୁର, ଝାରସୁଗୁଡା ଜିଲ୍ଲାର ସମସ୍ତ ରେଞ୍ଜର ଓ ତହସିଲଦାରଙ୍କୁ ପ୍ରେରଣ କରାଯାଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି। ଜଙ୍ଗଲ ଜମି ଜବରଦଖଲ ଘଟଣାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋରଦାର ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ଶୀଘ୍ର କଡା କାର୍ଯ୍ୟାନୁଷ୍ଠାନ ହେବାକୁ ସାଧାରଣରେ ଆଶା ପ୍ରକାଶ ପାଇଛି।

# ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

କନ୍ଧମାଳ , (ହି.ସ.) : ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଫୁଲବାଣୀ ପ୍ରାଙ୍ଗଣରେ ପ୍ରଥମ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ସମ୍ମାନିତ ଅତିଥି ଭାବେ କାଉନସିଲର ବନଜା ପଟ୍ଟନାୟକ, ପୂର୍ବତନ ଛାତ୍ରୀ ସଙ୍ଗଠନ ର ସଭାପତି ସୁଶ୍ରୀ ବୀଣାପାଣି ପ୍ରଧାନ ଓ କନ୍ଧମାଳ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ସିମାଂଚଳ ସାଇଁ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ଓ ଅଭିଭାବକ ଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀ ମାନଙ୍କ ପକ୍ଷରୁ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ, ପ୍ରାଚୀର ସଜ୍ଜା, ପାନେଲ ପ୍ରଦର୍ଶନ,ବିଦ୍ୟାଳୟ ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଚକୋଟୀର ରହିଥିଲା ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କ ପିଏମ ଶ୍ରୀ ଯୋଜନା ଓ ଓଡ଼ିଶା ସରକାରଙ୍କ ପ ଂଚ ଶଖା ଶିକ୍ଷା ସେତୁର ମିଳିତ ଆନୁକୂଲ୍ୟ ରୁ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମିନା କୁମାରୀ ଦିଗାଲ, ବରିଷ୍ଠ ଶିକ୍ଷୟତ୍ରୀ ସଞ୍ଜିତା ପ୍ରଧାନ ଓ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ତଥା କର୍ମଚାରୀଙ୍କ ସହଯୋଗ କାର୍ଯକ୍ରମ ଟି ଅନୁଷ୍ଠିତ ହୋଇଯାଇଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ପରିଚାଳନା ସମ୍ପର୍କିତ ଜିଲ୍ଲାସ୍ତରୀୟ ବୈଠକ

ନୂଆପଡ଼ା: ନୂଆପଡା ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ ବାଦୀ ଓ ଝଗ୍ରାହିର ଛାତ୍ରାବାସମାନଙ୍କ ପରିଚାଳନା ସମ୍ବନ୍ଧୀୟ ଏକ ଜିଲ୍ଲାସ୍ତରୀୟ ସମିତି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଓଏଭି ଝଗ୍ରାହିର ଅଧ୍ୟକ୍ଷ ବିଚିତ୍ରାନନ୍ଦ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକରେ ଜଣାଗଲା ଯେ, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପ୍ରତ୍ୟେକ ଛାତ୍ରାବାସ ପାଇଁ ବିଭିନ୍ନ ଅନୁଦାନ ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ଅନୁଦାନ ସବୁ ଛାତ୍ରାବାସର ବିଭିନ୍ନ ଜିନିଷ କ୍ରୟ ପାଇଁ ବ୍ୟୟ କରାଯାଏ। ଏହି କ୍ରୟ ପ୍ରକ୍ରିୟା ଜିଲ୍ଲାସ୍ତରୀୟ ସମିତିର ଚୟନ ଅନୁଯାୟୀ କରାଯିବାକୁ ନିଷ୍ପତି ହୋଇଥିଲା।ଛାତ୍ରାବାସର ଛାତ୍ରମାନଙ୍କ ପାଇଁ ଆବଶ୍ୟକ ସାମଗ୍ରୀ କ୍ରୟ ଏବଂ ଛାତ୍ରାବାସ ପାଇଁ କର୍ମଚାରୀ ନିଯୁକ୍ତିକୁ ବୈଠକରେ ଅନୁମୋଦନ ଦିଆଯାଇଥିଲା। ଜିଲ୍ଲାପାଳ ଅଧିକାରୀମାନଙ୍କୁ ସମସ୍ତ ପ୍ରକ୍ରିୟା କରିବାକୁ ଓ ନିୟମାନୁସାରେ କାର୍ଯ୍ୟସାଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସିଡିଏମଓ ଡା. ଧନେଶ୍ୱର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ, ଜିଲ୍ଲା ଶିକ୍ଷ କେନ୍ଦ୍ର ଜେନେରେଲ ମ୍ୟାନେଜର ସମୀର ମୁଦୁଲି, ଖରିଆର ବ୍ଲକ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ଓଏଭି ବାଦୀର ଅଧ୍ୟକ୍ଷ ସୁନିଲ କୁମାର ସାହୁ, ଓଏଭି ଝଗରାହିର ଅଧ୍ୟକ୍ଷ ବିଚିତ୍ରାନନ୍ଦ ସାହୁ ଏବଂ ଓଏଭିମାନଙ୍କ ନୋଡାଲ ଅଧିକାରୀ ଖେତି ଭୂଷଣ ବିଶ୍ୱାଳ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟିଟିଲାଗଡ଼ ଧବଳେଶ୍ୱର ମହାଦେବ ମନ୍ଦିରକୁ ଜାତୀୟ ଐତିହ୍ୟ ମାନ୍ୟତା ଦାବିକଲେ ସାଂସଦ



ବଲାଙ୍ଗିର (ପିପିଏସ): ଓଡ଼ିଶାରାଜ୍ୟ ବଲାଙ୍ଗିର ଜିଲ୍ଲାସ୍ଥିତ ଟିଟିଲାଗଡ଼ ବିଖ୍ୟାତ ପ୍ରାକୃତିକ,ପ୍ରାଚୀନ ଓ ଆସ୍ଥାର କେନ୍ଦ୍ର ଧବଳେଶ୍ୱର ମହାଦେବ ମନ୍ଦିରକୁ ଜାତୀୟ ସାଂସ୍କୃତିକ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିବାକୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଦାବି କରିଛନ୍ତି । ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ପତ୍ର ଲେଖି ମନ୍ଦିରର ଉନ୍ନୟନ ଓ ସଂରକ୍ଷଣ ପାଇଁ ୫ କୋଟି ଅନୁଦାନ ମଞ୍ଜୁର କରିବା ସହ ଜାତୀୟ ମର୍ଯ୍ୟାଦା ଦେବାକୁ ଅନୁରୋଧ କରିଛନ୍ତି। କୁମୁଡ଼ା ପାହାଡ଼ର ପ୍ରାକୃତିକ ଗୁମ୍ଫା ଭିତରେ ଅବସ୍ଥିତ ଏହି ଅଦ୍ୱିତୀୟ ଶିବ ମନ୍ଦିର ତାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଧାର୍ମିକ ମହତ୍ତ୍ୱ ପାଇଁ ସୁଖ୍ୟାତି ଅର୍ଜନ କରିଛି । ମନ୍ଦିର ସାମ୍ନାରେ ଥିବା ବିଶାଳ ପବିତ୍ର ସରୋବର ଦେଓବନ୍ଧ ଏହାର ଆଧାତ୍ମିକ ମର୍ଯ୍ୟାଦା କୁ ଦ୍ୱିଗୁଣିତ କରୁଛି । କିମ୍ବଦନ୍ତୀ ଅନୁସାରେ ଏହି ପ୍ରାଚୀନ ମନ୍ଦିର ଦ୍ୱାପର ଯୁଗ ସହ ସମ୍ପୃକ୍ତ ଓ ଏହାର ଐତିହାସିକ ପୌରାଣିକ ବିଶେଷତ୍ୱ ରହିଛି । ପ୍ରତିବର୍ଷ ମହାଶିବରାତ୍ରୀ ଅବସରରେ ଦଶଦିନିଆ ଉତ୍ସବରେ ଲକ୍ଷାଧିକ ଭକ୍ତ ଯୋଗ ଦେଇଥାନ୍ତି ଓ ସାରାବର୍ଷ ହଜାର ଶ୍ରଦ୍ଧାଳୁ ଦର୍ଶନ କରି ଆଶୀର୍ବାଦ ଲାଭ କରନ୍ତି। ସାଂସଦ ଶ୍ରୀ ବିଶି କହିଛନ୍ତି ଯେ ମନ୍ଦିରର ପ୍ରାଚୀନତା, ପ୍ରାକୃତିକ ବିଶିଷ୍ଟତା ଓ ଲୋକଆସ୍ଥାକୁ ଦୃଷ୍ଟିରେ ରଖି ଏହାକୁ ଜାତୀୟ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରି ସଂରକ୍ଷଣ, ସୌନ୍ଦର୍ଯ୍ୟୀକରଣ ଓ ପର୍ଯ୍ୟଟନ ଉନ୍ନୟନ ଆବଶ୍ୟକତା ଥିବାରୁ ଭାରତ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ଜଣାଇଛନ୍ତି।

# ଜିଲ୍ଲାପାଳଙ୍କ ଉଠାଜଳସେଚନ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା

ନୂଆପଡା: ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଉଠାଜଳସେଚନ ବିଭାଗ କାର୍ଯ୍ୟାବଳୀର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଠାଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ ବିଭାଗର କାର୍ଯ୍ୟ ଖସଡ଼ା ଓ ସଫଳତାର ବିବରଣୀ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳଙ୍କ ପୂର୍ବ ମାସିକ ସମୀକ୍ଷା ବୈଠକରେ ୧୦୦୦ଟି ନୂତନ ଭାବରେ ଖନନ ହୋଇଥିବା ସୌର ଚାଳିତ ଗଭୀର ନଳକୂପରେ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦୦ଟି ମଧ୍ୟରୁ ୫୫୦ଟି ସୌର ପ୍ୟାନେଲ ସ୍ଥାପନ କାର୍ଯ୍ୟ ସମ୍ପର୍ଣ୍ଣ ହୋଇ ସାରିଛି କ୍ଷ ଅବଶିଷ୍ଟ ସୌରଚାଳିତ ଗଭୀର ନଳକୂପ ଗୁଡିକରେ ସୌର ପ୍ୟାନେଲ କାର୍ଯ୍ୟ ଅତି ଶୀଘ୍ର ସମାପ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ପୂର୍ବରୁ ଅଚଳ ହୋଇ ପଡିଥିବା ୩୦ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପକୁ ଓଡିଶା ଉଠା ଜଳସେଚନ ବିଭାଗ ଦ୍ୱାରା ସଫଳତାର ସହିତ ପୁନରୁଦ୍ଧାର କରାଯାଇଛି । ଉକ୍ତ ପ୍ରକଳ୍ପ ଦ୍ୱାରା ୬୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିଛି । ଶେଷରେ କେତେ ଗୋଟି ସଫଳ ଉଠା ଜଳସେଚନ ପ୍ରକଳ୍ପର ପିପିଟି ପ୍ରଦର୍ଶନ କରାଯାଇଥିଲା । ଏହି ବୈଠକରେ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁକ୍ଷାତ ଦେବ ପରିଡ଼ା, ଉଠା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ ରଞ୍ଜନ ବୁଢ଼ା, ଇ. ସାକ୍ଷୀ ଜୈନ ପ୍ରମୁଖ ଉପସ୍ଥିତ ଥିଲେ ।

# ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଜୟପୁର: ଛତ୍ରପତି ଶିବାଜୀ ମହାରାଜଙ୍କ ୩୯୬ତମ ଜୟନ୍ତୀ ଆଜି ହିନ୍ଦୁ ସମାଜ ପକ୍ଷରୁ ପାଳିତ ହୋଇଯାଇଛି। ଆଜି ସକାଳୁ ହିନ୍ଦୁ ସମାଜର କର୍ମକର୍ତା ମାନେ ରଥପଡିଆ ଠାରେ ଏକତ୍ରିତ ହୋଇ ଶିବାଜୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିଭିନ୍ନ ନାରାବାଜୀ ଦେଇଥିଲେ। ପରେ ରଥପଡିଆ ଠାରୁ ଏକ ଶୋଭାଯାତ୍ରାର ବାହାରି ପୌର କାର୍ଯ୍ୟାଳୟରେ ପହଁଚିଥିଲେ। ସ୍ଥାନୀୟ ଜୟନଗର ଛକ ଠାରେ ଶିବାଜୀଙ୍କ ପ୍ରତିମୂର୍ତି ସ୍ଥାପନ କରି ଶିବାଜୀ ଛକ ନାମରେ ନାମିତ କରିବା ନିମନ୍ତେ ପେ ?ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସନ୍ଧ୍ୟାରେ ରଥପଡିଆ ନିକଟରେ ଦୀପ ଜଳାଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଆଜିର ଏହି ଜୟନ୍ତି କାର୍ଯ୍ୟକ୍ରମରେ ଲଳିତ ଅଗ୍ରୱାଲ,ସତିଶ ନନ୍ଦ, ନିଖିଲ ସାହୁ, ଅରୁଣ ବେହେରା, ଚନ୍ଦ୍ର ଶେଖର ଡାର୍ଲି, ପି.କିରଣ କୁମାର, ଓମ ପ୍ରକାଶ ପାଣିଗ୍ରାହୀ, ଚନ୍ଦ୍ରେଶ ରାଠୋର, ଶିଦ୍ଧାର୍ଥ ପାତ୍ରଙ୍କ ସମେତ ହିନ୍ଦୁ ସମାଜର କର୍ମକର୍ତା ଉପସ୍ଥିତ ଥିଲେ। ଜୟପୁର (ଜୟନଗର ବର୍ଗ କିମ୍ବା ପଂଚାନନ ମନ୍ଦିର ବର୍ଗ)ରେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତି ସ୍ଥାପନ ପାଇଁ ଦାବି କରାଯାଇଛି । ଯେକୌଣସି ସ୍ଥାନରେ ଛତ୍ରପତି ଶିବାଜୀ ମହାରାୟଙ୍କ ପ୍ରତିମୂର୍ତି ସ୍ଥାପନ ହିନ୍ଦୁ ସମାଜ ସଦସ୍ୟମାନେ ଅନୁରୋଧ କରାଯାଇଛି । ଜୟପୁର ପୌରପାଳିକା ମଧ୍ୟରେ ପ୍ରମୁଖ ସ୍ଥାନରେ ନୂତନ ଭାବରେ ନିର୍ମିତ ଗୋଲକ ଛକରେ ପ୍ରତିମୂର୍ତି ସ୍ଥାପନ କରାଯାଇପାରିବ। ଯଦି ଜୟନଗର ବର୍ଗ କିମ୍ବା ପଂଚାନନ ମନ୍ଦିର ବର୍ଗର ପ୍ରସ୍ତାବିତ ଗୋଲକ ଛକରେ। ରାଜା ଏବଂ ଭାରତୀୟ ଇତିହାସରେ ଭଲ ଭାବରେ ପରିଭାଷିତ, ତାଙ୍କର ଉଲ୍ଲେଖନୀୟ ଛତ୍ରପତି ଶିବାଜୀ ମହାରାଜ ହିନ୍ଦୁ ନେତୃତ୍ୱ, ଅଦମ୍ୟ ବୀରତ୍ୱ ଏବଂ ଶାସନ ଏବଂ ନ୍ୟାୟ ପ୍ରତି ସମର୍ପଣ ପାଇଁ ଜଣାଶୁଣା ତାଙ୍କର ଐତିହ୍ୟ ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇ ଆସୁଛି। ଏହାକୁ ଚିହ୍ନି ପାରିବା ପରେ, ତାଙ୍କ ସମ୍ମାନରେ ଏକ ପ୍ରତିମୂର୍ତି ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ, ଯାହା ଆମ ସମ୍ପ୍ରଦାୟ ମଧ୍ୟରେ ଗର୍ବ ଏବଂ ଐତିହାସିକ ସଚେତନତା ସୃଷ୍ଟି କରିବ। ଯେଉଁଠାରେ ବାସିନ୍ଦା ଏବଂ ପରିଦର୍ଶକମାନେ ତାଙ୍କ ଅବଦାନକୁ ପ୍ରଶଂସା କରିପାରିବେ ଏବଂ ତାଙ୍କ ଅବଦାନ ବିଷୟରେ ଜାଣିପାରିବେ। ଏହି ପଦକ୍ଷେପ କେବଳ ମହାନ ନେତାଙ୍କୁ ସମ୍ମାନ କରିବ ନାହିଁ ବରଂ ଜୟପୁରର ସାଂସ୍କୃତିକ ଏବଂ ଐତିହାସିକ ଦୃଶ୍ୟକୁ ସମୃଦ୍ଧ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ତାଲିମ୍

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ) କାର୍ଯ୍ୟାଳୟରେ 'ବାଲ ରକ୍ଷା ଭରତ' ପକ୍ଷରୁ ଅଙ୍ଗନବାଡି କର୍ମୀମାନଙ୍କ ପାଇଁ ଏକ, ଦିନିକିଆ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ତାଲିମ୍ କାର୍ଯ୍ୟକ୍ରମ, କନ୍ଧମାଳ ଜିଲ୍ଲା ବାଲ ରକ୍ଷା ଭାରତର ମୁଖ୍ୟ ମନୋଜ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରି ନିଜ ଦକ୍ଷତା ଓ ଜ୍ଞାନକୁ ସୁଦୃଢ କରିଥିଲେ। ତାଲିମରେ ଶିଶୁଙ୍କ ପ୍ରଥମ ହଜାରେ ଦିନର ଗୁରୁତ୍ୱ, ଟୀକାକରଣ ପ୍ରକ୍ରିୟା, ପୋଷଣ ଓ ବୃଦ୍ଧି ପରିଚାଳନା, ଭିଏଚଏସଏନଡି ର ଗୁଣବତା ବୃଦ୍ଧି, ଆଦର୍ଶ ର ମାନଦଣ୍ଡ, ଏବଂ ଆଇଆଇସି ମେଟେରିଆଲ୍ ?ର ସଠିକ ବ୍ୟବହାର ଇତ୍ୟାଦି ମୁଖ୍ୟ ବିଷୟରେ ବ୍ୟାପକ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନ୍ମୟୀ ପ୍ରଭା ଗନ୍ତାୟତ ସହିତ ଟିକିନା ରାଣୀ ସ୍ୱାଇଁ, ସୋନାଲି ସାହୁ ଓ ଏ ଏନ ଏମ ଝିଲ୍ଲୀ ନାୟକ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମକୁ ସଫଳ କରିବାରେ ସଞ୍ଜୟ କୁମାର ରାଉତ, ହୋସନା ଅକ୍ତାରୀ, ଶିବାନୀ ପାଣିଗ୍ରାହୀ, ନିରୁପମା ତାଣ୍ଡି, ଦୀପ୍ତି ପତି, ଓବେଦ ସିଂ, ଅଶୋକ ଦିଗାଲ, ଭୂପତି ବେହେରା, ପ୍ରିୟତମା ନାୟକ, ପପୁନ ସାହୁ ଓ ସମସ୍ତ ସୁପରଭାଇଜର ଦିଦିମାନେ ଉପସ୍ଥିତ ଥିଲେ ଏବଂ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ଏହି ତାଲିମ୍ ମାଧ୍ୟମରେ ଅଙ୍ଗନବାଡି କର୍ମୀମାନେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସୁରକ୍ଷାରେ ନିଜ ଭୂମିକାକୁ ଆହୁରି ଦୃଢ କରିବା ପାଇଁ ପ୍ରେରିତ ହୋଇଥିଲେ। ସମାଜର ସ୍ୱାସ୍ଥ୍ୟ ଓ ପୋଷଣ ଉନ୍ନତି ପାଇଁ ଏପରି ପ୍ରଶିକ୍ଷଣ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆଶା ପ୍ରକାଶ କରାଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଡୁମେରବାହାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଚଲାନପଡ଼ା କ୍ଲଷ୍ଟରର ସିଆରସିସି ବିଶ୍ୱାମିତ୍ର ବନଛୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ଦାଶ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମୁଣ୍ଡ, ସମ୍ମାନିତ ବକ୍ତା ଭାବେ ଖଡିଆଳ ପାଟଣା କ୍ଷତ୍ରିୟ ସମାଜର ପୂର୍ବତନ ମୁଖ୍ୟ ସମ୍ପାଦକ ବୃନ୍ଦାବନ ବାରିକ, ଅବସର ଗ୍ରହଣ କରିଥିବା ଶିକ୍ଷକ ସୁଦର୍ଶନ ପରାଭୁଏ, ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ନମିତା ସେନାପତି ମଂଚାସିନ ଥିଲେ। ଅବସର ଗ୍ରହଣ କରିଥିବା ସେନାପତି ଓ ଅବସର ଗ୍ରହଣ କରିଥିବା ଶ୍ରୀ ପରାଭୁଏଙ୍କ ଶିକ୍ଷକ ଜୀବନରେ କରି ଯାଇଥିବା ବିଭିନ୍ନ କାର୍ଯ୍ୟ ଓ ବ୍ୟକ୍ତିଗତ ଜିବନୀ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସଭାରେ ଚଲାନପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀରାରାଣୀ ପଣ୍ଡା, ମହୁଲମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ମାଝୀ, ଚଲାନପଡା ଉଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତିଳୋତମା ପାଣିଗ୍ରାହୀ, ଖୁଦପେଜ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ଯୋଶୀ, ଗୋଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟତ୍ରୀ ପୁଷ୍ପାମଞ୍ଜରୀ ଦଳପତି,ଡୁମେରବାହାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତନୁଜା ଦଣ୍ଡସେନା, ଠେଲକୋଡୁଙ୍ଗୁରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ବିଭାର, କମାଯୋରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କୁମୁଦିନୀ ଯୋଶୀ, କାସିପଲା ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟତ୍ରୀ ଗୀତାଞ୍ଜଳି ଚଲାନ, ମମତା ଶବର, ମାଧୁରୀ ଶବର, ନିଲେନ୍ଦ୍ରି ନିଆଲ, ରଞ୍ଜିତା ବଉକ, ସରିତା ବାରିକ, ସୁଜାତା ବାରିକ, ବିନୋଦିନୀ ଯୋଶୀ, ସ୍ମିତା ବେହେରା, ରାଜ ବିହାରୀ ଭୋଇ ପ୍ରମୁଖ ଉପସ୍ଥିତ ରହି ବିଦାୟ ନେଇ ଥିବା ଶିକ୍ଷକ ଶ୍ରୀ ପରାଭୁଏ ଓ ଶିକ୍ଷୟତ୍ରୀ ଶ୍ରୀମତୀ ସେନାପତିଙ୍କ ଶିକ୍ଷା ବିଭାଗକୁ ଦେଇଥିବା ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟତ୍ରୀ ଶ୍ରୀମତୀ ଦଳପତି ଅତିଥିଙ୍କୁ ମଂଚକୁ ଆବାହନ କରିଥିବା ବେଳେ ସିଆରସିସି ଶ୍ରୀ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

# ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

ଜୟପୁର: ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ କୁନ୍ଦୁରାଠାରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଅଧ୍ୟୟନ ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କୋରାପୁଟ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଜୁନିଅର୍ ରେଡକ୍ରସର ଉପାଧକ୍ଷାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କାଟପାଡ ବିଧାୟକ ରୂପୁ ଭାତ୍ରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ କନକଲତା ପେଣ୍ଡିଆ, କୁନ୍ଦୁରା ଉପାଧ୍ୟକ୍ଷ ତରଣିସେନ ବିଶୋଇ, କୁନ୍ଦୁରା ସରପଂଚ ଲବ ପରଜା, କୁନ୍ଦୁରା ସମିତି ସଭ୍ୟ ଦାମୋଦର ଗଣ୍ଡ, ପ୍ରତିନିଧି ଅମ୍ବୁ ପାତ୍ର, ରାଜ୍ୟ ଜୁନିଅର ରେଡକ୍ରସ୍ ସାଧନକର୍ମୀ ଯଜ୍ଞେଶ୍ୱର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ପ୍ରଥମେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ କୁନ୍ଦୁରାର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଜିଲ୍ଲା ଜୁନିଅର୍ ରେଡକ୍ରସ ଅଧିକାରୀ ହରେକୃଷ୍ଣ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ପୂଜାରୀ ଶିବିର ବିବରଣୀ ପାଠ କରିଥିଲେ। ଏହାପରେ ଦୁଇ ଜଣ ଜୁନିଅର୍ ନିଜର ଅନୁଭୂତି କହିଥିଲେ। ଅତିଥିଙ୍କ ଦ୍ୱାରା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଜିଲ୍ଲା ସାଧନ କର୍ମୀ ଜ୍ୟୋତି ରଞ୍ଜନ ନନ୍ଦ ସଭା ସଂଚାଳନ କରିଥିଲେ। କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ । ଅନ୍ତିମରେ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁକ୍ତେଶ୍ୱରଙ୍କ ଜୀର୍ଣ୍ଣୋଦ୍ଧାର ଉତ୍ସବ



ଦାରିଙ୍ଗବାଡ଼ି : କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁଠାରେ ମୁକ୍ତେଶ୍ୱର ମହାରୁଦ୍ରଙ୍କ ଜୀର୍ଣ୍ଣୋଦ୍ଧାର ଭବ୍ୟ ମନ୍ଦିର ଓ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ମହାସମାରୋହ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦୀକ୍ଷା ଗ୍ରହଣ ଓ ଅଙ୍କୁରରୋପଣ କରାଯାଇଥିବା ବେଳେ ଶୁକ୍ରବାର କଳସ ଯାତ୍ରା ଯଜ୍ଞଆରମ୍ଭ, ମଣ୍ଡଳ ଦେବତା ପୂଜା ହୋମ ଓ ବନଯୋଗ କାର୍ଯ୍ୟକ୍ରମ କରାଯାଉଛି। ପ୍ରଥମେ ସମସ୍ତେ ମୁକ୍ତେଶ୍ୱରଙ୍କ ମନ୍ଦିରରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଏକାଠି ହୋଇ ସେଠାରୁ ବିରାଟ ଶୋଭାଯାତ୍ରାରେ ବାହାରି ଝିଞ୍ଜିରୀଗୁଡ଼ାର ଜଳତୁଠରେ ପହଞ୍ଚି ସେଠାରେ ଇନ୍ଦ୍ର ପୂଜନ, ଗଙ୍ଗା ପୂଜନ ପରେ ପୁଣି ବିରାଟ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଫେରିଥିଲେ। ପ୍ରକାଶ ଯେ, ଏହି କାର୍ଯ୍ୟକ୍ରମ ପାଇଁ ବ୍ରାହ୍ମଣୀଗାଁ ଏବେ ଉତ୍ସବ ମୁଖର ହୋଇଛି। ତୋରଣ ଓ ଆଲୋକମାଳାରେ ବ୍ରାହ୍ମଣୀଗାଁ ଏବେ ଝଲସିଉଠୁଛି। କାର୍ଯ୍ୟକ୍ରମକୁ ମନ୍ଦିର କମିଟି ଓ ଗ୍ରାମବାସୀ ଆୟୋଜନ କରିଥିବା ବେଳେ ଏହାକୁ ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ୫ ଦିନ ଧରିଚାଲିବ। ଆସନ୍ତା ସୋମବାର ଉଦ୍ ?ଯାପିତ ହେବ। ଏହି ପାଞ୍ଚଦିନ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଦେବତାମାନଙ୍କ ମହାସ୍ନାନ, ରତ୍ନମୁଦ, ମହାରୁଦ୍ରାଭିଷେକ, ମନ୍ଦିର ପ୍ରବେଶ, ଘୃତ ଯଜ୍ଞ, ନାମଯଜ୍ଞ ଆଦି ପାଳନ କରାଯାଉଛି। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲା ସମେତ ପଡ଼ୋଶୀ ଗଞ୍ଜାମ, ଗଜପତି, ରାୟଗଡ଼ା ସମେତ ଅନ୍ୟ ଜିଲାର ଶ୍ରଦ୍ଧାଳୁମାନେ ଯୋଗଦେଇ ଦର୍ଶନ କରୁଥିବା ଜଣାପଡ଼ିଛି।

# ହାତୀ ସୁରକ୍ଷା ସଚେତନତା

ଚମ୍ପୁଆ : ଚମ୍ପୁଆ ବନାଞ୍ଚଳ ବାଲିବନ୍ଧ ସେକ୍ସନ ଅନ୍ତର୍ଗତ ଗୁଗୁଦରୀ ଗ୍ରାମରେ ମା' ଦୁଆରଶୁଣି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ହାତୀ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ହୋ ସମାଜ ମହାସଭା ଜିଲ୍ଲା ସଭାପତି ଗୌର ଚନ୍ଦ୍ର ମୁଣ୍ଡା, ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର ଜେନା, ଫରେଷ୍ଟ ଗାର୍ଡ କିରାଣୀ ମହାରଣା, ଫରେଷ୍ଟ ଗାର୍ଡ ଉମେଶ ଦାସ ପ୍ରମୁଖ ଯୋଗଦେଇ ହାତୀ ସୁରକ୍ଷା ନେଇ ଗ୍ରାମବାସୀ ଓ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରିଥିଲେ । ଜନସାଧାରଣଙ୍କ ସହଯୋଗ ବିନା ଜଙ୍ଗଲ ପରିବେଶ ଓ ହାତୀ ସୁରକ୍ଷା ଅସମ୍ଭବ ବୋଲି ଅତିଥି ମାନେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପଦ୍ମନାଭ ପ୍ରଧାନ, ଦାରିଦ୍ର୍ୟ ଭଞ୍ଜନ ବାରିକ, କର୍ମଚାରୀ ପ୍ରତାପ ଚନ୍ଦ୍ର ମହାନ୍ତ, ହରିହର ପ୍ରଧାନ, ହାତୀ ସୁରକ୍ଷା କର୍ମୀ ଗ୍ରୁପ୍ ମୁଖ୍ୟ ହୃଦାନନ୍ଦ ପାତ୍ର, ସଦସ୍ୟ ହରଭଜନ ମହାନ୍ତ, ବୁଲୁ ନାଏକ, ଦୁର୍ଯ୍ୟୋଧନ ପାତ୍ର, ରାଜାରାମ ଓରାମ, ପୁକାମ ମୁଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ଗ୍ରାମର ବହୁ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।

# ବାଙ୍କଟିଗୁଡ଼ା ଗ୍ରାମରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ମାଲକାନଗିରି : ଖଇରପୁଟ ବ୍ଲକ ପୋଡଘାଟ ପଂଚାୟତ ଅନ୍ତର୍ଗତ ବାଙ୍କଟିଗୁଡା ଗ୍ରାମର ତୁଳସୀ କ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଏହାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା କାଲି ୨୧ ତାରିଖି ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ, ପ୍ରଥମ ଦିନରେ ଜଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ୧୦୮ ଜଣ ମହିଳା ନିକଟସ୍ଥ ଫୁଲେଇ ନଦୀରୁମୁଣ୍ଡରେ ଜଳ କଳସ ଧରି ଏକ ବିରାଟ ଶୋଭାଯାତ୍ରାରେ ମନ୍ଦିର ପରିସରରେ ପହଂଚି କଳସ ସ୍ଥାପନ କରିଥିଲେ । ଏହାପରେ ଗଞ୍ଜାମ ଜିଲ୍ଲାର ଶରଧାପୁରରୁ ଆସିଥିବା ମୁଖ୍ୟ ଯଜ୍ଞ ଆଚାର୍ଯ୍ୟ, ପୁରୋହିତ ଗୋଦାବରୀଶ ହୋତା, ଶଶାଙ୍କ ଭୁଷଣ ହୋତା, ବିନାୟକ ଆଚାର୍ଯ୍ୟ ପ୍ରମୁଖ ଯଜ୍ଞ ବେଦୀରେ ବୈଦିକ ରୀତିନିତୀ ରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ଏଥିରେ ଗ୍ରାମର ମୁଖ୍ୟ କର୍ତା ଭାବେ ସନୀଆ ଦାସା, ବନ୍ଧୁ କପେ, ନକୁଳ ଦାସା, ନରସିଂହ ପୁଟିଆ ଓ ସୋମନାଥ ମାଡି ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ସିରିପେଟା ଦୟଣା କ୍ଷେତ୍ରର ମହନ୍ତ ବ୍ରହ୍ମାନନ୍ଦ ଦାସ, ଜଗନ୍ନାଥ ମନ୍ଦିର ପୂଜକ ଡମ୍ବୁ ଦାସା ଓ ଇସ୍କନ ସଂସ୍ଥା ର ପ୍ରଚାରକ ରଥରାଜ ଗୌରାଙ୍ଗ ଦାସ ଉପସ୍ଥିତ ରହି ବୈଦିକ ଓ ବୈଷ୍ଣବ ରିତୀନିତି ଅନୁସାରେ ଅଷ୍ଟପ୍ରହରୀ ନାମଯଜ୍ଞ ଭଳି ସମସ୍ତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଥିଲେ । ଗତକାଲି ଅପରାହ୍ନ ୪ଟା ସମୟରେ ଶାସ୍ତ୍ର ଓ ବେଦମନ୍ତ୍ର ପାଠ କରାଯାଇ ଚତୁର୍ଦ୍ଧାମୂର୍ତିଙ୍କୁ ନୂତନ ମନ୍ଦିରର ଗର୍ଭଗୃହରେ ତିଆରି ହୋଇଥିବା ଆସନରେ ପ୍ରତିଷ୍ଠିତ କରାଯାଇଥିଲା, ଏହି ସମୟରେ ଭକ୍ତମାନଙ୍କର ଉତ୍ସାହ ଦେଖିବାକୁ ମିଳିଥିଲା, ଶଙ୍ଖଧ୍ୱନି, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଏକ ଅଲୌକିକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଶେଷରେ ଭକ୍ତମାନେ ଆନନ୍ଦ ବଜାରରେ ପ୍ରସାଦ ସେବନ କରି ଆନନ୍ଦିତ ମନରେ ଘରକୁ ଫେରିଥିଲେ । ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ବାଙ୍କଟିଗୁଡା ତୁଳସୀ କ୍ଷେତ୍ର ଟ୍ରଷ୍ଟ ସଭାପତି ଲବ କର୍ଲାଆ, ଜଗବନ୍ଧୁ ବାରିକ, ଉର୍ଦ୍ଧବ ଦାସା, ପ୍ରିତମ ଗୁଡତେଲୀ, ବାଗନା ଦାସା,ସନୀଆ ଦାସା, ସମାରୁ ଫୁଲା, ମାଧବ ଦାସା, ଗୌତମ କାଲାକୁରା, ଘନେଶ୍ୱର ଦଳେଇ,ମଧୁ ଭୂମିଆ, ମୁକୁନ୍ଦ ଦାସା,ବାଗା କପେ, ସନା ଦାସା, ସୁମିତ୍ରା ଦାସା, ବୃନ୍ଦା ଦାସା, ଭଗବାନ ସାହୁ, ରବିନ୍ଦ୍ର କୁମାର ମିଶ୍ର, ହିମାଂଶୁ ଶେଖର ସ୍ୱାଇଁ ଅନୁପ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଦେଶୀମଦ ବେପାରି ଗିରଫ

କୋରାପୁଟ : ଦେଶୀମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା କଳାଗୁଡାର ଅମିତ କୁଳଦିପ । ସୂଚନା ଅନୁଯାୟୀ, ଏକ ବାଇକରେ ଜୟପୁର ସହରକୁ ଦେଶି ମଦ ଚାଲାଣ ହେଉଥିବା ଖବର ପାଇ ଜୟପୁର ଅବକାରି ଥାନା ଆଜି କୁନ୍ଦାରିଗୁଡା ସାହି ରାସ୍ତାରେ ଚଢଉ କରିଛି । ଚଢଉ କରି ୪୦ ଲିଟର ଦେଶି ମଦ ସହ ବାଇକ କୁ ଜବତ କରିଛି । ଗିରଫ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

# ଜୟପୁର ପୌରସଂସ୍ଥାର ସ୍ୱତନ୍ତ୍ର ବୈଠକ

ଜୟପୁର: କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ଏକ ସ୍ୱତନ୍ତ୍ର ଜରୁରୀକାଳିନ ବୈଠକ ଜୟପୁର ପୌରସଂସ୍ଥାର ସଭାଗୃହ ଠାରେ ମଧ୍ୟାହ୍ନ ସାଢେ ୧୨ ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତରା ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକକର ପ୍ରାରମ୍ଭରୁ ସହରର ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ରହିଥିବା ନେଇ କାଉନସିଲର ମାନେ ଅସନ୍ତୋଷ ପ୍ରକୋଟ କରିଥିଲେ । ଏହିପରି ଉନ୍ନତୀମୂଳକ କାର୍ଯ୍ୟକୁ ହଠାତ ବନ୍ଦ କରାଯିବାକୁ ନେଇ ପ୍ରଥମେ ୨୮ ନମ୍ବର ୱାର୍ଡର କାଉନିସଲର ଯଶପାଲ ସିଂ ପ୍ରଶ୍ନ କରିଥିଲେ । ଆଗାମୀ ଦିନରେ ରାଜ୍ୟରେ ଗଠିତ ନୂତନ ପୌରସଂସ୍ଥା ଏବଂ ଏନଏସିରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଘୋଷଣା କରାଗଲେ ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ହୋଇଯିବ । ତେଣୁ ବଳକା ରହିଥିବା ସମସ୍ତ ଉନ୍ନତୀମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ କାଉନସିଲର ମାନଙ୍କ ପକ୍ଷରୁ ଦାବି କରାଯାଇଥିଲା । ଏହାପରେ ଚଳିତ ମାସ ୨୮ ତାରିଖରେ ଜୟପୁର ପୌରସଂସ୍ଥାର ପରିମଳ ଓ ସଫେଇ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ସମୟ ଶେଷ ହେଉଥିବା ଯୋଗୁଁ ପୁଣି ଉକ୍ତ ସଂସ୍ଥାର ସମୟ ଅବଧିକୁ ବୃଦ୍ଧି ନ କରିବାକୁ ଅଧିକାଂଶ କାଉନସିଲର ମତ ଦେଇଥିଲେ । ତେଣୁ ଆଗାମୀ ୧୫ ଦିନରୁ ଏକ ମାସ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରାଯାଇ ଟେଣ୍ଡର ମାଧ୍ୟମରେ ସହରର ପରିମଳ ଓ ସଫେଇ ଦାୟୀତ୍ୱ ପ୍ରଦାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଅନ୍ୟ ପକ୍ଷରେ ସହରରୁ ନିର୍ଗତ ଅଳିଆ ଆବର୍ଜନାକୁ ସହରର ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର (ଏମସିସି) ଗୁଡିକ ରହିଛି । ସେହିପରି ସହରର ଟ୍ରାଫିକ, ସହରାଂଚଳରେ ଚିକିତ୍ସାରେ ସମସ୍ୟା ନେଇ କାଉନସିଲର ମାନେ ଉଦବେଗ ପ୍ରକାଶ କରିଥିଲେ । ଏହିପରି କେତେ ସଂଖ୍ୟାରେ ନୂତନ ଟ୍ରେଡ ଲାଇସେନ୍ସ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି, ଯେଉଁମାନେ ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟ କରୁଛନ୍ତି ସେମାନଙ୍କୁ ତୁରନ୍ତ ନୋଟିସ କରିବାକୁ କାଉନସିଲର ବି. ବିଷ୍ଣୁବର୍ଦ୍ଧନ ରେଡ୍ଡି ଦାବି କରିଥିଲେ । ତେଣୁ ତୁରନ୍ତ ପୁଲିସକୁ ସହରର ଟ୍ରାଫିକ ନିୟନ୍ତ୍ରଣ ଏବଂ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ସହରାଂଚଳରେ ଉପଯୁକ୍ତ ଡାକ୍ତରଙ୍କୁ ନିଯୁକ୍ତି ଏବଂ ସଫଳ ଚିକିତ୍ସା ବ୍ୟବସ୍ଥା କରିବାକୁ ଆଲୋଚନା କରାଯିବ । ସେହିପରି ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟୀ କରୁଥିବା ଲୋକଙ୍କୁ ନୋଟିସ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡି ସୂଚନା ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ପୌର ନିର୍ବାହୀ ଅଧିତାରୀ ପୂଜା ରାଉତ, ପୌରଯନ୍ତ୍ରୀ ଅଜୟ ଜାନୀ, ମୁଖ୍ୟ ସେକ୍ସନ ଅଧିକାରୀ ସୁକଦେବ ବେହେରା, କାଉସିଲର ପ୍ରଣବ କିଶୋର ନାୟକ, ଦେବରାଜ ଚୌଧୁରୀ, ସିମାଂଚଳ ବିଶୋୟୀ, ସୁଷମା ମହାପାତ୍ର, ପଦ୍ମା ରେଡ୍ଡି, ଶଶିରେଖା ପରଜା, ଅର୍ପିତା ଷଡଙ୍ଗୀ, ପାର୍ଥ ସାରଥୀ ମଲ୍ଲିକ, ଅଜିତ ବେହେରା, ଗୋପୀନାଥ ମହାନ୍ତି, ମଧୁସ୍ମିତା ଓରାନ, ରବିନ୍ଦ୍ର ସାହୁ ପ୍ରମୁଖ ଏବଂ ବିଭିନ୍ନ ବିଭାଗିୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ମାତୃଭାଷାର ବ୍ୟବହାର ଓ ବିକାଶ ପ୍ରୟାସ: ମହାସଂଘ

ବ୍ରହ୍ମପୁର(ପିପିଏସ୍): କଳା ଓ କଳାକାର ହିତୈଷୀ ମହାମଞ୍ଚ 'ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ' ପକ୍ଷରୁ ବାଲାଜୀପେଣ୍ଠ ସାହିସ୍ଥିତ ମହାସଂଘ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ମହାସଂଘ ମହାସଚିବ ସୁବାଷ ଚନ୍ଦ୍ର ସାହୁ ରୋଶନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ କଳାକାର ନୀଳାମ୍ବର ସାହୁ, ତବଲାବାଦକ ସୁମତି ସାହୁ, ଲୋକ ନାଟକ କଳାକାର ଦୀନବନ୍ଧୁ ପାତ୍ର ପ୍ରମୁଖ ଅତିଥିଭାବରେ ଯୋଗଦେଇ ନିଜ ନିଜ ମାତୃଭାଷାର ପ୍ରଚୁର ବ୍ୟବହାର ଓ ତାହାର ପ୍ରସାର ମଧ୍ୟରେ ଜାତୀୟ ପ୍ରଗତି ସଙ୍ଗୋପିତ ହେତୁ କଳାକାର ସମାଜ ନିଜର ନୈତିକ ମୂଲ୍ୟବୋଧଭିତ୍ତିରେ ତାହା ସମ୍ପାଦନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ମହାସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା.ତିରୁପତି ସାହୁ ଏବଂ କାର୍ଯ୍ୟକାରୀ ସଭାପତି ବରିଷ୍ଠ ଶିଶୁ ସାହିତ୍ୟିକ ଡଃ. ବିଜୟଚନ୍ଦ୍ର ମହାରଣା ଭିଡିଓ କନଫରେନ୍ସ ଯୋଗେ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଥିଲେ। ଉପମହାସଚିବ ପ୍ରଦୀପ କୁମାର ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିବରାମ ସାବତ, ଜି.କାମରାଜୁ ପାତ୍ର, ଟୁଟୁ ସାହୁ, ଈଶ୍ୱର ଗୌଡ଼, ତବତ ସାହୁ, କେଶବ ସିଅ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ କୋଷାଧକ୍ଷ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହିଦ୍ ସୁଶାନ୍ତଙ୍କ ପରିବାରକୁ ପ୍ଲଟ୍ ପ୍ରଦାନ



ବ୍ରହ୍ମପୁର(ପିପିଏସ୍): ୨୦୦୭ରେ ଗସ୍ମା ଜଙ୍ଗଲରେ ମାଓବାଦୀଙ୍କ ସହ ଲଢ଼େଇକରି ଶହୀଦ୍ ହୋଇଥିଲେ ବ୍ରହ୍ମପୁର ପୁଲିସ ଜିଲ୍ଲାର କନେଷ୍ଟବଳ ସୁଶାନ୍ତ ଗୌଡ଼। ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ ଏକ ପ୍ଲଟ୍ ପ୍ରଦାନ କରାଯାଇଛି । ଗୁରୁବାର ବ୍ରହ୍ମପୁର ଏସ୍‌ପି ଡ଼ା.ସର୍ବଣା ବିବେକ ଏମ୍ ନିଜ କାର୍ଯ୍ୟାଳୟରେ ଶହୀଦ ସୁଶାନ୍ତ ଗୌଡ଼ଙ୍କ ପରିବାରକୁ ୪୦ଡେସିମିଲର ଗୋଟିଏ ପ୍ଲଟ୍‌ର ଦସ୍ତାବିଜ ପ୍ରଦାନ କରିଥିଲେ। ଏହି ସମୟରେ ସଦର ଏସ୍‌ଡ଼ିପିଓ ଏସ୍.ଏସ୍ ପରିଡା, ରିଜର୍ଭ ଇନ୍ସପେକ୍ଟର ଏମ୍.ଲକ୍ଷ୍ମୀରଞ୍ଜନ ଓ କନେଷ୍ଟବଳ ଓ ହାବିଲଦାର ସଂଘର ସମ୍ପାଦକ ପ୍ରଶାନ୍ତ ମହାରଥୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## 'ତୈଳ ଓ ଗ୍ୟାସ ସଂରକ୍ଷଣ' ସଚେତନତା

**ଭୁବନେଶ୍ୱର (ପିପିଏସ୍):** ଆଇଆଇଏମ୍‌ଟି ଭୁବନେଶ୍ୱର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସହଯୋଗରେ ଆୟୋଜିତ ଏହି ସମାରୋହରେ 'ଶିଳ୍ପ ଏବଂ ଘରୋଇ ବ୍ୟବସ୍ଥା ପାଇଁ ନବୀକରଣୀୟ ଶକ୍ତି ସଂରକ୍ଷଣ ରଣନୀତି' ଶୀର୍ଷକ ଏକ ଆଲୋଚନାଚକ୍ର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଇଆଇଏମ୍‌ଟିର ଆସୋସିଏଟ୍ ଡିନ୍ ପ୍ରଫେସର ସ୍ମୃତିରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଆଇଏମ୍‌ଟିର ଅଧକ୍ଷ ଡ. ଶ୍ରୀକାନ୍ତ ପଟ୍ଟନାୟକ ଏହି ସମାରୋହରେ ଅଧକ୍ଷତା କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜୟଦେବ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ଉପ-ମହାପ୍ରବନ୍ଧକ ଇଞ୍ଜିନିୟର ନିଗମାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ଭାରତୀୟ ସେନା ଆର୍ମି ହେଡକ୍ୱାର୍ଟର୍ସ ଇଞ୍ଜିନିୟର୍ସ ବ୍ରାଞ୍ଚର ନିର୍ଦ୍ଦେଶକ ଇଞ୍ଜିନିୟର ରାଧାମୋହନ ରାଉତ ଯୋଗ ଦେଇଥିଲେ।

## ଦୀପ ନିଆଁରୁ ଜଳିଗଲେ ମହିଳା

**ଭୁବନେଶ୍ୱର (ପିପିଏସ୍):** ମଞ୍ଚେଶ୍ୱର ଥାନା ସତ୍ୟବିହାର ତ୍ରଏମ୍ବକେଶ୍ୱର ମନ୍ଦିର ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି। ଦୀପ ଜାଳୁଥିଲା ବେଳେ ଜଣେ ନର୍ସ ପୋଡ଼ି ଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ନର୍ସଙ୍କ ବୟସ ୨୯। ସେ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଥିଲା ବେଳେ ସତ୍ୟବିହାର ଅଞ୍ଚଳରେ ରହୁଥିଲେ। ଶୁକ୍ରବାର ଦିନ ୧୦ଟା ସମୟରେ ସେ ମନ୍ଦିର ଯାଇଥିଲେ। ପୂଜା ପାଇଁ ଦୀପ ଲଗାଉଥିଲା ବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ସେ ପଡ଼ିଆକୁ ଦୌଡିଥିଲେ। ସେଠାରେ ସ୍ଥାନୀୟ ଲୋକେ ତାଙ୍କ ଉପରେ ପାଣି ଢାଳି ତୁରନ୍ତ ଉଦ୍ଧାର କରିଥିଲେ। ହେଲେ ମହିଳା ଜଣଙ୍କ ୫୦ପ୍ରତିଶତ ପୋଡି ଯାଇଛନ୍ତି। ତେବେ ମନ୍ଦିରରେ ଦୀପ ଷ୍ଟାଣ୍ଡରେ ଅସାବଧାନତା ଯୋଗୁଁ ଏଭଳି ଅଘଟଣ ଘଟିଛି। ଦୀପ ସଂଖ୍ୟା ଅଧୀକ ହେବାରୁ ଏଗୁଡ଼ିକୁ ଅନ୍ୟତ୍ର ଫୋପାଡ଼ିବା ବଦଳରେ ମନ୍ଦିର କର୍ମଚାରୀ ତଳେ ଫୋପାଡି ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଫଳରେ ମହିଳା ଭକ୍ତଙ୍କ ଦେହରେ ଅଗ୍ନି ସଂଯୋଗ ହୋଇଥିଲା।

## ଛାତ୍ରଙ୍କ ମୃତଦେହ ମିଳିଲା

**ଭୁବନେଶ୍ୱର (ପିପିଏସ୍):** ବିପଦଜନକ ଅବସ୍ଥାରେ ସେଲ୍ଫି ନେବା ଛାତ୍ରଙ୍କ ପାଇଁ କାଳ ହୋଇଛି। ଫଟୋ ଉଠାଇବା ବେଳେ ମୋରମ୍ ଖଣିରେ ପଡ଼ି ପ୍ରାଣ ହରାଇଛନ୍ତି। ଦାରୁଠେଙ୍ଗସ୍ଥିତ ଭୁଆସୁଣୀ ଡମ୍ପିଂ ୟାର୍ଡ୍ ନିକଟସ୍ଥ ମୋରମ୍ ଖଣିରେ ଏଭଳି ଅଘଟଣ ଘଟିଛି। ମୃତକ ହେଉଛନ୍ତି ୟୁନିଟ୍ ୬ ଅଞ୍ଚଳର ଆଦିତ୍ୟ ଅଭିଜିତ (୨୦)। ସୂଚନା ଅନୁଯାୟୀ, ଅଭିଜିତ ଇନଫୋସିଟି ଥାନା ଅଧୀନସ୍ଥ ଘରୋଇ କଲେଜରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢୁଥିଲେ। ଶୁକ୍ରବାର ଅପରାହ୍ଣରେ ଅଭିଜିତ ଓ ତାଙ୍କ ସାଙ୍ଗମାନେ ଦାରୁଠେଙ୍ଗ ଭୁଆସୁଣୀ ଡମ୍ପିଂ ୟାର୍ଡ ଅଞ୍ଚଳକୁ ବୁଲାବୁଲି କରିବାକୁ ଯାଇଥିଲେ। ଅଭିଜିତ ନିକଟସ୍ଥ ଏକ ମୋରମ୍ ଖଣି ପାଖରେ ସେଲ୍ଫି ନେଉଥିବା ବେଳେ ଅସାବଧାନତା ବଶତଃ ଖଣି ଭିତରକୁ ପଡ଼ି ଯାଇଥିଲେ। ପ୍ରାୟ ୨୦ ଫୁଟ ତଳକୁ ଖସି ପାଣିରେ ପଡ଼ିଥିଲେ। ଜଣେ ସାଙ୍ଗ ତାଙ୍କୁ ଉଦ୍ଧାର କରିବାକୁ ପାଣି ଭିତରକୁ ଡେଇଁଥିଲେ ମଧ୍ୟ ପାରିନଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଫାୟାର ଷ୍ଟେସନର ଅଧିକାରୀ ବିପ୍ଳବ କୁମାର ଜେନା ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ୟୁବ୍ ସାହାଯ୍ୟରେ ପାଣି ଭିତରକୁ ପଶି ଖୋଜାଖୋଜି କରିଥିଲେ। ୨୦ ମିନିଟର ଅପରେସନ ପରେ ଅଭିଜିତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚନ୍ଦକା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

## ପଞ୍ଚଦଶ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେଉଥିବା ପଞ୍ଚଦଶ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ପଞ୍ଚଦଶ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ଫେବୃଆରୀ ୭ ତାରିଖରେ ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିର, କପିଳେଶ୍ୱରପୁର ଠାରୁ ନିଜର ପରିକ୍ରମା ଆରମ୍ଭ କରିଥିଲେ। ଏହାପରେ ଆର୍ତ୍ତତ୍ରାଣ ଗାଦି, ଶ୍ରୀ ମାଧବାନନ୍ଦ ଜୀଉ ମନ୍ଦିର, ଦେଉଳୀ ମଠ, କେଳୁଣୀ ମୁହାଣ, କ୍ଷୀରଗଛ ମଠ ଏବଂ ଶେଷରେ ଅନ୍ତର୍ବେଦୀ ମଠ, ତ୍ରିବେଣୀ ତୀର୍ଥ ଠାରେ ନିଜର ପରିକ୍ରମା ସମାପ୍ତ କରିଥିଲେ। ସାତ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ବିଭିନ୍ନ ମଠର ପରିକ୍ରମା କରିବା ସହିତ ପ୍ରାତଃ ପ୍ରାଚୀ ଆରତୀ ଓ ସନ୍ଧ୍ୟା ପ୍ରାଚୀନ ଆରତୀ, ସତସଙ୍ଗ, ପୂର୍ଣାହୂତି ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ତାଲା ଭାଙ୍ଗି ସରକାରୀ କ୍ୱାର୍ଟର୍ସରୁ ଚୋରି; ଦୁଇ ଗିରଫ

**ଭୁବନେଶ୍ୱର (ପିପିଏସ୍):** ତାଲା ଭାଙ୍ଗି ସରକାରୀ କ୍ୱାର୍ଟର୍ସରୁ ଚୋରି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବଡ଼ଗଡ଼ ଶବର ସାହି ବସ୍ତିରେ ରହୁଥିବା ବଟକୃଷ୍ଣ ସ୍ୱାଇଁ (୩୨) ଓ ୟୁନିଟ୍ ୨ ଅଞ୍ଚଳରେ ରହୁଥିବା ବାଦଲ ବେହେରା (୨୫)। ଘଟଣାରେ ସମ୍ପୃକ୍ତ ପପୁନି ଓ ଟିମ ଫେରାର ରହିଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତ ଗୁରୁବାର ସକାଳେ ୟୁନିଟ୍ ୨ ଅଞ୍ଚଳର ସରକାରୀ କ୍ୱାର୍ଟର୍ସରେ ରହୁଥିବା ଓକାକର କର୍ମଚାରୀ ଏନ୍ ତୁଳସୀ ରେଡ୍ଡୀ ଘର ତାଲା ପକାଇ ଅଫିସ୍ ଯାଇଥିଲେ। ସେହି ସମୟରେ ବଟକୃଷ୍ଣ, ବାଦଲ, ପପୁନି ଓ ଟିମା ମିଶି ତାଙ୍କ କବାଟ ତାଲା ଭାଙ୍ଗି ଘରେ ପଶିଥିଲେ। ଆଲମାରିରେ ଥିବା ୩ ହଳ ସୁନା କାନଫୁଲ, ଗୋଟିଏ ସୁନା ଲକେଟ୍, ଗୋଟିଏ ଆଇଫୋନ ଓ ୪ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ।

### ଜିଲ୍ଲାରେ ଧାନ ସଂଗ୍ରହ କାର୍ଯ୍ୟରେ ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି

# ପାକ୍ସ ସଭାପତି ଓ ବିବିସିସି ବ୍ୟାଙ୍କ ନିର୍ଦ୍ଦେଶକଙ୍କ ବିକ୍ଷୋଭ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ, (ପିପିଏସ): ଜିଲାରେ ଧାନ ସଂଗ୍ରହ କାର୍ଯ୍ୟରେ ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟିକୁ ନେଇ ସେବା ସମବାୟ ସମିତିର ସଭାପତି ଓ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏମାନଙ୍କର ଅଭିଯୋଗ ହେଲା ଗତ ଜାନୁଆରୀ ୫ ତାରିଖରେ ଧାନକିଣା ଆରମ୍ଭ ହୋଇଥିଲା। ଏହାମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ୍ୟ ଜିଲା ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ୪୦ ଲକ୍ଷ କ୍ୱିଂଟାଲ ମଧ୍ୟରୁ ମାତ୍ର ୫ ଲକ୍ଷ କ୍ୱିଂଟାଲ ଧାନ କିଣାଯାଇଛି। ବିଶେଷକରି ଧାନକ୍ରୟ ସମୟରେ ସାଧାରଣ ଚାଷୀଙ୍କର ବିଭିନ୍ନ ଛୋଟବଡ ସମସ୍ୟାକୁ ନିଜେ ସମାଧାନ ନକରାଇ ସମିତି ମୁଣ୍ଡରେ ଠେଲିଦେଲା ଭଳି କାର୍ଯ୍ୟ କରିବାରୁ ଆଜି ଏଭଳି ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଏଭଳି ପରିସ୍ଥିତି ଜାରି ରହିଲେ ଜିଲାର ଲକ୍ଷ୍ୟଧାର୍ଯ୍ୟ ପୂରଣ ହେବାନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।



ପ୍ରଶାସନିକ କର୍ତୃପକ୍ଷ ଓ ମିଲରମାନଙ୍କ ଅସହଯୋଗ କାରଣରୁ ଧାନସଂଗ୍ରହ କାର୍ଯ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଫଏକ୍ୟୁ ମାନର ଆଳରେ କଟନୀ ଛଟନୀ କରାଯାଇ ଚାଷୀମାନଙ୍କୁ ନାନା ହଇରାଣ କରୁଛନ୍ତି। ଏହାବ୍ୟତୀତ ଧାନ ମଣ୍ଡିରେ ପଡିରହିଥିବାରୁ ଷଣ୍ଢ, ଛେଳି ମୂଷାମାନେ ଖାଇ ନଷ୍ଟ କରିପକାଉଛନ୍ତି। ଏବେ ଚାଷୀ ଧାନ ବିକ୍ରି ପାଇଁ ବାରଓଳି ଶୁଣ୍ଠିପିଣ୍ଡା ହେଉଛି। ଏଭଳି ପରିସ୍ଥିତିରେ ପ୍ରଶାସନ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ହସ୍ତକ୍ଷେପ କରି ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଧାନର ଉପଯୁକ୍ତ ପ୍ରାପ୍ୟ ଦେବାକୁ ଆନ୍ଦୋଳନକାରୀଙ୍କ ପକ୍ଷରୁ ଦାବି କରାଯାଇଛି।

ବିଶେଷକରି ଚାଷୀମାନଙ୍କ ଗୋଟିଏ ଟୋକନ ଯେପରି ଲାପ୍ସ ନହୋଇ ସଂପୂର୍ଣ୍ଣ ଧାନ କିଣାଯିବ, ଏଥିପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି। ଧାନ କ୍ରୟକାରୀ ସଂସ୍ଥାର କର୍ମଚାରୀମାନେ ସରକାରଙ୍କ ନୀତି ନିର୍ଦ୍ଧାରଣ ଅନୁସାରେ ନିଷ୍ଠାର ସହ ନିଜ ଦାୟିତ୍ୱ ତୁଲାଇ ଚାଷୀଙ୍କ ଆଶା ପୂରଣ କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାକୁ ପ୍ରଶାସନକୁ ଦାବି କରାଯାଇଛି। ଚାଷୀମାନଙ୍କର ନ୍ୟାର୍ଯ୍ୟ ଦାବୀ ଓ ପ୍ରାପ୍ୟ ନମିଳିଲେ ଆସନ୍ତା ୪୮ ଘଂଟା ମଧ୍ୟରେ ସମିତି ମଣ୍ଡିରୁ ଧାନ ଉଠିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥା ଗ୍ରହଣ କରିବେ ବୋଲି ବିବିସିସି ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର, ନିର୍ଦ୍ଦେଶକ ପ୍ରକାଶଜ୍ୟୋତି ମହାକୁଡ, ରମେଶ ଚନ୍ଦ୍ର ଭାରତୀ, ରାହାଞ୍ଜ ସମବାୟ ସମିତି ସଭାପତି ତପନ ପଣ୍ଡା, ଗୁଜିଦରଡା ସମବାୟ ସମିତି ସଭାପତି ମହମ୍ମଦ ଫରାଦ ଆଲାମ ଖାନ୍, ଚଣ୍ଡିଗାଁ ସଭାପତି ବିକାଶ ମହାନ୍ତି, ଶ୍ରୀରାମ ସମବାୟ ସମିତିର ପ୍ରଭାତ ପଣ୍ଡା, ବସନ୍ତିଆ ସଭାପତି ବସନ୍ତ ବେହେରା, ପଧାନପଡା ସଭାପତି ସେକ୍ କଦମ, ଚାଇପୁର ସଭାପତି ଅଜୟ ନାୟକ, କେନ୍ଦୁଆପଦା ସଭାପତି ଜୟନ୍ତ ସାମଲ, ଯୋଗେନ୍ଦ୍ର କୁମାର ଘଡେଇ, ମଳୟ ରାଉତ, ନିତ୍ୟାନନ୍ଦ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଲୁଟିନେଲେ ୫୫ ଲକ୍ଷର ସୁନାଗହଣା

**ଭୁବନେଶ୍ୱର (ପିପିଏସ୍):** କିଛିଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇଛନ୍ତି ସିନ୍ଧି ଚୋର। ବରିଷ୍ଠ ନାଗରିକଙ୍କ ଘରେ ପଶି କଳାକନା ବୁଲାଇଛନ୍ତି। ଆଉ କେଉଁଠି ନୁହେଁ, ରାଜଧାନୀର ଅନ୍ୟତମ ପ୍ରମୁଖ ବରମୁଣ୍ଡା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଚୋରିର ଶିକାର ବରିଷ୍ଠ ନାଗରିକ ଜୀବନ ରଞ୍ଜନ ମହାପାତ୍ର ଏନେଇ ଭରତପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୫୫ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୧୧୧/୨୬ ରେ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ବରିଷ୍ଠ ନାଗରିକ ଜୀବନ ରଞ୍ଜନ ମହାପାତ୍ର ବରମୁଣ୍ଡା ବିଡିଏ ଡ୍ୟୁପ୍ଲେକ୍ସ ବି/୪୮ ରେ ରୁହନ୍ତି। ଗତ ୬ ତାରିଖ ଦିନ ସେ କୌଣସି କାମରେ ବାହାରକୁ ଯାଇଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘର ଭିତରେ ଥିବା ଆଲମାରି ଲକ୍ ଭାଙ୍ଗି ଦେଇଥିଲେ। ସେଥିରେ ଥିବା ସୁନା ହାର, ସୁନା ଚେନ, ସୁନା ଲକେଟ୍, ସୁନା ମୁଦି, ସୁନା ଚୁଡ଼ି, ସୁନା କାନଫୁଲ, ସୁନା ବାହୁଟି, ସୁନା ନାକ ଫୁଲ ଓ ଅନ୍ୟ ଅଳଙ୍କାର ଚୋରି କରି ନେଇଥିଲେ। ଏଥିସହିତ ପରିଚୟପତ୍ର, ଏଟିଏମ୍ କାର୍ଡ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ନଗଦ ଟଙ୍କା ମଧ୍ୟ ଚୋରି କରି ନେଇଛନ୍ତି।

ଶ୍ରୀ ମହାପାତ୍ର ଘରକୁ ଫେରିବା ବେଳକୁ ତାଲା ଭଙ୍ଗା ହୋଇଥିବା ଦେଖି ଘରକୁ ପଶିଥିଲେ। ଘରର ଆସବାବପତ୍ର ଏଣେତେଣେ ଖେଳାଇ ହୋଇ ପଡ଼ିଥିବା ଦେଖିଥିଲେ। ଆଲମାରି ଦେଖିବା ବେଳକୁ ସୁନାଗହଣା ସବୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶ୍ରୀ ମହାପାତ୍ର ଭରତପୁର ଥାନାରେ ଏତଲା ଦେଇଛନ୍ତି। ପ୍ରାୟ ୩୬୦ ଗ୍ରାମ ଓଜନର ସୁନାଗହଣା ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଫିଙ୍ଗର ପ୍ରିଣ୍ଟ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ପାଇ ପାରିନାହିଁ।

## ଆପାର୍ଟମେଣ୍ଟରେ ନିଆଁଲାଗି ୪ ଗୁରୁତର

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ଝାରପଡ଼ାସ୍ଥିତ ଗଣେଶ ମଣ୍ଡପ ନିକଟସ୍ଥ ନୀଳପଦ୍ମ ଆପାର୍ଟମେଣ୍ଟରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଆପାର୍ଟମେଣ୍ଟରେ ଥିବା ଦୁଇଟି ଫ୍ଲାଟ୍‌କୁ ଅଗ୍ନିକାଣ୍ଡ ବ୍ୟାପିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିକାଣ୍ଡ ଯୋଗୁଁ ୨୦ଜୀବନ ବାଜିରେ ଲାଗିଥିଲା ବେଳେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ତେବେ ୪ଜଣ ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟ ୨ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି। ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।



ଅଗ୍ନିଶମ ବିଭାଗର ସୂଚନା ମୁତାବକ, ଅପରାହ୍ଣ ୨.୪୭ ମିନିଟ୍‌ରେ ଆପାର୍ଟମେଣ୍ଟର ୫ମ ମହଲାରେ ଅଗ୍ନିକାଣ୍ଡ ଘଟିଥିବା ନେଇ ଅଗ୍ନିଶମ ବିଭାଗକୁ ସୂଚନା ମିଳିଥିଲା। ଏହାର ଗୋଟିଏ ମିନିଟ୍ ମଧ୍ୟରେ ଦମକଳ ବାହିନୀ ଆପାର୍ଟମେଣ୍ଟ ଅଭିମୁଖେ ବାହାରିଥିଲା। ଏହାରେ ଅଗ୍ନିକାଣ୍ଡ ଯୋଗୁଁ ଫସି ରହିଥିବା ଲୋକମାନଙ୍କୁ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଆଧୁନିକ ମେସିନ୍ ବ୍ୟବହାର କରାଯାଇଥିଲା। ଗୋଟିଏ ଘରେ ବରିଷ୍ଠ ନାଗରିକ ଦମ୍ପତି ଏବଂ ତାଙ୍କ ଝିଅ ରହୁଥିଲେ। ହଠାତ୍ ନିଆଁ ଲାଗିବା ପରେ ଧୂଆଁ ହୋଇଗଲା। ବୟସ୍କ ଲୋକେ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ସେମାନଙ୍କୁ ସୁରକ୍ଷିତ ଅବସ୍ଥାରେ ହସ୍ପିଟାଲ ପଠାଗଲା।

## ଘରେ ପଶି ଯୁବତୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ, ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** କର୍ମସ୍ଥଳରେ ଉପୁଜିଥିବା ବିବାଦ ଉଗ୍ରରୂପ ନେଇଛି। ଯୁବତୀଙ୍କ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି। ନ୍ୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିର କାଳିଆ ନାୟକ (୨୬)। ପୁଲିସ ସୂଚନାନୁସାରେ, ନ୍ୟୁ ଫରେଷ୍ଟ ପାର୍କ ଲେନ୍ ୬ ଅଞ୍ଚଳରେ ରହୁଥିବା ଅର୍ପିତା ପଲେଇ ଏକ ବେସରକାରୀ ଡାକ୍ତରଖାନାରେ ଚାକିରି କରୁଛନ୍ତି। ସେଠାରେ ଚାକିରି କରୁଥିବା ଜଳେନ୍ଦ୍ର ଜେନା ଓ ଅର୍ପିତା ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଗତକାଲି ସନ୍ଧ୍ୟାରେ ଜଳେନ୍ଦ୍ର ପ୍ରତିଶୋଧ ପରାୟଣ ହୋଇ କାଳିଆ ଓ ଅନ୍ୟ ସହଯୋଗୀଙ୍କ ସହ ଅର୍ପିତାଙ୍କ ଘରେ ପଶିଥିଲା। ସେଠାରେ ଗାଳିଗୁଲଜ କରିବା ସହ ଅର୍ପିତା ଓ ତାଙ୍କ ଭଉଣୀଙ୍କୁ ଜୀବନରୁ ମାରିବାର ଧମକ ଦେଇଥିଲେ। ଅଭିଯୁକ୍ତମାନେ ଏକ ଭଙ୍ଗା କାଚ୍ ବୋତଲ ସାହାଯ୍ୟରେ ଅର୍ପିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଅର୍ପିତା ଏନେଇ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା।




ଆଜି କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମୁକ୍ତିଲାଭ କଲା 'ରକ୍ତ ଗୋଲାପ'

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ' ସାରା ଓଡ଼ିଶାରେ ୩୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ସସପେନ୍ସ-ଥ୍ରୀଲର ସିନେମାରେ ଏଲିନା ସାମନ୍ତରାୟ, ହର ରଥ, ସମରେଶ ରାଉତରାୟ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ, ଅଭିଷେକ ଗିରି ପ୍ରମୁଖ ଅଭିନୟ କରିଛନ୍ତି। ଆଶିଷ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନା ଶିଶିର ପିନାକୀ ଦେଇଛନ୍ତି।

## ଦୁର୍ଘଟଣା ରୋକିବା ନେଇ କ୍ଯୁଟ୍‌ର ବୈଠକ

**ଭୁବନେଶ୍ୱର (ପିପିଏସ୍):** ସଡ଼କ ଦୁର୍ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ଶୁକ୍ରବାର କ୍ଯୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ କ୍ଯୁଟର ବରିଷ୍ଠ ଅଧିକାରୀ ଓ ଜିଆଇଜେଡ୍ ପ୍ରତିନିଧି ଦଳ ସହିତ ଆଲୋଚନା କରିଛନ୍ତି । ଏହି ବୈଠକରେ କ୍ୟାପଟେନମାନଙ୍କ ଗାଡ଼ି ଚାଳନାକୁ ନେଇ ଷ୍ଟାର ରେଟିଙ୍ଗ ଭଳି ଏବିସି ବର୍ଗିକରଣ, ଇ-ବସ୍ ଚାଳନା ପ୍ରଶିକ୍ଷଣ ପାଇଁ ଇ-ବସ୍ ସିମୁଲେଟର ବ୍ୟବସ୍ଥା ସହିତ ଦୁର୍ଘଟଣା କମିଟିକୁ ଆହୁରି ସୁଦୃଢ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହା ସହ ଡିଟିଆଇ, ଛତିଆରେ ଆମ ବସ୍ କ୍ୟାପଟେନମାନଙ୍କ ପ୍ରଶିକ୍ଷଣ ପାଇଁ ଇ-ବସ୍ ଓ ଆବଶ୍ୟକୀୟ ଭିତ୍ତିଭୂମି ବ୍ୟବସ୍ଥା କରିବାକୁ ପରିଚାଳନା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

## ଉଜୁଡିଗଲାଣି ମାର୍କେଟ ବିଲ୍ଡିଂର ସୌନ୍ଦର୍ଯ୍ୟକରଣ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ଥିବା ମାର୍କେଟ ବିଲ୍ଡିଂରେ ପ୍ରତିଦିନ ଶହଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। ପୂଜାପର୍ବାଣୀଠୁ ଆରମ୍ଭକରି ସାଧାରଣ ଦିନଗୁଡିକରେ ମଧ୍ୟ ଲୋକଙ୍କ ଗହଳି ଲାଗି ରହିଥାଏ। ହେଲେ ସନ୍ଧ୍ୟା ସମୟରେ କିଛି ନକିଣିଲେ ମଧ୍ୟ ଲୋକ ବୁଲିବା ପାଇଁ ସେଠାକୁ ଯିବା ପସନ୍ଦ କରିନ୍ତି। ହେଲେ ଏବେ ତା ପରିସରର ସୌନ୍ଦର୍ଯ୍ୟ ପୂରାପୂରି ଉଜୁଡିବାକୁ ବସିଲାଣି। ବର୍ତ୍ତମାନ ସମୟରେ ମାର୍କେଟ ବିଲ୍ଡିଂ ପରିସର ମଧ୍ୟରେ ଥିବା ୱାଟର୍ ଫାଉଣ୍ଟେନ ଅନେକ ଦିନଧରି ଅଚଳ ହୋଇ ରହିବା ପରେ ଏବେ ତାହା ଭାଙ୍ଗି ଯାଇଥିବା ଦେଖିବାକୁ ମିଳୁଛି। ଏପରିକି ତା ଭିତରର ମେସିନ ତଥା ଲୁହା ଭାଙ୍ଗି ବାହାରେ ପଡିଥିବାବେଳେ ଫାଉଣ୍ଟେନ ଭିତରେ ଗଛ ଡାଳପତ୍ର ପଡିରହିଛି। ଖାଲି ସେତିକି ନୁହଁ ବରଂ ଲୋକଙ୍କ ବସିବା ପାଇଁ ଥିବା ଅଧିକାଂଶ ସିମେଣ୍ଟ ବେଞ୍ଚ ଭାଙ୍ଗି ଯାଇଥିବା ବେଳେ ପରିସର ଭିତରେ ଲାଗିଥିବା ଅନେକଗୁଡିଏ ଲାଇଟ ପୋଷ୍ଟ ମଧ୍ୟ ଭାଙ୍ଗି ଯାଇଛି ତ ଆଉ କିଛି ଅଧାଭଙ୍ଗା ଅବସ୍ଥାରେ ରହିଛି। କିଛି ସ୍ଥାନରେ ଅଳିଆ ମଧ୍ୟ ସେମିତି ପଡିରହିଥିବା ନଜର ଆସୁଛି। ଏହି ସମସ୍ୟା ଆଜି ନୂଆ ନହଁ, କାରଣ ସେଠାରେ ଥିବା ପ୍ଲାଷ୍ଟିକ୍ ଡିସ୍‌ପୋଜାଲ ମେସିନ୍ ଏବଂ କିଓସ୍କ ଅନେକ ଦିନ ତଥା ଦୁଇ ବର୍ଷରୁ ଅଧିକ ସମୟ ହେବ ଖରାପ ହୋଇ ପଡିଛି।




ଅନ୍ୟପଟେ ରାଜଧାନୀର ବିଭିନ୍ନ ସ୍ଥାନପରି ମାର୍କେଟ ବିଲ୍ଡିଂ ପରିସରରେ ବି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମିନି ମଡେଲ ସ୍ଥାପିତ ହୋଇଥିଲା। ଯେଉଁଥିରେ ପରିକ୍ରମା ମାର୍ଗ, ନୂଆ ରୂପ ନେଇଥିବା ମଠ ଆଦି ଦେଖିବାକୁ ରଖାଯାଇଥିଲା। ହେଲେ ପରିସରରେ ଥିବା ସେହି ମିନି ମଡେଲ ଏବେ ତାର ଆକର୍ଷଣ ହରାଇ ବସିଛି। କାଚ ଭାଙ୍ଗିରୁଜି ଯିବା ସହ ଖରା, ବର୍ଷା ଖାଇ ଉଇ ଲାଗି ତାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଇଛି। ରାତି ସମୟରେ ଲୋକଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ବିଶେଷ ଭାବେ ଏହିସବୁ ସୌନ୍ଦର୍ଯ୍ୟୀକରଣ କରାଯାଇଥିଲା। ହେଲେ ତାର ବର୍ତ୍ତମାନ ସ୍ଥିତି କିଛି ଓଲଟା ଦୃଶ୍ୟମାନ ହେଉଛି। ଏ ନେଇ ମାର୍କେଟ ବିଲ୍ଡିଂର ବ୍ୟବସାୟ କମିଟିର ସମ୍ପାଦକ ଅଜିତ୍ କୁମାର ମହାନ୍ତି କହିଛନ୍ତି, ଏ ସମସ୍ତ ସମସ୍ୟା ବିଷୟରେ ଆମେ ବିଏମ୍‌ସିକୁ ଅନେକଥର ଲେଖା ମାଧ୍ୟମରେ ଜଣାଇ ଆସିଛୁ। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ନିକଟରେ ମଧ୍ୟ ବିଏମସିର ନୂଆ କମିଶନର ଆସିବାପରେ ଆଉଥରେ ଏସବୁ ସମସ୍ୟା ସମ୍ପର୍କରେ ଆମେ ଅବଗତ କରାଇଛୁ। ଆଶା କରୁଛୁ ଖୁବଶିଘ୍ର ସମାଧାନ ହେବ।

# ଜନଜାତିଙ୍କ କଳା, ସଂସ୍କୃତି ବଖାଣୁଛି ଇଡିତାଲ୍ ପେଣ୍ଟିଂ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାରେ ଆଦିବାସୀ ସମାଜରେ ପ୍ରଚଳିତ ଚିତ୍ରକଳା ହେଉଛି ଇଡିତାଲ ପେଣ୍ଟିଂ। ଏହା ମୁଖ୍ୟତଃ ଝୋଟି ଚିତା ଭାବେ ଜଣାଶୁଣା। ଏହି ଝୋଟିକୁ କାନ୍ଥରେ ବିଭିନ୍ନ ପର୍ବପର୍ବାଣୀରେ ପକାଯାଇଥାଏ। ତେବେ ଏହାର ମୂଳ ଲକ୍ଷ୍ୟ ହେଉଛି ବିଭିନ୍ନ ଦେବୀଙ୍କୁ ଆବାହନ କରି ସନ୍ତୁଷ୍ଟ କରିବା। ଲାଞ୍ଜିଆ ସଉରା ସମ୍ପ୍ରଦାୟମାନେ ଏହି ଚିତ୍ର ଆଙ୍କିଥାନ୍ତି। ସଉରା ଭାଷାରେ ଇଡିର ଅର୍ଥ ହେଉଛି ଚିତ୍ର ତାଲର ଅର୍ଥ କାନ୍ଥ। କାନ୍ଥ ଉପରେ ଉପରେ ଚିତ୍ର ହୋଇଥିବାରୁ ଏହାର ନାମ ଇଡିତାଲ ରହିଛି। ୨୦୨୪ ମସିହାରେ ଜିଆଇ ଟ୍ୟାଗ୍ (ଭୌଗୋଳିକ ସୂଚକ) ପାଇଥିବା ଏହି ପାରମ୍ପରିକ ଚିତ୍ରକଳାର ଲାଇଭ ଡେମୋନଷ୍ଟ୍ରେସନ୍ ଦେଖିବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଆରମ୍ଭ ହୋଇଥିବା ଜନଜାତି ସଂପ୍ରଦାୟଙ୍କ କଳା ଓ କଳାବସ୍ତୁ ପ୍ରଦର୍ଶନୀରେ ରାୟଗଡ଼ା ଜିଲ୍ଲା ଗୁଣୁପୁର ର ସୌରା ଇଡିତାଲ ଗ୍ରୁପ୍ ପକ୍ଷରୁ ପ୍ରଦର୍ଶିତ ବିଭିନ୍ନ ଚିତ୍ରକଳା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି।



ସଉରା ସମ୍ପ୍ରଦାୟରେ ବିଶ୍ୱାସ ରହିଛଇ ଯେ, ପୃଥିବୀର ମଙ୍ଗଳ ନିମନ୍ତେ କିତୁଙ୍ଗ ବା ଭଗବାନ ଜୀବଯନ୍ତୁ, ବୃକ୍ଷଲତା ଇତ୍ୟାଦି ସୃଷ୍ଟି କରିଛନ୍ତି। ସେମାନଙ୍କୁ ସନ୍ତୁଷ୍ଟ କରିଲେ ନିଜର ତଥା ଗ୍ରାମର ମଙ୍ଗଳ ହୁଏ। ଚିତ୍ରକଳାରେ ସେମାନେ ନିଜର ପ୍ରତ୍ୟେକ ଦେବାଦେବୀଙ୍କର ନରଖି ଦୈନନ୍ଦିନ ଜୀବନ ପ୍ରଣାଳୀକୁ ଆଙ୍କି ପରୋକ୍ଷରେ ସେମାନଙ୍କୁ ଆବାହନ କରି ବିଶ୍ୱାସ ଓ ଭକ୍ତିର ପରିଚୟ ଦେଇଥାନ୍ତି। ତେବେ ଇଡିତାଲର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଘରର ଇଷ୍ଟଦେବତା ଭାବେ ପୂଜା ପାଇଥାଏ। ଚିତ୍ରରେ ଗ୍ରାମ ମଝିରେ ରହିଥିବା ଗ୍ରାମଦେବତୀ ମାଣ୍ଡୁଆ ସୁମ୍, ରୌଡା ସୁମ୍, ଯୁଡ଼ି ସୁମ୍ ସମ୍ପର୍କରେ ଚିତ୍ରରେ ଦର୍ଶାଯାଇଛି। ସେହିପରି ପରିବାର ମଧ୍ୟରେ କାହାରି ଦେହ ଅସୁସ୍ଥ ହେଲେ ଚିତ୍ର ପାଖରେ ରୋଗୀକୁ ଶୁଆଇ ଜଣେ ବ୍ୟୋୟଜ୍ୟେଷ୍ଠ ଅଧିଆ ପଡ଼ନ୍ତି। ପରିବାର ଆଉ ଜଣେ ସ୍ତ୍ରୀ ସଦସ୍ୟ କୁଲାରେ ଚାଉଳ ରଖି ହଳଦୀ ମିଶାଇ ହାତରେ ବୁଲାଇବା ସମୟରେ ଆଦିବାସୀ ଗୀତ ଗାଇଥାନ୍ତି। ଏଭଳି କରିବା ଦ୍ୱାରା ସେମାନେ ସୁସ୍ଥ ରଖିବା ବିଶ୍ୱାସ କରନ୍ତି। ଦୁଃଖ, ଦୁର୍ଦ୍ଦିନ ଓ ଦୁର୍ବିପାକ ସମୟରେ ସେମାନେ ଅଲୌକିକ ଶକ୍ତିର କୁପ୍ରଭାବରୁ ମୁକ୍ତି ପାଇବାରେ ବିଶ୍ୱାସରେ ଚିତ୍ର ଅଙ୍କନ କରି ତା ନିକଟରେ ବଳି ଦେଇଥାନ୍ତି। ଏହାସହ ପିତୃପୁରୁଷଙ୍କୁ ଚିତ୍ରରେ ସ୍ଥାନ ଦେଲେ ଘର ଓ ପରିବାର ମଙ୍ଗଳ ହେଉଥିବା ସେମାନେ ବିଶ୍ୱାସ କରନ୍ତି। ସେହିପରି ଏହି ଚିତ୍ର ଭୂତ, ପ୍ରେତ, ପିଶାଚ ଆଦି ଅଦୃଶ୍ୟ ଶକ୍ତିକୁ ଆୟତ୍ତ କରିଥାଏ। ଏଭଳି ଅନେକ କଥାକୁ ଚିତ୍ରକୁ ଦର୍ଶାଯାଇଛି। ଯାହାକୁ ଗୋଟି ଗୋଟି କରି ପରିଦର୍ଶକଙ୍କୁ ବୁଝାଉଛନ୍ତି ପ୍ରଶିକ୍ଷକ ଯୋଗୀ ଶବର। ତେବେ ଗ୍ରାମରେ ପ୍ରଥମେ କିଏ ନୂଆ ଘର ନିର୍ମାଣ କଲେ ମଧ୍ୟ ପୂଜକଙ୍କୁ ନିମନ୍ତ୍ରଣ କରି ଚିତ୍ର କାର୍ଯ୍ୟ ଆରମ୍ଭ କରିବା ପରମ୍ପରା ରହିଛି। ତେବେ ଏକଦା ନିଜର ପରମ୍ପରା ଥିବା ଏହି ଚିତ୍ରକଳା ଏବେ ବିଭିନ୍ନ ସରକାରୀ ଅବା ବେସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଦେଶର ପ୍ରମୁଖ ସ୍ଥାନରେ ଦେଖିବାକୁ ମିଳୁଛି। ଏହି ଚିତ୍ରକଳା ଗୁଡ଼ିକ ଓରମାସ୍, ଉତ୍କଳିକା ଆଦିରେ ଉପଲବ୍ଧ ରହିଥିବା ବେଳେ ବିଭିନ୍ନ ମେଳା ମହୋତ୍ସବରେ ମଧ୍ୟ ବିକ୍ରି ହୋଇଥାଏ। କାନଭାସ୍ ଉପରେ ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାକୁ ବଢ଼ାଣୁଥିବା ଇଡିତାଲ ପ୍ରଶିକ୍ଷଣ ପାଇଁ ମାଷ୍ଟର କ୍ରାଫ୍ଟ ଫରସନ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ପ୍ରତ୍ୟେକଙ୍କୁ ମାସିକ ଷ୍ଟାଇପେଣ୍ଡ ମଧ୍ୟ ପ୍ରଦାନ କରାଯାଉଥିବା ସେ କହିଛନ୍ତି। ଯାହାକି ଏହି ଚିତ୍ରକଳାକୁ ବଞ୍ଚାଇ ରଖିବା ସହ ଯୁବପିଢ଼ୀଙ୍କୁ ରୋଜଗାରକ୍ଷମ କରାଇପାରେ ସହାୟକ ହୋଇଛି। ଏହାସହ ଦେଶ ବିଦେଶରେ ମଧ୍ୟ ଇଡିତାଲର ଲାଇଭ୍ ଡେମୋନଷ୍ଟ୍ରେସନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଶ୍ରୀ ଶବର କହିଛନ୍ତି।

# ଇସ୍ରାଏଲରୁ ଆସିବ ଅତ୍ୟାଧୁନିକ ମିସାଇଲ୍ ଓ ଡ୍ରୋନ୍



ନୂଆଦିଲ୍ଲୀ : ଭାରତ ଓ ଇସ୍ରାଏଲ୍ ମଧ୍ୟରେ ଥିବା ଆହୁରି ମଜବୁତ ହେବାକୁ ଯାଉଛି ରଣନୈତିକ ସମ୍ପର୍କ। ଚଳିତ ମାସ ଫେବୃଆରୀ ୨୫ ଓ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଇସ୍ରାଏଲ୍ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ସମୟରେ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ପ୍ରାଧାନ୍ୟ ଦିଆଯିବ ବୋଲି ଆଶା କରାଯାଉଛି । ଏହି ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ସୁରକ୍ଷା ସହଯୋଗ ପାଇଁ ଏକ ଗଜ୍ଜଟ ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଯଦିଓ ବର୍ତ୍ତମାନ କୌଣସି ବଡ଼ ଧରଣର ନୂତନ ପ୍ରତିରକ୍ଷା ଚୁକ୍ତି ହେବାର ସଙ୍କେତ ମିଳିନାହିଁ, କିନ୍ତୁ ଆଗାମୀ ବର୍ଷଗୁଡ଼ିକରେ ପ୍ରତିରକ୍ଷା ସହଯୋଗ ପ୍ରାୟ ୧୦ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି । ଭାରତ ନିଜର ଆକାଶ ମାର୍ଗକୁ ସୁରକ୍ଷିତ ରଖିବା ପାଇଁ 'ମିଶନ ସୁଦର୍ଶନ' ଉପରେ କାମ କରୁଛି । ଏହି କ୍ଷେତ୍ରରେ ଇସ୍ରାଏଲ୍ ଭାରତକୁ ଏହାର ଅତ୍ୟାଧୁନିକ 'ଆଣ୍ଟି-ବ୍ୟାଲିଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ' ଟେକ୍ନୋଲୋଜି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି । ଯେଉଁଥିରେ ରହିଛି ଲେଜର-ଭିତ୍ତିକ ପ୍ରତିରକ୍ଷା ପ୍ରଣାଳୀ, ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଅତ୍ୟାଧୁନିକ ଡ୍ରୋନ୍ । ଇସ୍ରାଏଲ୍ ପାଖରେ ପୂର୍ବରୁ ଆଇରନ୍ ଡୋମ୍, ଆରୋ ଏବଂ ଡେ-ଭିଡ୍ସ ସ୍ଲିଙ୍ଗ୍ ଭଳି ଶକ୍ତିଶାଳୀ ସୁରକ୍ଷା କବଚ ରହିଛି, ଯାହା ଶତ୍ରୁର ମିସାଇଲକୁ ଆକାଶରେ ହିଁ ଧ୍ୱଂସ କରିଦିଏ । ଭାରତୀୟ ନୌସେନା ନିଜର ଯୁଦ୍ଧ ଜାହାଜ ଗୁଡ଼ିକର ସୁରକ୍ଷା ପାଇଁ 'ବରାକ' ମିସାଇଲ୍ ସିଷ୍ଟମର ନୂତନ ସଂସ୍କରଣ କିଣିବାକୁ ଚିନ୍ତା କରୁଛି । ଏହା ବ୍ୟତୀତ ଶତ୍ରୁ ଶିବିରରେ ପଶି ଆକ୍ରମଣ କରିବା ପାଇଁ 'ରାମପେଜ୍' ମିସାଇଲ୍ ଏବଂ ଘାତକ ଡ୍ରୋନ୍ ଉପରେ ମଧ୍ୟ ଚର୍ଚ୍ଚା ହେବ । କେବଳ ସାମରିକ ଶକ୍ତି ନୁହେଁ, ବରଂ ବିଜ୍ଞାନ, କୃଷି, ବିଶୁଦ୍ଧ ପାନୀୟ ଜଳ ସମସ୍ୟାର ସମାଧାନ ଏବଂ କ୍ୱାଣ୍ଟମ୍ ଭଳି ଉଦୀୟମାନ କ୍ଷେତ୍ରରେ ମଧ୍ୟ ଦୁଇ ଦେଶ ମିଳିତ ଭାବେ କାମ କରିବେ । ପ୍ରଧାନମନ୍ତ୍ରୀ ମୋଦି ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବନ୍ଧୁତା ଏବଂ ଆତଙ୍କବାଦ ବିରୋଧରେ ଉଭୟ ଦେଶର ସମାନ ଆଭିମୁଖ୍ୟ ଏହି ସମ୍ପର୍କକୁ ଆହୁରି ଗଭୀର କରିଛି ।

# 'ମଣିଷର ସ୍ଥାନ ନେଇପାରିବନି ମେଶିନ'



ନୂଆଦିଲ୍ଲୀ : କର୍ପୋରେଟ ଜଗତ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଇଓ)ର ଦ୍ରୁତ ବର୍ଦ୍ଧିତ ବ୍ୟବହାର ମଧ୍ୟରେ, ମେଶିନଗୁଡ଼ିକ ମଣିଷକୁ ବଦଳାଇବେ ବୋଲି ବଢୁଥିବା ଭୟ ରହିଛି। ସିସ୍କୋର ସଭାପତି ଏବଂ ମୁଖ୍ୟ ଉତ୍ପାଦ ଅଧିକାରୀ ଜିତୁ ପଟେଲ ଏହି ଚିନ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଖାରଜ କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଇଓ ମଣିଷକୁ ଅନାବଶ୍ୟକ କରିବ ନାହିଁ, ବରଂ ଏହା ମାନବ ସମ୍ଭାବନା ଏବଂ ମୂଲ୍ୟକୁ ବୃଦ୍ଧି କରିବ।

ପଟେଲଙ୍କ ଅନୁସାରେ, ଯେତେବେଳେ ମାନବ ବୁଝାମଣା ଏବଂ ନିଷ୍ପତ୍ତି ଗ୍ରହଣ ଇଓ ଅଟୋମେସନ ସହିତ ମିଶ୍ରିତ ହୁଏ ସେତେବେଳେ ପ୍ରକୃତ ସଫଳତା ହାସଲ ହୁଏ। ସେ ସ୍ପଷ୍ଟ କରିଥିଲେ ଯେ ଚାଟବଟ ଠାରୁ ସ୍ୱୟଂଶାସିତ ଏଜେଣ୍ଟ ପର୍ଯ୍ୟନ୍ତ ଇଓ ସିଷ୍ଟମଗୁଡ଼ିକ ଦ୍ରୁତ ଗତିରେ ଅଗ୍ରଗତି କରୁଛନ୍ତି, କିନ୍ତୁ ସେଗୁଡ଼ିକୁ ମାନବ କ୍ଷମତା ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି, ସେମାନଙ୍କୁ ବଦଳାଇବା ପାଇଁ ନୁହେଁ। ତାଙ୍କ ମାଆଙ୍କ ହସ୍ପିଟାଲିଜେସନର ଉଦାହରଣ ଦେଇ ପଟେଲ କହିଥିଲେ ଯେ କୌଣସି ଇଓ ଜଣେ ନର୍ସଙ୍କୁ ବଦଳାଇ ପାରିବ ନାହିଁ। ମଣିଷର ପ୍ରେମ, ବୁଝାମଣା ଏବଂ ଯତ୍ନର ମୌଳିକ ଆବଶ୍ୟକତା ଅଛି, ଯାହା କୌଣସି ମେଶିନ ପୂରଣ କରିପାରିବ ନାହିଁ। ଚାକିରୀ ଉପରେ ସ୍ୱୟଂଚାଳିତତାର ପ୍ରଭାବ ବିଷୟରେ, ପଟେଲ ସ୍ୱୀକାର କରିଛନ୍ତି ଯେ କାର୍ଯ୍ୟ ଶୈଳୀ ପରିବର୍ତ୍ତନ ହେବ ଏବଂ କିଛି ପୁରୁଣା ଚାକିରି ଅଦୃଶ୍ୟ ହୋଇପାରେ। ତଥାପି, ସେ ଆଶ୍ୱାସନା ଦେଇଛନ୍ତି ଯେ ପ୍ରତ୍ୟେକ ଚାକିରିର ପ୍ରକୃତି ପରିବର୍ତ୍ତନ ହେବ, ଏବଂ ଇଓ ସମ୍ପୂର୍ଣ୍ଣ ନୂତନ ଶିଳ୍ପ ଏବଂ ସୁଯୋଗ ସୃଷ୍ଟି କରିବ। ମେଶିନଗୁଡ଼ିକ ସହାନୁଭୂତି, ସୃଜନଶୀଳତା ଏବଂ ସମାଜରେ ଅବଦାନର ମାନବ ପ୍ରକୃତିକୁ ପ୍ରତିକୃତି କରିପାରିବ ନାହିଁ। କର୍ମକ୍ଷେତ୍ରରେ ଇଓ 'ଡିଜିଟାଲ ସହକର୍ମୀ' ଭାବରେ କାର୍ଯ୍ୟ କରିବ। ମଣିଷ ଏବେ ଉଚ୍ଚସ୍ତରୀୟ ନିଷ୍ପତ୍ତି ଗ୍ରହଣ, ସୃଜନଶୀଳତା ଏବଂ ସମସ୍ୟା ସମାଧାନ ଉପରେ ଅଧିକ ଧ୍ୟାନ ଦେଇପାରିବ।

ଜୀବନକୁ କେବଳ 'ସମୁଦ୍ରକୂଳକୁ ଚାହିଁ ରହିବା' ପର୍ଯ୍ୟନ୍ତ ସୀମିତ ରଖିବା ଜୀବନର ଉଦ୍ଦେଶ୍ୟକୁ ଚ୍ୟାଲେଞ୍ଜ କରିବ, କାରଣ ମଣିଷ ସ୍ୱାଭାବିକ ଭାବରେ କିଛି ନୂଆ ସୃଷ୍ଟି କରିବା ଏବଂ ସମାଜରେ ମୂଲ୍ୟ ଯୋଡିବାର ଏକ ସହଜାତ ଇଚ୍ଛା ରଖିଛି। ବିଶ୍ୱ ବର୍ତ୍ତମାନ ଇଓର ଦ୍ୱିତୀୟ ପ୍ରମୁଖ ପର୍ଯ୍ୟାୟରେ ପ୍ରବେଶ କରିଛି, ଯେତେବେଳେ ପ୍ରଥମ ପର୍ଯ୍ୟାୟ ଚାଟବଟ ଦ୍ୱାରା ବର୍ଣ୍ଣିତ ହୋଇଥିଲା ଯେଉଁମାନେ ବୁଦ୍ଧିମାନ ଭାବରେ ପ୍ରଶ୍ନର ଉତ୍ତର ଦେଉଥିଲେ, ଯେପରିକି ଯାଦୁକରୀ। ପଟେଲ କହିଥିଲେ ଯେ ମଣିଷ ଯେକୌଣସି ନୂତନ ଏବଂ ଜାଦୁକରୀ ପ୍ରଯୁକ୍ତିବିଦ୍ୟାକୁ ସାଧାରଣ ଭାବରେ ଗ୍ରହଣ କରିନେଲା। ସେ ସାନ ଫ୍ରାନ୍ସିସ୍କୋରେ ୱେଚ୍ଛଙ୍କଛର ସ୍ୱୟଂଚାଳିତ କାରଗୁଡ଼ିକର ଉଦାହରଣ ଦେଇ ବ୍ୟାଖ୍ୟା କରିଥିଲେ ଯେ ପ୍ରଥମ ଅଭିଜ୍ଞତା ଆଶ୍ଚର୍ଯ୍ୟଜନକ। ଦ୍ୱିତୀୟ ଥର ବସିବା ପରେ, ମଣିଷ ବିଚଳିତ ହୋଇ ଇମେଲ କରିବା ଆରମ୍ଭ କରନ୍ତି, ଏବଂ ତୃତୀୟ ଥର, ସେମାନେ କାର୍ ସିଟ ବିଷୟରେ ଅଭିଯୋଗ କରୁଛନ୍ତି। ପ୍ରଯୁକ୍ତିବିଦ୍ୟା ଉନ୍ନତି ଯୋଗୁ ମାନବ ପାରସ୍ପରିକ କ୍ରିୟାର ଏହି ଦ୍ରୁତ ଗତି ଜାରି ରହିବ। ଇଓ ସହିତ ଜଡିତ ଖର୍ଚ୍ଚ ବିଷୟରେ ଆଲୋଚନା କରି ପଟେଲ କହିଥିଲେ ଯେ ତାଲିମ ଏବଂ ଏହାକୁ ପରିଚାଳନା କରିବାର ଖର୍ଚ୍ଚ ଏପର୍ଯ୍ୟନ୍ତ ଅଧିକ ଥିବା ବେଳେ, ୟୁନିଟ ଅର୍ଥନୀତି ଦ୍ରୁତ ଗତିରେ ଉନ୍ନତ ହେଉଛି। ଗତ ଦୁଇ ବର୍ଷ ମଧ୍ୟରେ, ଅନୁମାନ ପାଇଁ ଟୋକନ ଜେନେରେସନ ଖର୍ଚ୍ଚ ୧,୦୦୦ ଗୁଣ ହ୍ରାସ ପାଇଛି। ସାମଗ୍ରିକ ଭିତ୍ତିଭୂମି ଖର୍ଚ୍ଚ ବୃଦ୍ଧି ପାଇବ, କିନ୍ତୁ ସମୟ ସହିତ ପ୍ରତି ପ୍ରଶ୍ନର ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇବାର ଆଶା କରାଯାଉଛି।

# ଟ୍ରମ୍ପଙ୍କ ଟାରିଫ୍ ରଦ୍ଦକଲେ ସୁପ୍ରିମକୋର୍ଟ !

ନୂଆଦିଲ୍ଲୀ : ଟ୍ରମ୍ପଙ୍କ ଅତିରିକ୍ତ ଟାରିଫ୍କୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିଛନ୍ତି । ସୁପ୍ରିମକୋର୍ଟଙ୍କ ଏଭଳି ଘୋଷଣା ପରେ ଏବେ ସାରା ବିଶ୍ୱର ବ୍ୟବସାୟୀଙ୍କ ନଜର ଟ୍ରମ୍ପ ପ୍ରଶାସନ ଉପରେ ରହିଛି । ଟ୍ରମ୍ପ ସରକାର ଲଗାଇଥିବା ବିବାଦୀୟ ଟାରିଫ୍ କୋର୍ଟ ରଦ୍ଦ କରିଦେଇଛନ୍ତି । କିନ୍ତୁ, ଏହି ନିଷ୍ପତ୍ତି ପରେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି ଯେ, ଆମେରିକା ସରକାର ଆଦାୟ କରିଥିବା ପ୍ରାୟ ୧୭୦ ଅବବ ଡଲାର ଅର୍ଥାତ୍ ୧୫.୪୨ ଲକ୍ଷ କୋଟି ଟଙ୍କା ରିଫଣ୍ଡ କରିବେ କି ? ଏଥିରୁ ଭାରତୀୟ ରପ୍ତାନିକାରୀଙ୍କୁ କିଛି ଲାଭ ମିଳିବ କି ? ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ପ୍ରଶାସନର ଟାରିଫ୍କୁ ବେଆଇନ ଘୋଷଣା କରିଛନ୍ତି । ବିଚାରପତି ଜଷ୍ଟିସ ବ୍ରେଟ୍ କାଭାନୋ କହିଛନ୍ତି ଯେ, ଏତେ ବଡ଼ ଅଙ୍କର ଅର୍ଥ ଫେରସ୍ତ କରିବା ଦ୍ୱାରା ଆମେରିକା ରାଜକୋଷ ଉପରେ ବଡ଼ ପ୍ରଭାବ ପଡ଼ିବ । କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଟଙ୍କା ଫେରସ୍ତ କରିବା ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇପାରେ । ସରକାରଙ୍କ ପାଖରେ ରେକର୍ଡ ଥିଲେ ସୁଦ୍ଧା, ବ୍ୟବସାୟୀମାନଙ୍କୁ ନିଜ ଟଙ୍କା ପାଇବା ପାଇଁ ଅଲଗା ଭାବେ ଆଇନଗତ ଲଢ଼େଇ କରିବାକୁ ପଡ଼ିପାରେ । ଯଦିଓ ଟାରିଫ୍ ହଟିବା ଏକ ଭଲ ଖବର, କିନ୍ତୁ ଭାରତୀୟ ରପ୍ତାନିକାରୀଙ୍କୁ ସିଧାସଳଖ ରିଫଣ୍ଡ ମିଳିବା ସମ୍ଭାବନା କମ୍ । ଏହାର ମୁଖ୍ୟ କାରଣ କ'ଣ ଆସନ୍ତୁ ଜାଣିବା । ଯେତେବେଳେ ଭାରତରୁ କୌଣସି ସାମଗ୍ରୀ ଆମେରିକା ଯାଏ, ସେଠାକାର ଆମଦାନୀକାରୀ ଆମେରିକା କଷ୍ଟମ ବିଭାଗକୁ ଟାରିଫ୍ ଦେଇଥାନ୍ତି । ନିୟମ ଅନୁସାରେ, ଯଦି ଟଙ୍କା ଫେରସ୍ତ ହୁଏ ତେବେ ତାହା ଆମେରିକୀୟ କମ୍ପାନୀଙ୍କୁ ମିଳିବ, ଭାରତୀୟ ରପ୍ତାନିକାରୀଙ୍କୁ ନୁହେଁ । ଟାରିଫ୍ ଯୋଗୁଁ ଭାରତୀୟ ରପ୍ତାନିକାରୀଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିଲେ ସୁଦ୍ଧା, ସେମାନଙ୍କ କ୍ଷତି ଭରଣା ପାଇଁ ଆମେରିକା ଆଇନରେ କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ ।

# ଲାଲକିଲ୍ଲାରେ ବୋମା ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର

ନୂଆଦିଲ୍ଲୀ: ଦିଲ୍ଲୀର ଲାଲକିଲ୍ଲା ଓ ଦେଶର କିଛି ପ୍ରମୁଖ ମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି । ମିଳିଥିବା ଗୁପ୍ତ ସୂଚନା ଆଧାରରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କତା ସୂଚନା ଜାରି କରିଛନ୍ତି । ଆତଙ୍କବାଦୀମାନେ ଲାଲକିଲ୍ଲା ସମ୍ମୁଖରେ ଏକ ବୋମା ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି । ଏହା ସହିତ, ଚାନ୍ଦନୀ ଚୌକରେ ଥିବା ମନ୍ଦିରକୁ ମଧ୍ୟ ଟାର୍ଗେଟ କରାଯାଉଥିବା ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି । ଏଜେନ୍ସିଗୁଡ଼ିକ ଅନୁଯାୟୀ, ଲସ୍କର-ଏ-ତୈବା ଆଇଇଡି ଆକ୍ରମଣ କରିବାକୁ ଯୋଜନା କରୁଛି । ପାକିସ୍ତାନର ଇସଲାମାବାଦରେ ହୋଇଥିବା ମସଜିଦ ବିସ୍ଫୋରଣର ଭଳି ଭାରତର ପ୍ରମୁଖ ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଲସ୍କର-ଏ-ତୈବାର ଟାର୍ଗେଟରେ ରହିଛି ।୬ ଫେବ୍ରୁଆରି ୨୦୨୬ରେ, ପାକିସ୍ତାନର ରାଜଧାନୀ ଇସଲାମାବାଦର ଶାହଜାଦ ଟାଉନର ତେର-ଲାଇ ଇମାମ ବାରଗାରେ ଶୁକ୍ରବାର ନମାଜ ସମୟରେ ଏକ ବିସ୍ଫୋରଣ ଘଟିଥିଲା । ଏଥିରେ ଅନେକ ଲୋକଙ୍କ ଜୀବନ ଯାଇଥିଲା । ଅନେକ ଗୁରୁତର ଆହତ ହୋଇଥିଲେ । ଆତ୍ମଘାତୀ ବିସ୍ଫୋରଣକାରୀ ଫାଟକରେ ପ୍ରବେଶ କରିବା ସମୟରେ ବିସ୍ଫୋରଣ କରିଥିଲେ । ସୁରକ୍ଷା ଏଜେନ୍ସିଗୁଡ଼ିକ ଦିଲ୍ଲୀର ଲାଲକିଲ୍ଲା, ଚାନ୍ଦନୀ ଚୌକ ଓ ନିକଟବର୍ତ୍ତୀ ଧାର୍ମିକ ସ୍ଥଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦେଇଛନ୍ତି । ସୂଚନା ପାଇବା ମାତ୍ରେ, ଦିଲ୍ଲୀ ପୁଲିସ ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଅତିରିକ୍ତ ଫୋର୍ସ ମୁତୟନ କରିଛନ୍ତି । ସନ୍ଦିଗ୍ଧ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛନ୍ତି । ଏଜେନ୍ସିଗୁଡ଼ିକ କହିଛନ୍ତି ଯେ ଲସ୍କର-ଏ-ତୈବା ଆତଙ୍କବାଦୀମାନେ ଦେଶର ପ୍ରମୁଖ ମନ୍ଦିରଗୁଡ଼ିକୁ ଟାର୍ଗେଟ କରିପାରନ୍ତି, ବିଶେଷକରି ଦିଲ୍ଲୀର ଚାନ୍ଦନୀ ଚୌକରେ ଥିବା ମନ୍ଦିରକୁ । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ସୁରକ୍ଷା ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ୧୦ ନଭେମ୍ବର, ୨୦୨୫ରେ ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ବିସ୍ଫୋରଣ ଘଟିଥିଲା । ଏଥିରେ ଅନେକ ଲୋକ ଆହତ ହୋଇଥିଲେ ଏବଂ ଅନେକ ଯାନବାହାନ ନଷ୍ଟ ହୋଇଯାଇଥିଲା । ବିସ୍ଫୋରଣ ପୂର୍ବରୁ ପ୍ରାୟ ତିନି ଘଣ୍ଟା ଧରି ଲାଲକିଲ୍ଲା ଅଞ୍ଚଳରେ ପାର୍କିଂ ହୋଇଥିବା ଏକ କାରରେ ବିସ୍ଫୋରଣ ଘଟିଥିଲା । ଆତଙ୍କବାଦୀ ଆକ୍ରମଣ ପରେ, ଦେଶବ୍ୟାପୀ ଚଢଉ କରାଯାଇଥିଲା । ଅନେକ ସନ୍ଦିଗ୍ଧଙ୍କୁ ଗିରଫ ହୋଇଥିଲେ ।

# ଯୌନ ଦୁଷ୍କର୍ମ ମାମଲାରେ ଛନ୍ଦି ହେଲେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ



ନୂଆଦିଲ୍ଲୀ: ବଢିଲା ଜ୍ୟୋତିଷ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ଅଡୁଆ। ଯୌନ ନିର୍ଯାତନା ଅଭିଯୋଗରେ ଛନ୍ଦି ହୋଇପଡିଥିବା ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କୁ ନେଇ ଆସିଲା ବଡ ରାୟ। ପ୍ରୟାଗରାଜର ସ୍ୱତନ୍ତ୍ର ଅତିରିକ୍ତ ଜିଲ୍ଲା ଜଜ୍ (ବଳାତ୍କାର ଏବଂ କୋର୍ଟ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲ୍ଲା ଜଜ୍ ବିନୋଦ କୁମାର ଚୌରାସିଆ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ଏବଂ ତାଙ୍କ ଶିଷ୍ୟ ମୁକୁନ୍ଦାନନ୍ଦ ଗିରିଙ୍କ ବିରୋଧରେ ଏଫଆଇଆର ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ପୋଲିସକୁ ମାମଲା ପଞ୍ଜିକରଣ କରି ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ, ଏବେ ଝୁନସି ପୋଲିସ ଷ୍ଟେସନରେ ଏକ ମାମଲା ପଞ୍ଜିକରଣ କରାଯିବ। ଶାକୁମ୍ଭାରୀ ପୀଠାଧୀଶ୍ୱର ଆଶୁତୋଷ ବ୍ରହ୍ମଚାରୀ ମହାରାଜ ଭାରତୀୟ ଦଣ୍ଡ ସଂହିତାର ଧାରା ୧୭୩ (୪) ଅନୁଯାୟୀ ଏକ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ଏଫଆଇଆର ପଞ୍ଜିକରଣ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଅଭିଯୋଗ କରିଥିବା ଦୁଇ ନାବାଳିକାଙ୍କ ବୟାନ ଫେବୃଆରୀ ୧୩ ତାରିଖରେ କୋର୍ଟରେ ରେକର୍ଡ କରାଯାଇଥିଲା । ଏହାର ଭିଡିଓଗ୍ରାଫି ମଧ୍ୟ କରାଯାଇଥିଲା। କୋର୍ଟ ପୋଲିସ ରିପୋର୍ଟକୁ ମଧ୍ୟ ବିଚାର କରିଥିଲେ ଏବଂ ଶୁଣାଣି ପରେ ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ତ୍ତମାନ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଶୁତୋଷ ବ୍ରହ୍ମଚାରୀ ଦାବି କରିଛନ୍ତି ଯେ, ସେ କଥିତ ଘଟଣା ସମ୍ପର୍କିତ ଏକ ସିଡି କୋର୍ଟରେ ଦାଖଲ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କୁ ନ୍ୟାୟ ମିଳିଛି ଏବଂ ସେ ଜନସାଧାରଣଙ୍କ ନିକଟରେ ସତ୍ୟ ଉପସ୍ଥାପନ କରିବା ପାଇଁ ପ୍ରୟାଗରାଜରୁ ବିଦ୍ୟା ମଠ, ବାରାଣସୀ ପର୍ଯ୍ୟନ୍ତ ପଦଯାତ୍ରାରେ ସନାତନ ଯାତ୍ରା କରିବେ। ଏହି ଘଟଣା ଧାର୍ମିକ ଏବଂ ସାମାଜିକ ମହଲରେ ତୀବ୍ର ଆଲୋଚନା ଆରମ୍ଭ କରିଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୋଲିସ ଏବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ।

# ବାପା ମା'ଙ୍କୁ ନଜଣାଇ ବିବାହ କରିପାରିବେ ନାହିଁ

ଗୁଜରାଟରେ, ବିବାହ ଭଳି ନିଷ୍ପତ୍ତିରେ ଦମ୍ପତିମାନଙ୍କର ଏଣିକି ନିଜସ୍ୱ ମତ ରହିବ ନାହିଁ। ସେମାନେ ସେମାନଙ୍କ ପିତାମାତାଙ୍କ ଅନୁମତି ବିନା ବିବାହ କରିପାରିବେ ନାହିଁ। ରାଜ୍ୟ ସରକାର ବିବାହ ପଞ୍ଜିକରଣ ନିୟମ ସଂଶୋଧନ କରିବାକୁ ଯୋଜନା କରୁଛନ୍ତି। ଯଦି ଏହି ପରିବର୍ତ୍ତନ ଆଇନଗତ ହୁଏ, ତେବେ ଏହା ଦମ୍ପତିଙ୍କ ପାଇଁ ଅସୁବିଧା ବଢ଼ାଇବ। ଗୁଜରାଟ ସରକାର ଘୋଷଣା କରିଛନ୍ତି ଯେ ଗୁଜରାଟ ବିବାହ ପଞ୍ଜିକରଣ ଆଇନ ଅନୁଯାୟୀ ନିୟମ ସଂଶୋଧନ କରିବାକୁ ଯୋଜନା କରୁଛୁ। ସରକାର କହିଛନ୍ତି ଯେ ଏହି ପଦକ୍ଷେପ ବର୍ତ୍ତମାନର ବ୍ୟବସ୍ଥାର ତ୍ରୁଟିକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ। ବିଧାନସଭାରେ, ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ନୂତନ ନିୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ "ନିର୍ଦ୍ଦୋଷ ଝିଅମାନଙ୍କୁ ଫସାଯାଉଛି ଏବଂ ଏପରି ପ୍ରଥା ସମାଜରେ "ଉଇପୋକ ପରି" ବ୍ୟାପୁଛି। ହର୍ଷ ସାଂଘଭି କହିଛନ୍ତି ଯେ ଅନେକ ବ୍ୟକ୍ତି ଏବଂ ସାମାଜିକ ସଂଗଠନମାନେ ସରକାରଙ୍କୁ ମ୍ୟାରେଜ ରେଜିଷ୍ଟ୍ରେସନ ନିୟମ ସଂଶୋଧନ କରିବାକୁ ନିବେଦନ କରିଛନ୍ତି। ଏହି ନିୟମରେ ହେଉଥିବା ଅପବ୍ୟବହାରକୁ ରୋକିବାକୁ କହିଛନ୍ତି । ସେ "ଲଭ୍ ଜିହାଦ"କୁ ଉଲ୍ଲେଖ କରି ସାଂଘଭି ଏହାକୁ ଏକ "ସାଂସ୍କୃତିକ ଆକ୍ରମଣ" ବୋଲି କହିଛନ୍ତି । ଏହାସହିତ ବିଜେପି ସରକାର ଆଉ ଏହି ପ୍ରସଙ୍ଗକୁ ଅଣଦେଖା କରିପାରିବେ ନାହିଁ ବୋଲି ମଧ୍ୟ କହିଛନ୍ତି। ସେ କହିଛନ୍ତି ଯେ ପଞ୍ଜିକରଣ ପ୍ରକ୍ରିୟାରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପରିବର୍ତ୍ତନ ଗୁଡ଼ିକର ଲକ୍ଷ୍ୟ ରଖାଯାଇଛି। ହର୍ଷ ସାଂଘଭି କହିଛନ୍ତି ଯେ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ଏବେ ୩୦ ଦିନ ପାଇଁ ସାଧାରଣ ଆପତ୍ତି ଏବଂ ପରାମର୍ଶ ପାଇଁ ଖୋଲା ଅଛି। ଯେକୌଣସି, "ବ୍ୟକ୍ତି ଏବଂ ସାମାଜିକ ସଂଗଠନ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ୱେବସାଇଟରେ ସେମାନଙ୍କର ପରାମର୍ଶ ଏବଂ ଆପତ୍ତି ଦାଖଲ କରିପାରିବେ। ବିଭାଗ ଦ୍ୱାରା ପ୍ରାପ୍ତ ପରାମର୍ଶ ଏବଂ ଆପତ୍ତିଗୁଡ଼ିକୁ ବିଚାର କରିବା ପରେ ନୂତନ ନିୟମ କାର୍ଯ୍ୟକାରୀ କରାଯିବ।" ପରେ, ସାଂଘଭିଙ୍କ କାର୍ଯ୍ୟାଳୟ ପରିବର୍ତ୍ତିତ ନିୟମ ଅନୁଯାୟୀ ବିବାହ ପଞ୍ଜିକରଣ ପାଇଁ ପ୍ରସ୍ତାବିତ ପ୍ରକ୍ରିୟାର ବିସ୍ତୃତ ବିବରଣୀ ପ୍ରଦାନ କରୁଥିବା ଏକ ଡକ୍ୟୁମେଣ୍ଟ ସେୟାର କରିଛନ୍ତି ।

# ଜମ୍ମୁ-କଶ୍ମୀରରେ ବଡ଼ ଧରଣର ଆକ୍ରମଣ ଷଡଯନ୍ତ୍ର ବିଫଳ



ନୂଆଦିଲ୍ଲୀ : ସାରା ଦେଶର ପୂଜାସ୍ଥଳ ଓ ଐତିହାସିକ ସ୍ଥାନରେ ଆତଙ୍କୀ ଆକ୍ରମଣର ଷଡଯନ୍ତ୍ର ଭିତରେ ଜମ୍ମୁ-କାଶ୍ମୀରରୁ ଆସିଛି ବଡ଼ ଖବର। ଜମ୍ମୁ ଏବଂ କାଶ୍ମୀରର ଗାନ୍ଦେରବାଲରେ ସୁରକ୍ଷା ବାହିନୀକୁ ମିଳିଛି ଏକ ବଡ଼ ସଫଳତା। ଗାନ୍ଦେରବାଲର ସପୋରା ରାସ୍ତାରେ ଆଇଇଡି ଉଦ୍ଧାର କରାଯାଇଛି। ସୂଚନା ପାଇ ଏକ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଓରଡକୁ ନିଷ୍କ୍ରିୟ କରାଯାଇଥିଲା। ଏହାଦ୍ୱାରା ଏକ ବଡ଼ ଧରଣର ଅଘଟଣରୁ ଅଳ୍ପକେ ରକ୍ଷା ମିଳିଛି । ରାସ୍ତା କଡରେ ଏକ ବ୍ୟାଗ୍ରେ ଏହି ଆଇଇଡି ମିଳିଥିଲା। ସୁରକ୍ଷା ଏଜେନ୍ସିକୁ ଘଟଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ବମ୍ ନିରୋଧି ଟିମ୍ ପହଞ୍ଚି ଆଇଇଡି ନିଷ୍କ୍ରିୟ କରିଥିଲା। ସୁରକ୍ଷା ଅଧିକାରୀ ପୁରାଅଞ୍ଚଳକୁ ଘେରାଉ କରିଦେଇଛନ୍ତି। ବମ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଦିଗ୍ଧ ଆଇଇଡିକୁ ନିଷ୍କ୍ରିୟ କରୁଛି। ସେ କହିଛନ୍ତି ଯେ ଆତଙ୍କବାଦୀମାନେ ଭିଆଇପି, ସୁରକ୍ଷା ବାହିନୀ, ସ୍ଥାନୀୟ ପୋଲିସ ଏବଂ ସେନାକୁ ଟାର୍ଗେଟ କରୁଛନ୍ତି। କନଭୟକୁ ଟାର୍ଗେଟ କରିବା ପାଇଁ ରାସ୍ତା ଏବଂ ରାଜପଥରେ ଆଇଇଡି ଲଗାଯାଉଛି। ସେପଟେ ରାଜଧାନୀ ଦିଲ୍ଲୀରେ ବି ଆତଙ୍କୀ ହମଲା କରିବା ନେଇ ଯୋଜନା କରୁଛନ୍ତି। ଶନିବାର ଗୁଇନ୍ଦା ସୂଚନା ମିଳିବା ପରେ ଲାଲକିଲ୍ଲା ଏବଂ ଆଖପାଖର ଅଞ୍ଚଳ ସହ ଚାନ୍ଦିନୀ ଚୌକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରି ଦିଆଯାଇଛି। ଗୁଇନ୍ଦା ସୂଚନା ପରେ ଭାରତର ପ୍ରମୁଖ ଧାର୍ମିକ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଥିଲା। ଲାଲକିଲ୍ଲା ଏବଂ ଚାନ୍ଦନୀ ଚୌକ ପାଖରେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୂତ୍ର ଅନୁଯାୟୀ, ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଫେବୃଆରୀ ୬ ତାରିଖରେ ହୋଇଥିବା ମସଜିଦ ବିସ୍ଫୋରଣ ପରେ, ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା ଭାରତରେ ଆଇଇଡି ବିସ୍ଫୋରଣ କରିବାକୁ ଯୋଜନା କରୁଛି। ଏହି ଆତ୍ମଘାତୀ ଆକ୍ରମଣରେ ୩୧ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୧୬୦ ରୁ ଅଧିକ ଆହତ ହୋଇଥିଲେ। ଆକ୍ରମଣ ପାଇଁ ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିଥିଲା।

# କେବିରେ ଉଗ୍ରବାଦୀଙ୍କ ରକ୍ତାକ୍ତ ଆକ୍ରମଣ

ଆବୁଜା: ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରୁ ଦୁଇଟି ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ ରକ୍ତାକ୍ତ ଉଗ୍ରବାଦୀ ଆକ୍ରମଣରେ ବହୁ ଲୋକଙ୍କ ଜୀବନ ଯାଇଛି। ଅନ୍ୟପଟେ ଏକ ଶିଳ୍ପ ଦୁର୍ଘଟଣା ଅନେକ ପରିବାରକୁ ଉଜାଡ଼ି ଦେଇଛି। ଏହି ଦୁଇଟି ପୃଥକ ଘଟଣାରେ ଏପର୍ଯ୍ୟନ୍ତ ମୋଟ ୭୧ ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି ଓ ଅନେକ ଆହତ ହୋଇଥିବା ଜଣାପଡ଼ିଛି। ପ୍ରଥମ ଘଟଣାଟି ନାଇଜେରିଆର ଉତ୍ତର-ପଶ୍ଚିମ ରାଜ୍ୟ କେବିରେ ଘଟିଛି। ସେଠାରେ ସନ୍ଦିଗ୍ଧ ଡକାୟତଙ୍କ ଦ୍ୱାରା ହୋଇଥିବା ଆକ୍ରମଣରେ ୩୩ ଜଣ ଲୋକଙ୍କର ଜୀବନ ଯାଇଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ, ଆରେଓ୍ୱା ସ୍ଥାନୀୟ ସରକାରୀ କ୍ଷେତ୍ରର ବୁଇ ଜିଲ୍ଲାରେ ଏହି ଆକ୍ରମଣ ଘଟିଥିଲା। ଉତ୍ତର ଅଞ୍ଚଳରେ ସକ୍ରିୟ ଥିବା ଲାକୁରାୱା ଉଗ୍ରବାଦୀ ଗୋଷ୍ଠୀ ଏହି ଆକ୍ରମଣ ପଛରେ ଥିବା ଅନୁମାନ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ସଶସ୍ତ୍ର ଆକ୍ରମଣକାରୀମାନେ ପଡ଼ୋଶୀ ସୋକୋଟୋ ରାଜ୍ୟରୁ ଗାଈ ଚୋରି କରିବା ଉଦ୍ଦେଶ୍ୟରେ ଗାଁରେ ପ୍ରବେଶ କରିଥିଲେ। ତଥାପି, ଡକାୟତମାନଙ୍କ ନିକଟରେ ଆତ୍ମସମର୍ପଣ କରିବା ପରିବର୍ତ୍ତେ, ଗ୍ରାମବାସୀମାନେ ଏକତ୍ରିତ ହୋଇ ସେମାନଙ୍କର ମୁକାବିଲା କରିବାକୁ ନିଷ୍ପତ୍ତି ନେଇଥିଲେ।

# ଟୋଲ୍ ପ୍ଲାଜାରେ ନଗଦ କାରବାର ବନ୍ଦ

ନୂଆଦିଲ୍ଲୀ: ଆସନ୍ତା ଏପ୍ରିଲ ପହିଲାରୁ ଦେଶର ବିଭିନ୍ନ ଜାତୀୟ ରାଜପଥ ଟୋଲ୍ ପ୍ଲାଜାଗୁଡ଼ିକରେ ଆଉ ଯାନବାହନରୁ ନଗଦ ଆକାରରେ ଶୁଳ୍କ ଆଦାୟ କରାଯିବ ନାହିଁ। ଟୋଲ୍ ଆଦାୟକୁ ସଂପୂର୍ଣ୍ଣ ଭାବେ କ୍ୟାସ୍ଲେସ୍ କରାଯିବ। ଅର୍ଥାତ କେବଳ ଫାଷ୍ଟାଗ୍ ଓ ୟୁପିଆଇ ମାଧ୍ୟମରେ ଟୋଲ୍ କଟିବ। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିବୃତ୍ତିରେ ଏ ନେଇ ସୂଚନା ରହିଛି। ସୂଚନାଯୋଗ୍ୟ ଏବେ ଅଧିକାଂଶ ଟୋଲ୍ ପ୍ଲାଜାରେ ଫାଷ୍ଟ୍ୟାଗ୍ ବ୍ୟବସ୍ଥା ରହିଥିଲେ ମଧ୍ୟ ନଗଦ ପଇଠ ବା କ୍ୟାସ୍ ପାଇଁ ଗୋଟିଏ ଲେନ୍ ଛଡ଼ାଯାଉଛି। କିନ୍ତୁ ଏହି ବ୍ୟବସ୍ଥା ଏଣିକି ପୂରା ଉଚ୍ଛେଦ ହେବ। ଅନ୍ୟପକ୍ଷରେ ଗତ ଅଗଷ୍ଟରୁ ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ପାଇଁ ଏକକାଳୀନ ୩୦୦୦ ଟଙ୍କାର ଟୋଲ ଜମା କରିବା ପାଇଁ ଯେଉଁ ସ୍କିମ୍ ଘୋଷଣା ହୋଇଥିଲା ତାହା ଜାରି ରହିବ। ଏଥିରେ ଥରେ ୩୦୦୦ ଟଙ୍କାର ଫାଷ୍ଟ୍ୟାଗ୍ ରିଚାର୍ଜ କରି ରାଜପଥ ବ୍ୟବହାରକାରୀ ବର୍ଷକୁ ୨୦୦ଟି ଟୋଲ୍ ଗେଟ ଅତିକ୍ରମ କରି ପାରିବେ। ଏହି ସ୍କିମ୍ରେ ଏବେ ଏନ୍ଏଚ୍ଏଆଇଇର ଗ୍ରାହକ ସଂଖ୍ୟା ୫୦ ଲକ୍ଷରେ ପହଞ୍ଚିଛି।

# ପାକିସ୍ତାନରେ ବଢ଼ିଚାଲିଛି ଦାରିଦ୍ର୍ୟ



ଇସଲାମାବାଦ୍: ଭାରତର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଏବେ ଦାରିଦ୍ର୍ୟ ସୀମାରେଖା ତଳକୁ ଯାଉଛି । ଦେଶର ଅର୍ଥନୀତି ବର୍ତ୍ତମାନ ସବୁଠାରୁ କଠିନ ପର୍ଯ୍ୟାୟ ଦେଇ ଗତି କରୁଛି। ଯୁଦ୍ଧ ଓ ଦେଶର ଭୁଲ ନୀତି କାରଣରୁ ସାଧାରଣ ଲୋକଙ୍କ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି, ଦକ୍ଷିଣ ଏସିଆରେ ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ବିକାଶ ବଦଳରେ ଯୁଦ୍ଧ ଉପରେ ଧ୍ୟାନ ଦେବା ଦେଶ ପାଇଁ ବହୁତ ଘାତକ ପ୍ରମାଣିତ ହୋଇଛି। ଆଜି ପାକିସ୍ତାନର ପ୍ରତ୍ୟେକ ତୃତୀୟ ବ୍ୟକ୍ତି ନିଜର ମୌଳିକ ଆବଶ୍ୟକତା ପାଇଁ ସଂଘର୍ଷ କରୁଛନ୍ତି କାରଣ ଉଚ୍ଚ ମୁଦ୍ରାସ୍ଫୀତି ଲୋକଙ୍କ କ୍ରୟ ଶକ୍ତିକୁ ଛଡ଼ାଇ ନେଇଛି। ପାକିସ୍ତାନର କେନ୍ଦ୍ରୀୟ ଯୋଜନା ମନ୍ତ୍ରୀ ଆହସାନ ଇକବାଲଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଦେଶର ଦୁର୍ଦ୍ଦଶାର ଏକ ଭୟଙ୍କର ଚିତ୍ର ପ୍ରଦାନ କରିଛି। ୨୦୨୪-୨୫ ସୁଦ୍ଧା ପାକିସ୍ତାନର ମୋଟ ଜନସଂଖ୍ୟାର ୨୮.୮ ପ୍ରତିଶତ ଲୋକ ଆନୁଷ୍ଠାନିକ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରୁଛନ୍ତି। ଏହି ସଂଖ୍ୟା, ୨୦୧୮-୧୯ରେ ମାତ୍ର ୨୧.୯ ପ୍ରତିଶତ ଥିଲା, ଗତ ଛଅ ବର୍ଷ ମଧ୍ୟରେ ପ୍ରାୟ ୬.୯ ପ୍ରତିଶତ ଦାରିଦ୍ର୍ୟ ବୃଦ୍ଧି ପାଇଛି। ଭାରତ ଓ ବାଂଲାଦେଶ ଭଳି ପଡ଼ୋଶୀ ଦେଶମାନେ ଦାରିଦ୍ର୍ୟ ଦୂର କରିବାରେ ସଫଳ ହୋଇଥିଲେ ମଧ୍ୟ ପାକିସ୍ତାନର ପରିସ୍ଥିତି ସମ୍ପୂର୍ଣ୍ଣ ବିପରୀତ। ଭାରତ ଗତ ଦଶ ବର୍ଷ ମଧ୍ୟରେ ୧୭୧ ମିଲିୟନ୍ ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଛି, ଯାହା ସମଗ୍ର ଅନ୍ତର୍ଜାତୀୟ ସମୁଦାୟ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ବାଂଲାଦେଶ ତାର ପୋଷାକ ଶିଳ୍ପ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନଧାରଣ ମାନକୁ ଉନ୍ନତ କରିଛି, କିନ୍ତୁ ପାକିସ୍ତାନ ନିଜର ଭୁଲ ଯୋଗୁଁ କ୍ରମାଗତ ଭାବରେ ପଛରେ ପଡ଼ିଛି। ସର୍ବଶେଷ ସର୍ଭେ ଫଳାଫଳରୁ ଏହା ମଧ୍ୟ ଜଣାପଡିଛି ଯେ ପାକିସ୍ତାନର ପ୍ରମୁଖ ରାଜ୍ୟ, ପଞ୍ଜାବ ଓ ସିନ୍ଧରେ ଦାରିଦ୍ର୍ୟ ସ୍ତର ସର୍ବାଧିକ ବୃଦ୍ଧି ପାଇଛି। ଖାଇବର ପଖତୁନଖ୍ୱାର ପରିସ୍ଥିତି ମଧ୍ୟ ବିଶେଷ ଚିନ୍ତାଜନକ, ଯେତେବେଳେ କି ବେଲୁଚିସ୍ତାନ ଅଞ୍ଚଳରେ ପୂର୍ବ ବର୍ଷ ତୁଳନାରେ ଦାରିଦ୍ର୍ୟ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ଘଟିଛି। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଓ କମ ଜିଡିପି ଅଭିବୃଦ୍ଧି ସାରା ଦେଶରେ ଦୁର୍ବଳ ଆର୍ଥିକ ଅବସ୍ଥାକୁ ଆହୁରି ଖରାପ କରିଛି। ତେଣୁ ଅର୍ଥନୈତିକ ବିଶେଷଜ୍ଞ-ମାନେ ବିଶ୍ୱାସ କରନ୍ତି ଯେ ଯେପର୍ଯ୍ୟନ୍ତ ପାକିସ୍ତାନ ତାର ପ୍ରାଥମିକତା ପରିବର୍ତ୍ତନ ନକରେ, ସେପର୍ଯ୍ୟନ୍ତ ଦାରିଦ୍ର୍ୟ ଚକ୍ରରୁ ବାହାରିବା ଅସମ୍ଭବ। ରାଜନୈତିକ ଅସ୍ଥିରତା ଏବଂ ଆନ୍ତର୍ଜାତୀୟ ନିବେଶରେ ହ୍ରାସ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି ଯେ ଭବିଷ୍ୟତରେ ନିଯୁକ୍ତି ସୁଯୋଗ ଆହୁରି ସଙ୍କୁଚିତ ହେବ। ପାକିସ୍ତାନକୁ ଏବେ ତାର ନୀତିରେ ସଂସ୍କାର ଆଣିବାକୁ ପଡିବ ଏବଂ ତାର ଲୋକଙ୍କ ଜୀବନଧାରଣ ମାନ ବୃଦ୍ଧି କରିବା ପାଇଁ ଠୋସ୍ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ପଡିବ।

# ମେଲାନିଆ ଟ୍ରମ୍ପ ରଚିଲେ ଇତିହାସ




ୱାଶିଂଟନ୍ : ଆମେରିକାର ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ ଆମେରିକୀୟ କାରିଗରୀଙ୍କୁ ସମ୍ମାନ ଜଣାଇ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସେ ୨୦୨୫ରେ ଶପଥ ଗ୍ରହଣ ଉତ୍ସବରେ ପିନ୍ଧିଥିବା ତାଙ୍କର ଐତିହାସିକ ଗାଉନ୍ ସ୍ମିଥସୋନିଆନ୍ ନ୍ୟାସନାଲ୍ ମ୍ୟୁଜିୟମ୍ ଅଫ୍ ଆମେରିକୀୟ ହିଷ୍ଟ୍ରିକୁ ଦାନ କରିଛନ୍ତି। ଏହି ଅବସରରେ, ସେ କହିଛନ୍ତି ଆମେରିକାର ଫ୍ୟାଶନ୍ ଶିଳ୍ପ ବିଶ୍ୱକୁ ନେତୃତ୍ୱ ଦେବାର ସମ୍ଭାବନା ରଖିଛି ଏବଂ ପ୍ରତ୍ୟେକ ସିଲାଇରେ ମାନବ ଭାବନା ରହିଥାଏ। ଏହି ଗାଉନ୍ କେବଳ ଏକ ଫ୍ୟାଶନ୍ ଷ୍ଟେଟମେଣ୍ଟ ନୁହେଁ, ବରଂ ମେଲାନିଆ ଟ୍ରମ୍ପଙ୍କ ୫୦ ବର୍ଷର ଅଭିଜ୍ଞତା ଏବଂ ବୁଝାମଣାର ଫଳାଫଳ ମଧ୍ୟ। ଅଫ୍-ହ୍ୱାଇଟ୍ ସିଲ୍କ କ୍ରେପ୍ ରୁ ତିଆରି, ଏହି ଷ୍ଟ୍ରାପ୍ଲେସ୍ ଗାଉନ୍ ପ୍ରସିଦ୍ଧ ଡିଜାଇନର୍ ହାର୍ଭେ ପିଏରେଙ୍କ ଦ୍ୱାରା ତିଆରି କରାଯାଯାଇଛି। ଏଥିରେ ଏକ କଳା ସିଲ୍କ ଗାଜାର ରହିଛି। ଲୁକ୍ କୁ ଆହୁରି ସୁନ୍ଦର କରିବା ପାଇଁ, ମେଲାନିଆ ଏହାକୁ ହ୍ୟାରି ୱିନ୍ସଟନ୍ ଦ୍ୱାରା ନିର୍ମିତ ୧୯୫୫ ମସିହାର ହୀରା ବ୍ରୋଚ୍ର ଏକ ପ୍ରତିକୃତି ପିନ୍ଧିଥିଲେ, ଯାହା ଏକ କଳା ରିବନ୍ ଚୋକର ଉପରେ ସଜାଯାଇଥିଲା। ମେଲାନିଆ ଏହି ଡ୍ରେସ୍ ତିଆରି କରିଥିବା ପ୍ୟାଟର୍ନ ମେକର୍ସ ଏବଂ ଦର୍ଜୀଙ୍କ ଟିମ୍କୁ ପ୍ରଶଂସା କରି ଏହାକୁ 'ଆମେରିକୀୟ କାରିଗରୀକୁ ସମର୍ପିତ' ବୋଲି କହିଥିଲେ। ଏହି ଦାନ ସହିତ, ମେଲାନିଆ ଟ୍ରମ୍ପ ଇତିହାସ ପୃଷ୍ଠାରେ ତାଙ୍କ ନାମ ଲିପିବଦ୍ଧ କରିଛନ୍ତି। ସେ ଦ୍ୱିତୀୟ ଥର ପାଇଁ ସଂଗ୍ରହାଳୟକୁ ତାଙ୍କର ଉଦଘାଟନୀ ଗାଉନ ଦାନ କରିଥିବା ପ୍ରଥମ ମହିଳା ହୋଇଛନ୍ତି। ତାଙ୍କ ପୂର୍ବରୁ, ଇଡା ମ୍ୟାକକିନଲି ୧୮୯୭ ଏବଂ ୧୯୦୧ରେ ଏହି ସମ୍ମାନ ପାଇଥିଲେ। ଏହି ଗାଉନ୍ ଏବେ ସଂଗ୍ରହାଳୟର ପ୍ରତିଷ୍ଠିତ 'ଫାଷ୍ଟ ଲେଡିସ୍ କଲେକ୍ସନର' ଏକ ଅଂଶ, ଯାହା ୧୯୧୨ ରୁ ଆମେରିକାର ଫାଷ୍ଟ ଲେଡିଙ୍କ ପରିଧାନକୁ ପ୍ରଦର୍ଶନ କରେ। ଏହି ସଂଗ୍ରହାଳରେ ପ୍ରାୟ ୧୦୦୦ଟି ଜିନିଷ ରହିଛି ଯାହା ହ୍ୱାଇଟ୍ ହାଉସର ପରିବର୍ତ୍ତନଶୀଳ ସାଂସ୍କୃତିକ ଶୈଳୀକୁ ପ୍ରତିନିଧିତ୍ୱ କରେ। ଜନସାଧାରଣ ଏବେ ଏହି ଐତିହାସିକ ଗାଉନ୍ ମ୍ୟୁଜିଅମ୍ ଅଫ୍ ଆମେରିକାନ୍ ହିଷ୍ଟ୍ରିରେ ଦେଖିପାରିବେ।

## ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ : ସୂର୍ଯ୍ୟସେନାର ଅସଲ ପରୀକ୍ଷା ଆଜି

# ଡି'କକ୍ ହେବେ ଦକ୍ଷିଣ ଆଫ୍ରିକାର ପ୍ରମୁଖ ଅସ୍ତ୍ର



ଅହମଦାବାଦ: ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ରବିବାର ଭାରତର ମୁକାବିଲା ଦକ୍ଷିଣ ଆଫ୍ରିକା ସହ ହେବ। ଗ୍ରୁପ୍ ପର୍ଯ୍ୟାୟର କେବଳ ଭାରତ ନୁହେଁ ଦକ୍ଷିଣ ଆଫ୍ରିକା ବି ଅପରାଜିତ ରହି ସୁପର-୮ରେ ପ୍ରବେଶ କରିଥିଲା। ଏଣୁ ଭାରତ ପାଇଁ ଅସଲ ପରୀକ୍ଷା ଏହି ମ୍ୟାଚ୍‌ରୁ ଆରମ୍ଭ ହେବ। ଗତ ସଂସ୍କରଣ ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ଭାରତ ରୋମାଞ୍ଚକ ଭାବେ ହରାଇଥିଲା। ଦକ୍ଷିଣ ଆଫ୍ରିକା ଏବେ ସେହି ପରାଜୟର ପ୍ରତିଶୋଧ କଡ଼ାଗେଣ୍ଡାରେ ନେବାକୁ ଲକ୍ଷ୍ୟ ରଖିଛି। ଗ୍ରୁପ୍ ପର୍ଯ୍ୟାୟରେ ଉଭୟ ଦଳ ଚାରିଟି ଲେଖାଏଁ ମ୍ୟାଚ୍ ଜିତି ସୁପର-୮କୁ ଆସିଛନ୍ତି। ଏଣୁ ରବିବାର ଉଭୟ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହେବ ବୋଲି ଆଶା କରାଯାଉଛି।

ଭାରତ ପାଇଁ ମୁଖ୍ୟଚିନ୍ତା ବ୍ୟାଟିଂ ବିଭାଗ ରହିବ। କାରଣ ଗ୍ରୁପ୍ ପର୍ଯ୍ୟାୟରେ ନିଜର ସବୁ ମ୍ୟାଚ୍ ଜିତିଥିଲେ ବି ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଯାଇଥିଲା। ଅଫ୍-ସ୍ପିନ୍ ବିପକ୍ଷରେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରୁଥିବା ଦେଖାଯାଇଥିଲା। ବିଶେଷକରି ବିସ୍ଫୋରକ ଓପନର ଅଭିଷେକ ଶର୍ମାଙ୍କ ଖରାପ ଫର୍ମ ଦଳପାଇଁ ଚିନ୍ତାର କାରଣ ପାଲଟିଛି। ଚଳିତ ବିଶ୍ୱକପ୍‌ରେ ସେ ଏପର୍ଯ୍ୟନ୍ତ ଖାତା ଖୋଲିପାରି ନାହାନ୍ତି। କେବଳ ସେ ନୁହେଁ, ତିନି ନମ୍ବରରେ ଆସୁଥିବା ତିଳକ ବର୍ମା ବି ଖାପଛଡ଼ା ଲାଗୁଛନ୍ତି। ତାଙ୍କର ଷ୍ଟ୍ରାଇକ୍ ହାର ମାତ୍ର ୧୨୦ ରହିଛି। ପାକିସ୍ତାନ ବିପକ୍ଷରେ ସେ ୨୪ ବଲ୍ ଖେଳି ୨୫, ନାମିବ୍ୟା ବିପକ୍ଷରେ ୨୧ ବଲ୍‌ରୁ ୨୫ ଓ ନେଦରଲାଣ୍ଡସ ବିପକ୍ଷରେ ୨୭ ବଲ୍‌ରୁ ୩୧ ରନ୍ କରିଥିଲେ।

ଅଧିନାୟକ ସୂର୍ଯ୍ୟକୁମାର ଯାଦବ କେତୋଟି ଭଲ ପାଳି ଖେଳିଥିଲେ ବି ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତାଙ୍କର ଷ୍ଟ୍ରାଇକ୍ ହାର ମାତ୍ର ୧୩୬ ରହିଛି। ଅନ୍ୟପକ୍ଷରେ ଫିଲଡିଂରେ ବି ଭାରତୀୟ ଦଳରେ ଥିବା ତ୍ରୁଟିକୁ ସୁଧାରିବାକୁ ପଡ଼ିବ। ଭାରତୀୟ ବ୍ୟାଟିର ଅସଲ ପରୀକ୍ଷା ଦକ୍ଷିଣ ଆଫ୍ରିକାର ଶକ୍ତିଶାଳୀ ବୋଲିଂ ବିପକ୍ଷରେ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗରେ କାସିଗୋ ରାବାଡ଼ା, ଲୁଙ୍ଗି ଏନଗିଡି, ମାର୍କୋ ୟାନ୍‌ସେନ୍, କେଶବ ମହାରାଜ ଓ ଏଡେନ୍ ମାର୍କରାମ୍‌ଙ୍କ ପରି ଭଲ ବୋଲର ଅଛନ୍ତି। ଅନ୍ୟପକ୍ଷରେ ଭାରତର ବୋଲିଂ ବିଭାଗ ସନ୍ତୁଳିତ ଅଛି। ଯଶପ୍ରୀତ ବୁମରା ଓ ବରୁଣ ଚକ୍ରବର୍ତ୍ତୀଙ୍କ ଉପରେ ଭାରତର ବୋଲିଂ ଆକ୍ରମଣ ନିର୍ଭର କରିବ। ତେବେ ଦକ୍ଷିଣ ଆଫ୍ରିକାର ଆଗଧାଡ଼ିର ବ୍ୟାଟର କ୍ୱିଣ୍ଟନ୍ ଡି'କକ୍, ଏଡେନ୍ ମାର୍କରାମ୍, ଦେୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟନ୍ ଷ୍ଟବ୍ସ, ଡେଭିଡ୍ ମିଲର ଫର୍ମରେ ଥିବାରୁ ଭାରତୀୟ ବୋଲିଂର ଅସଲ ପରୀକ୍ଷା ହେବ।

ତେବେ ଦୁଇ ଦଳ ଗତ ଦୁଇ ମାସ ମଧ୍ୟରେ ପରସ୍ପରକୁ ୬ଷ୍ଠ ଥର ପାଇଁ ଭେଟିବାକୁ ଯାଉଥିବାରୁ ଉଭୟ ନିଶ୍ଚିତଭାବେ ପରସ୍ପରର ଦୁର୍ବଳତା ଓ ଶକ୍ତି ସଂପର୍କରେ ଭଲଭାବରେ ଅବଗତ ଥିବେ। ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ମୁକାବିଲା ଲାଗି ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ ହୋଇ ସାରିଥିବା ଭାରତୀୟ କ୍ରିକେଟ୍ ଦଳର ବୋଲିଂ ପ୍ରଶିକ୍ଷକ ମର୍ଣ୍ଣି ମୋର୍କେଲ ମଧ୍ୟ କହିଛନ୍ତି। ସେହିଭଳି ଶନିବାର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ ପ୍ରଶିକ୍ଷକ ଗେ?ତମ ଗମ୍ଭୀର ଢେର ସମୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ପିଚ୍‌କୁ ଅନୁଧ୍ୟାନ କରିଛନ୍ତି। ଉଭୟ ତଦନୁଯାୟୀ ଯୋଜନା କରିଥିବାର ସଙ୍କେତ ବି ଦେଇଛନ୍ତି। ସେପଟେ ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷରେ ସବୁବେଳେ ଭଲ ପ୍ରଦର୍ଶନ କରୁଥିବା ଓପନର ତଥା ୱିକେଟ୍ ରକ୍ଷକ କ୍ୱିଣ୍ଟନ୍ ଡି'କକ୍‌ଙ୍କୁ ଅସ୍ତ୍ର କରିବ ବୋଲି ସଙ୍କେତ ଦେଇଛି।

ରବିବାର, ଫେବୃଆରୀ ୨୨– ଭାରତ ବନାମ ଦକ୍ଷିଣ ଆଫ୍ରିକା, ନରେନ୍ଦ୍ର ମୋଦି ଷ୍ଟାଡିୟମ (ଅହମ୍ମଦାବାଦ), ସନ୍ଧ୍ୟା ୭ଟା। ଗୁରୁବାର, ଫେବୃଆରୀ ୨୬– ଭାରତ ବନାମ ଜିମ୍ବାୱେ, ଏମଏ ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ), ସନ୍ଧ୍ୟା ୭ଟା। ରବିବାର, ମାର୍ଚ୍ଚ ୧– ଭାରତ ବନାମ ୱେଷ୍ଟଇଣ୍ଡିଜ୍, ଇଡେନ୍ ଗାର୍ଡେନ୍ସ (କୋଲକାତା), ସନ୍ଧ୍ୟା ୭ଟା।

# ଖରାପ ଫର୍ମ ପାଇଁ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚରୁ ବାଦ ପଡିବେ ଅଭିଷେକ



ନୂଆଦିଲ୍ଲୀ : ୨୦୨୬ ଟି୨୦ ବିଶ୍ୱକପ ସୁପର ୮ରେ ଭାରତର ପ୍ରଥମ ମ୍ୟାଚ ରବିବାର, ଫେବୃଆରୀ ୨୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ। ଏହା ପୂର୍ବରୁ, ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ, ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଅଭିଷେକ ଶର୍ମାଙ୍କ ଖରାପ ଫର୍ମ ବିଷୟରେ ପଚରାଯାଇଥିଲା। ଅଭିଷେକ ତାଙ୍କର ତିନୋଟି ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଶୂନ୍ୟରେ ଆଉଟ ହୋଇଛନ୍ତି। ତଥାପି, ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଥିଲେ ଯେ ସେ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ବିଷୟରେ ଚିନ୍ତିତ ନୁହଁନ୍ତି, ବରଂ ପ୍ରତିପକ୍ଷ ବିଷୟରେ ଚିନ୍ତିତ।

୨୦୨୬ ଟି୨୦ ବିଶ୍ୱକପ ସୁପର ୮ରେ ଭାରତ ବନାମ ଦକ୍ଷିଣ ଆଫ୍ରିକା ମ୍ୟାଚ ରବିବାର ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ଭାରତ ସେହି ଗ୍ରାଉଣ୍ଡରେ ନେଦରଲ୍ୟାଣ୍ଡସକୁ ପରାସ୍ତ କରିଥିଲା, ଯେଉଁଠାରେ ଅଭିଷେକ କ୍ରମାଗତ ତୃତୀୟ ଥର ପାଇଁ ଶୂନ୍ୟରେ ଆଉଟ ହୋଇଥିଲେ। ପୂର୍ବରୁ, ସେ ଆମେରିକା ଏବଂ ପାକିସ୍ତାନ ବିପକ୍ଷରେ ମଧ୍ୟ ନିଜର ଖାତା ଖୋଲିପାରି ନଥିଲେ। ଯଦିଓ ଭାରତ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ହାରିନାହିଁ, ତାଙ୍କର ଫର୍ମ ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ତଥାପି, ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି ଯେ ସେ ଅଭିଷେକଙ୍କ ଫର୍ମ ବିଷୟରେ ଚିନ୍ତିତ ନୁହଁନ୍ତି।

ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ପୂର୍ବରୁ ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂର୍ଯ୍ୟକୁମାର କହିଥିଲେ, 'ଯେଉଁମାନେ ଅଭିଷେକଙ୍କ ବିଷୟରେ ଚିନ୍ତିତ, ମୁଁ ସେମାନଙ୍କ ବିଷୟରେ ଚିନ୍ତିତ। ଅଭିଷେକ ଶର୍ମା କେଉଁ ଦଳଗୁଡ଼ିକ ବିରୁଦ୍ଧରେ ଖେଳିବେ, ମୁଁ ସେମାନଙ୍କ ବିଷୟରେ ଅଧିକ ଚିନ୍ତିତ। ସେ ଗତ ବର୍ଷ ସବୁକିଛି କରିଥିଲେ, ଏବେ ତାଙ୍କ ଅବଦାନ ପାଇଁ ତାଙ୍କୁ ପୁରସ୍କୃତ କରିବାର ସମୟ।'

ସୂର୍ଯ୍ୟକୁମାର ଯାଦବ ଏହା ମଧ୍ୟ କହିଛନ୍ତି ଯେ ପ୍ରତ୍ୟେକ ଥର ୨୫୦ରନ କରିବା ଆବଶ୍ୟକ ନୁହେଁ। ସେ କହିଛନ୍ତି ଯେ ୱିକେଟ ଟିକେ ଭିନ୍ନ। ସେ କହିଛନ୍ତି ଯେ ଆମେ ଆଗାମୀ ମ୍ୟାଚଗୁଡ଼ିକରେ ପିଚର ଚ୍ୟାଲେଞ୍ଜର ସମ୍ମୁଖୀନ ହେବୁ। ଉଲ୍ଲେଖନୀୟ ଯେ ଭାରତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ନେଦରଲ୍ୟାଣ୍ଡସ ବିପକ୍ଷରେ ମ୍ୟାଚ ଜିତିଥିଲା, ଯେଉଁଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁପର ୮ମ୍ୟାଚ ଖେଳାଯିବ। ତଥାପି, ଚଳିତ ସଂସ୍କରଣରେ, ଦକ୍ଷିଣ ଆଫ୍ରିକା ମଧ୍ୟ ଏହି ଗ୍ରାଉଣ୍ଡରେ ଦୁଇଟି ମ୍ୟାଚ ଖେଳିଥିଲା ଏବଂ ଉଭୟରେ ବିଜୟୀ ହୋଇଥିଲା।

## ଭାରତୀୟ ମହିଳା କ୍ରିକେଟ୍ ଦଳର ଐତିହାସିକ ଶୃଙ୍ଖଳା ବିଜୟ

# ୨–୧ରେ ଅଷ୍ଟ୍ରେଲିଆକୁ ହରାଇଲା



ଆଡିଲେଡ୍: ସ୍ମୃତି ମନ୍ଧାନା ଓ ଜେମିମା ରଡ୍ରିଗ୍ସଙ୍କ ଶତକୀୟ ଭାଗୀଦାରି ବଳରେ ଅଷ୍ଟ୍ରେଲିଆକୁ ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଟ୍ୱେଣ୍ଟି-୨୦ରେ ଅଷ୍ଟ୍ରେଲିଆକୁ ୧୭ ରନ୍‌ରେ ହରାଇ ଦେଇଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୨-୧ରେ ଜିତି ନେଇଛି। ୨୦୧୭ ମସିହାରେ ପରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର କୌଣସି ଗୋଟିଏ ଫର୍ମାଟ୍‌ରେ ପ୍ରଥମ ଶୃଙ୍ଖଳା ପରାଜୟ। ଶନିବାର ଭ୍ରମଣକାରୀ ଭାରତୀୟ ଦଳ ଟସ୍ ଜିତି ବ୍ୟାଟିଂ କରିବା ପରେ ୧୯ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଦ୍ୱିତୀୟ ୱିକେଟ୍‌ରେ ମନ୍ଧାନା ଓ ରଡ୍ରିଗ୍ସ ୧୨୧ ରନ୍ ଯୋଡ଼ିବା କିନ୍ତୁ ଭାରତୀୟ ଦଳର ସ୍ଥିତିକୁ ମଜଭୂତ କରି ନେଇଥିଲା।

ଉଭୟ ଖେଳାଳି ରେକର୍ଡ ଭାଗୀଦାର ସହ ଅଷ୍ଟ୍ରେଲିଆ ମାଟିରେ ଅର୍ଦ୍ଧଶତକ ଅର୍ଜନ କରିବାର ଗୌରବ ହାସଲ କରିଥିଲେ। ସେହିଭଳି ଶେଷ ଆଡ଼କୁ ୱିକେଟ୍ ରକ୍ଷକ ବ୍ୟାଟର ରିଚା ଘୋଷ ଦ୍ରୁତ ୧୮ ରନ୍ କରିବାରୁ ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆର ପଶ୍ଚାତବଧାବନ ପ୍ରଥମ ୪ ଓଭରରେ ହିଁ ବାଟ ହୁଡ଼ିଥିଲା। ୩୨ ରନ୍‌ରେ ୩ ୱିକେଟ୍ ହରାଇ ଦଳ ୧୭୭ ରନ୍‌ର ବଡ଼ ଲକ୍ଷ୍ୟକୁ ହାସଲ କରିବା ଦିଗରେ ପାୱାର ପ୍ଲେ ଭିତରେ ହିଁ ଚାପଗ୍ରସ୍ତ ହୋଇଥିଲା। ମଧ୍ୟକ୍ରମରେ ଆସଲି ଗାର୍ଡନରଙ୍କ ଛଡ଼ା ଅନ୍ୟ କୌଣସି ଅଷ୍ଟ୍ରେଲୀୟ ବ୍ୟାଟର ଭାରତୀୟ ବୋଲରଙ୍କ ସଠିକ ମୁକାବିଲା କରିପାରି ନଥିଲେ। ଫଳରେ ଘରୋଇ ଦଳ ୯ ୱିକେଟ୍‌ରେ ୧୫୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ମ୍ୟାଚ୍‌ର ସର୍ବୋଚ୍ଚ ପାଳି ଖେଳିଥିବା ମନ୍ଧାନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ-୧୭୬/୬ (ସ୍ମୃତି ମନ୍ଧାନା ୮୨, ଜେମିମା ରଡ୍ରିଗ୍ସ ୫୯, ରିଚା ଘୋଷ ୧୮, ଆନାବେଲ ସଦରଲାଣ୍ଡ ୨/୩୪, କିମ୍ ଗର୍ଥ ୧/୨୫)। ଅଷ୍ଟ୍ରେଲିଆ ୨୦ ଓଭରରେ-୧୫୯/୯ (ଆସଲି ଗାର୍ଡନର ୫୭, ଫୋବେ ଲିଚଫିଲ୍ଡ ୨୬, ଶ୍ରୀୟଙ୍କା ପାଟିଲ ୩/ ୨୨, ଶ୍ରୀଚାରଣୀ ୩/୩୨, ଅରୁନ୍ଧତୀ ରେଡ୍ଡି ୨/୩୫)।

# ମହିଳା ରାଇଜିଂ ଷ୍ଟାର୍ସ ଏସିଆ କପ୍: ଫାଇନାଲ୍‌ରେ ଭାରତ



ବ୍ୟାଙ୍କକ୍: ଚଳିତ ମହିଳା ରାଇଜିଂ ଷ୍ଟାର୍ସ ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତୀୟ 'ଏ' ଦଳ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଭାରତ ୫ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଭାରତୀୟ ବୋଲିଂକୁ ସାମ୍ନା କରି ନପାରି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୯.୪ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ରାଧା ଯାଦବ (୩.୪-୦-୧୯-୪), ପ୍ରେମା ରାୱତ (୪-୧-୯-୨) ଓ ତନୁଜା କନୱର (୪-୦-୨୦-୨) ବୋଲିଂ ସଫଳତା ପାଇଥିଲେ।

ଜବାବରେ ଭାରତ ୧୩.୩ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ବୃନ୍ଦା ଦିନେଶ (୨୦ ବଲ୍‌ରୁ ୪୨), ରାଧା ଯାଦବ (୧୮ ବଲ୍‌ରୁ ୩୧*) ଓ ଅନୁଷ୍କା ଶର୍ମା (୧୮ ବଲ୍‌ରୁ ୨୭) ଦଳକୁ ସହଜ ବିଜୟ ଦେଇଥିଲେ। ଅଲ୍‌ରାଉଣ୍ଡ୍ ସଫଳତା ପାଇଁ ରାଧାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଭାରତ ରବିବାର ଫାଇନାଲ୍‌ରେ ବାଂଲାଦେଶକୁ ଭେଟିବ। ଅନ୍ୟ ଏକ ସେମିଫାଇନାଲ୍‌ରେ ବାଂଲାଦେଶ ୫୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ବାଂଲାଦେଶ ୧୧୦/୮ କରିଥିଲା ବେଳେ ପାକିସ୍ତାନ ୫୬ ରନ୍‌ରେ ଅଟକି ଯାଇଥିଲା।

## ଅଧିନାୟକ ବଦଳିଲେ ଅବସ୍ଥା ବଦଳିଲାନି

# ଲଗାତାର ପଞ୍ଚମ ମ୍ୟାଚ୍ ହାରିଲା ଭାରତୀୟ ହକି ଦଳ



ନୂଆଦିଲ୍ଲୀ : ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକିରେ ଭାରତର ଲଜ୍ଜାଜନକ ପ୍ରଦର୍ଶନ ଜାରି ରହିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଖେଳିଥିବା ଘରୋଇ ପର୍ଯ୍ୟାୟର ଚାରିଟି ଯାକ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ଅଷ୍ଟ୍ରେଲୀୟ ପର୍ଯ୍ୟାର ପ୍ରଥମ ମୁକାବିଲାରେ ୟୁରୋପୀୟ ଶକ୍ତି ସ୍ପେନ୍‌ଠାରୁ ୦-୨ ଗୋଲ୍‌ରେ ହାରିଯାଇଛି। ଫଳରେ କ୍ରମାଗତ ଭାବେ ପଞ୍ଚମ ମ୍ୟାଚ୍ ହାରିବାର ଅପଯଶ ମୁଣ୍ଡାଇବା ସହ ଶୋଚନୀୟ ହକି ଖେଳିବା ଲାଗି ତୀବ୍ର ସମାଲୋଚିତ ହୋଇଛି। ଅଷ୍ଟ୍ରେଲିଆର ହୋବର୍ଟରେ ଖେଳାଯାଉଥିବା ଏହି ପର୍ଯ୍ୟାୟ ଲାଗି ଭାରତୀୟ ଦଳ ହରମନ୍ ପ୍ରୀତ ସିଂହଙ୍କ ସ୍ଥାନରେ ଦୁଇ ଥର ଅଲିମ୍ପିଆନ୍ ହାର୍ଦ୍ଦିକ ସିଂହଙ୍କୁ ଅଧିନାୟକ ନିଯୁକ୍ତ କରିଥିଲା। ଦଳରେ କେତେକ ନୂଆ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ସାମିଲ ମଧ୍ୟ କରାଯାଇଥିଲା।

ଏହା ସତ୍ତ୍ୱେ ପଡ଼ିଆ ଭିତରେ ଖେଳାଳିଙ୍କ ତାଳମେଳ, କୌଶଳ ଓ ଗତିରେ ଏହାର କୌଣସି ସକାରାତ୍ମକ ପ୍ରତିଫଳନ ଦେଖିବାକୁ ମିଳି ନଥିଲା। ଫଳରେ ଉଭୟାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ୍ ବରଣ କରି ମ୍ୟାଚ୍ ହାତଛଡ଼ା କରିଥିଲା ଭାରତୀୟ ଦଳ। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍‌ଙ୍କ ବିଜୟ ଧାରାକୁ ଫେରିବାର ଦୃଢ଼ୋକ୍ତି ସତ୍ତ୍ୱେ ଭାରତୀୟ ରକ୍ଷଣଭାଗ ଶନିବାର ସକାଳର ଏହି ମ୍ୟାଚ୍‌ରେ ଦକ୍ଷତା ମୂଳକ ଖେଳ ପ୍ରଦର୍ଶନ କରି ପାରି ନଥିଲା। ବିଶେଷ କରି ପ୍ରଥମାର୍ଦ୍ଧରେ ସ୍ପେନ୍ ଖେଳାଳିଙ୍କ ରଚନାତ୍ମକ ପାସ୍ ଏବଂ ଉନ୍ନତ ରଣକୌଶଳ ଆଗରେ ପୂରା ହାର ମାନିଥିଲା ହାର୍ଦ୍ଦିକ ସେନା। ଷଷ୍ଠ ମିନିଟ୍‌ରେ ହିଁ ସ୍ପେନ୍‌ର ପ୍ରତିଆକ୍ରମଣକୁ ରୋକି ନପାରି ପ୍ରଥମ ଗୋଲ୍? ବରଣ କରିଥିଲା। ଏହି ଫିଲ୍ଡ ଗୋଲ୍‌ଟିକୁ ଇଗ୍ନାସିଓ ଆବାଜୋ ଦେଇଥିଲେ।

ଗୋଲ୍‌ପୋଷ୍ଟରେ ବାଜି ଫେରୁ ଆସୁଥିବା ସଟ୍‌କୁ ପୁଣି ଥରେ ଭିତରକୁ ପୂରାଇ ଇଗ୍ନାସିଓ ଏହି ଦର୍ଶନୀୟ ଗୋଲ୍‌ଟିକୁ ଅର୍ଜନ କରିଥିଲେ। ଏହାପରେ ଭାରତୀୟ ଦଳ କେତେକ ପେନାଲ୍ଟି କର୍ଣ୍ଣର ହାତଛଡ଼ା କରିଥିଲା। ହେଲେ ୩୦ ମିନିଟ୍ ପର୍ଯ୍ୟନ୍ତ ସ୍ପେନ୍ ଅଗ୍ରଭାଗକୁ ଅଟକାଇବାକୁ ସକ୍ଷମ ହୋଇଥିଲା। ମଧ୍ୟାନ୍ତର ପରେ କିନ୍ତୁ ସ୍ପେନ୍ ଏହି ଗତିରୋଧ ଦୂର କରିବାକୁ ସକ୍ଷମ ହୋଇଥିଲା। ଇଗ୍ନାସିଓ କବୋସ୍ ଏକ ସୁନ୍ଦର ଷ୍ଟ୍ରୋକ୍ ଜରିଆରେ ଆଉ ଏକ ଫିଲ୍ଡ ଗୋଲ୍ ଦେଇ ସ୍ଥିତି ୨-୦ କରି ନେଇଥିଲେ। ଭାରତୀୟ ଅଗ୍ରଭାଗ ଖେଳାଳିମାନେ ବହୁ ଚେଷ୍ଟା କରିଥିଲେ ମଧ୍ୟ ସ୍ପେନ୍ ରକ୍ଷଣଭାଗକୁ ଭେଦ କରିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ସେହି ସ୍କୋର ଲାଇନ୍‌ରେ ମ୍ୟାଚ୍ ହାରି ଭାରତ ପରାଜୟରୁ ତା'ର ଏହି ପର୍ଯ୍ୟାୟ ଆରମ୍ଭ କରିଥିଲା।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୨୨-୨୮ ଫେବୃଆରୀ- ୨୦୨୬

ବାଂଲାଦେଶରେ ରହମାନ ରାଜ୍




**ଜାତୀୟ:** ଚୀନ୍ ସହ ନେହେରୁ କାହିଁକି କରିଥିଲେ ପଞ୍ଚଶୀଳ ଚୁକ୍ତି ?
**ଅନ୍ତର୍ଜାତୀୟ:** ଝିଅକୁ ସୁପ୍ରିମ୍‌ଲିଡର କରିବେତାନାଶାହା କିମ୍ ଜୋଙ୍ଗ ଉନ୍
**ବିଶେଷ ପ୍ରସଙ୍ଗ:** ବାବ୍ରି ମସ୍‌ଜିଦ୍: ସାମ୍ପ୍ରଦାୟିକ ବିବାଦ ପ୍ରସଙ୍ଗ
**କ୍ଷୁଦ୍ରଗଳ୍ପ:** ଏଇଟା ତ ମୋ ଘର
**ନାରୀ:** ବିବାହିତା ମହିଳାମାନେ ସିନ୍ଥିରେ ସିନ୍ଦୂର କାହିଁକି ଲଗାନ୍ତି ?
**ଚଳଚ୍ଚିତ୍ର:** ବିବାଦରେ ଉଦିତ୍ ନାରାୟଣ
ପ୍ରେମରେ କନଫ୍ୟୁଜ୍ ନୁହଁନ୍ତି ଜେନ୍-ଜି
**ଖେଳ:** ସମାଲୋଚନାର ଶିକାର ହେଲେ ବାବର ଆଜମ
**ମୀନାବଜାର:** ମୀନାବଜାର: ପରୀକ୍ଷା ଓ ସାନୁ, ଚର୍ଚ୍ଚାରେ: ଗୋଟିଏ ରାତିରେ ଗାଁ ହୋଇଗଲା କୋଟିପତି, ବିଜ୍ଞାନ: ବିନା ଖାଇବା-ପିଇବାରେ କେତେଦିନ ବଞ୍ଚିପାରିବ ମଣିଷ ?, ପର୍ଯ୍ୟଟନ: ନଦୀ ଦ୍ୱୀପ ମାଜୁଲୀ, ଧର୍ମ: ପ୍ରତ୍ୟେକ ପୂଜାରେ କାହିଁକି ବ୍ୟବହାର ହୁଏ ପଞ୍ଚାମୃତ, କବିତା: ହସ ବାଣ୍ଟୁଥିବା ଝିଅ ଏହିଭଳି ଅନେକ ଉପାଦେୟ ପ୍ରସଙ୍ଗ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


# ସେମିଫାଇନାଲ ପାଇଁ ଭାରତକୁ କେତେ ମ୍ୟାଚ୍ ଜିତିବାକୁ ପଡ଼ିବ



ନୂଆଦିଲ୍ଲୀ : ଭାରତୀୟ ଦଳ ଆଇସିସି ଟି-୨୦ ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ ସହିତ ସୁପର ୮ରେ ସ୍ଥାନ ପାଇଛି। ଏବେ, ଦଳ ପାଖରେ ଆଉ ତିନୋଟି ମ୍ୟାଚ୍ ଅଛି, ଏବଂ ସୂର୍ଯ୍ୟକୁମାର ଯାଦବ ସେଗୁଡ଼ିକୁ ଜିତି ତାଙ୍କର ବିଜୟ ରଥକୁ ସେମିଫାଇନାଲରେ ପହଞ୍ଚାଇବା ଲକ୍ଷ୍ୟରେ ରହିଛନ୍ତି। ତଥାପି, ଏହା ଏତେ ସହଜ ହେବ ନାହିଁ। ଟିମ୍ ଇଣ୍ଡିଆ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ୍ ସହିତ ମୁକାବିଲା କରିବ। ତିନୋଟି ଦଳ ଶକ୍ତିଶାଳୀ, ଏବଂ ଏକ କଡ଼ା ପ୍ରତିଯୋଗିତା କାର୍ଡରେ ରହିଛନ୍ତି। ତେବେ ସେମିଫାଇନାଲରେ ପହଞ୍ଚିବା ପାଇଁ ଦଳକୁ କେତେ ମ୍ୟାଚ୍ ଜିତିବାକୁ ପଡିବ ତାହା ଜାଣିବାକୁ ସମସ୍ତଙ୍କ ମନରେ ଉତ୍ସାହ।

ଭାରତ ଏପର୍ଯ୍ୟନ୍ତ ଆଇସିସି ଟି-୨୦ ବିଶ୍ୱକପରେ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଛି। ଦଳ ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ବି ମ୍ୟାଚ୍ ନ ହାରି ସୁପର ୮ରେ ପହଞ୍ଚିଛି। ଭାରତ ୟୁଏଇ ବିପକ୍ଷରେ ୨୯ ରନରେ ବିଜୟୀ ହୋଇଥିଲା, ତା' ପରେ ନାମିବ୍ୟାକୁ ୯୩ ରନରେ ପରାସ୍ତ କରିଥିଲା। ଏହା ପରେ ପାକିସ୍ତାନ ବିପକ୍ଷରେ ୬୧ ରନର ଏକ ବଡ଼ ବିଜୟ ହାସଲ କରିଥିଲା। ଶେଷ ଗ୍ରୁପ ମ୍ୟାଚ୍‌ରେ ସେମାନେ ନେଦରଲ୍ୟାଣ୍ଡକୁ ୧୭ ରନରେ ପରାସ୍ତ କରିଥିଲେ।

**ସେମିଫାଇନାଲ ପାଇଁ କେତେଟି ମ୍ୟାଚ୍ ଜିତିବାକୁ ପଡିବ ? :** ଟି୨୦ ବିଶ୍ୱକପର ସୁପର ୮ ପାଇଁ ଦୁଇଟି ଗ୍ରୁପ୍ ସୃଷ୍ଟି କରାଯାଇଛି। ଟୁର୍ଣ୍ଣାମେଣ୍ଟ ଆରମ୍ଭରେ, ୨୦ଟି ଦଳର ଚାରିଟି ଗ୍ରୁପ୍ ଗଠନ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍ ରୁ ପାଞ୍ଚଟି ଦଳ ଥିଲେ। ପ୍ରତ୍ୟେକ ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇଟି ଦଳ ସୁପର ୮କୁ ଉନ୍ନୀତ ହୋଇଥିଲେ। ଟିମ୍ ଇଣ୍ଡିଆ ଏହି ରାଉଣ୍ଡରେ ତିନୋଟି ମ୍ୟାଚ୍ ମଧ୍ୟରୁ ଯଦି ତିନୋଟି ଜିତିଯାଏ ତେବେ ସିଧାସଳଖ ସେମିଫାଇନାଲ ସ୍ଥାନ ସୁରକ୍ଷିତ କରିବ। ଭାରତ ତିନୋଟି ମ୍ୟାଚ୍‌ରୁ ଦୁଇଟି ଜିତି ସେମିଫାଇନାଲରେ ମଧ୍ୟ ପହଞ୍ଚିପାରିବ, କିନ୍ତୁ ଏହା ଗ୍ରୁପ୍‌ର ଅବଶିଷ୍ଟ ଦଳଗୁଡ଼ିକର ନେଟ୍ ରନ୍ ରେଟ୍ ଦ୍ୱାରା ନିର୍ଣ୍ଣୟ କରାଯିବ। ଶେଷ ଚାରି ପାଇଁ ଯୋଗ୍ୟତା ଅର୍ଜନ କରିବା ପାଇଁ, ପ୍ରତ୍ୟେକ ଦଳକୁ ଅତି କମରେ ଦୁଇଟି ମ୍ୟାଚ୍ ଜିତିବାକୁ ପଡିବ।

**ନେଟ୍ ରନ୍ ରେଟ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ :** ଭାରତୀୟ ଦଳ ଏପର୍ଯ୍ୟନ୍ତ ତିନୋଟି ମ୍ୟାଚ୍ ଜିତିଛି ଏବଂ ଏହି ଗ୍ରୁପରେ ସର୍ବୋତ୍ତମ ନେଟ୍ ରନ୍ ରେଟ୍ ରଖିଛି। ଭାରତର ନେଟ୍ ରନ୍ ରେଟ୍ ୨.୫ ଉପରେ ଅଛି, ଯେତେବେଳେ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ୍ ଦୁଇ ପଏଣ୍ଟରୁ କମ୍ ପଛରେ ଅଛନ୍ତି। ସରଳ ଭାବରେ କହିବାକୁ ଗଲେ, ଯଦି ଟିମ୍ ଇଣ୍ଡିଆ ସୁପର ୮ରେ ଦୁଇଟି ମ୍ୟାଚ୍ ଜିତିଯାଏ, ତେବେ ଏହା ଚାରି ପଏଣ୍ଟ ଅର୍ଜନ କରିବ। ସୂର୍ଯ୍ୟକୁମାର ଯାଦବଙ୍କ ଦଳକୁ ସମାନ ପଏଣ୍ଟ ସହିତ ଦଳ ଉପରେ ନେଟ୍ ରନ୍ ରେଟ୍ ଅଗ୍ରଣୀତା ବଜାୟ ରଖିବାକୁ ପଡିବ। କେବଳ ସେତେବେଳେ ସେମାନେ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ।


ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583